

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର, ୨୭ ଅଗଷ୍ଟ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 27 AUGUST 2022
Vol.No. 35 ■ No. 225 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ପ୍ରାପ୍ତିସ୍ଥାନ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


# ଇସ୍ତଫା ଦେଲେ କଂଗ୍ରେସର ବରିଷ୍ଠ ନେତା ଗୁଲାମନବୀ ଆଜାଦ



ନୂଆଦିଲ୍ଲୀ, ୨୬/୦୮ : ଗୁଲାମ ନବୀ ଆଜାଦଙ୍କ ଇସ୍ତଫା କଂଗ୍ରେସରେ ବଡ କମ୍ପନ ଆଣିଛି । ବଡ଼ କଥା ହେଉଛି, ସୋନିଆ ଗାନ୍ଧୀଙ୍କୁ ଲେଖିଥିବା ୫ ପୃଷ୍ଠାର ଇସ୍ତଫା ପତ୍ରରେ, ଦଳରୁ ଦୂରେଇ ଯିବା ପାଇଁ ସେ ରାହୁଲ ଗାନ୍ଧୀଙ୍କୁ ଦାୟୀ କରିଛନ୍ତି । ଏପରିକି ରାହୁଲ ଗାନ୍ଧୀଙ୍କ ନିଷ୍ପତ୍ତି ପଛରେ ସୁରକ୍ଷାକର୍ମୀ ଓ ବ୍ୟକ୍ତିଗତ ସହଯୋଗୀଙ୍କ ହାତ ରହିଥିବା ସାଂଘାତିକ ଅଭିଯୋଗ କରିଛନ୍ତି । ରାହୁଲଙ୍କ ପିଲାଳିଆମି ଓ ଅପରିପକ୍ୱ ନିଷ୍ପତ୍ତି ଫଳରେ ଦଳ ଭିତରେ ଅଭିଜ୍ଞ ମାନଙ୍କୁ କଣଠେସା କରାଯାଇଛି । କପିଲ ସିବଲ ଓ ଅଶ୍ୱିନୀ କୁମାରଙ୍କ ପରେ ଗୁଲାମ ନବୀଙ୍କ ଇସ୍ତଫା କଂଗ୍ରେସ ପାଇଁ ▶▶ପୃଷ୍ଠା ୭

## ଜମ୍ମୁ-କାଶ୍ମୀର ଫେରିବି : ନିଜର ନୂଆ ଦଳ ଗଢ଼ିବି

ନୂଆଦିଲ୍ଲୀ, ୨୬/୦୮ : ଜମ୍ମୁ-କାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ନେତା ଗୁଲାମନବୀ ଆଜାଦ କଂଗ୍ରେସରୁ ଇସ୍ତଫା ଦେବା ପରେ ଏକ ବଡ ଘୋଷଣା କରିଛନ୍ତି । ଗୁଲାମନବୀ କହିଛନ୍ତି, ପୁଣିଥରେ ଜମ୍ମୁ-କାଶ୍ମୀର ଫେରିବି ଓ ନିଜର ଏକ ନୂଆ ରାଜନୈତିକ ଦଳ ଗଠନ କରିବି । ଏହାସହ ବିଜେପିରେ ସାମିଲ ହେବା ନେଇ ଯେଉଁ ଚର୍ଚ୍ଚା ହେଉଥିଲା ସେଥିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ, ଗୁଲାମନବୀ ଆଜାଦ ଖୁବଶୀଘ୍ର ନୂଆ ଦଳ ଗଠନ କରିବେ । ଏହାସହ ଜାତୀୟ ରାଜନୀତିରୁ ଜମ୍ମୁ-କାଶ୍ମୀର ରାଜନୀତିକୁ ଫେରିବାକୁ ସଂକେତ ଦେଇଛନ୍ତି । ଆଜାଦ କହିଛନ୍ତି, ମୁଁ ଜମ୍ମୁ ଯିବି, କାଶ୍ମୀର ମଧ୍ୟ ଯିବି । ଜମ୍ମୁ-କାଶ୍ମୀରରେ ନିଜର ଏକ ନୂଆ ଦଳ ଗଠନ କରିବି । ଏହାସହ ଆଜାଦ କହିଛନ୍ତି, ବିରୋଧୀ ମାନେ ୩ ବର୍ଷ ହେବ ମୁଁ ବିଜେପିରେ ସାମିଲ ହେବେ ବୋଲି କହି ଆସୁଛନ୍ତି । ଏପରିକି ମୁଁ ଉପରାଷ୍ଟ୍ରପତି ଓ ରାଷ୍ଟ୍ରପତି ପଦରେ ବସିବି ବୋଲି ମଧ୍ୟ ଚର୍ଚ୍ଚା କରିଛନ୍ତି । ତେବେ ବିଜେପିରୁ ଫୋନ୍ ଆସିଛି କି ନାହିଁ ପ୍ରଶ୍ନର ଉତ୍ତରରେ ଗୁଲାମନବୀ କହିଛନ୍ତି, ମୋତେ ବିଜେପି ନେତା କାହିଁକି ଫୋନ୍ କରିବେ, ମୁଁ କଣ ଏବେ ବିଜେପିରେ ଅଛି କି ? ମୋର ସମସ୍ତ ଦଳ ସହ ଭଲ ସମ୍ପର୍କ ରହିଛି । ମୁଁ କାହାକୁ କେବେ ବି ▶▶ପୃଷ୍ଠା ୭

# ବ୍ରହ୍ମପୁର ବଡ ମେଡିକାଲରେ ଲାଗିଲା ନିଆଁ



ଭୁବନେଶ୍ୱର,୨୬/୦୮ (ନି.ପ୍ର): ବ୍ରହ୍ମପୁର ବଡ ମେଡିକାଲ ଏମକେସିଜିର ସୁପରସ୍ପେଶାଲିଟି କୋଠାର ପଞ୍ଚମ ମହଲାରୁ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା । ଧୂଆଁ ଦେଖିବା ପରେ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ସୁରକ୍ଷାକର୍ମୀ । ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା କାର୍ଯ୍ୟରେ ଲାଗିଥିଲେ । ଦୀର୍ଘ ସମୟର କସରତ ପରେ ଆୟତ୍ତକୁ ଆସିଥିଲା ପରିସ୍ଥିତି । କିନ୍ତୁ ଧୂଆଁ ବାହାରିବା ପରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଥିଲା ତାହା ଅତ୍ୟନ୍ତ ଚିନ୍ତାଜନକ । ହସ୍ପିଟାଲର କୋଠାରୁ ଧୂଆଁ ବାହାରିବା ପରେ ଯେଉଁମାନେ ସେହି ମହଲାରେ ଥିଲେ ସେମାନେ କେମିତି ଜୀବନ ବଞ୍ଚାଇବେ ସେଥିପାଇଁ ବାହାରକୁ ଧାଇଁ ଥିଲେ । କେହି କେହି ଚିକିତ୍ସା ବେଡରୁ ଉଠି ବାହାରକୁ ଆସିବାକୁ ବାଧ ହୋଇଥିଲେ । ତେବେ ଏହି ସମୟରେ ଜଣେ ବୟସ୍କ ମହିଳା ମଧ ବାହାରକୁ ଚାଲିଆସିଥିଲେ, ତାଙ୍କର ଡାଏଲିସିସ୍ ଚାଲିଥିଲା । ଆଉ ନିଆଁ ଲାଗି ଯାଇଥିବା ଖବର ପାଇବା ପରେ ଜୀବନ ବଞ୍ଚାଇବା ପାଇଁ ତାଙ୍କ ସମ୍ପର୍କୀୟମାନେ ତାଙ୍କୁ ବାହାରକୁ ନେଇ ଆସିଥିଲେ । କେବଳ ସେତିକି ନୁହେଁ, ଆଉ ଯେଉଁମାନଙ୍କର ବି ଡାଏଲିସିସ୍ ଚାଲିଥିଲା ସେମାନେ ସମସ୍ତେ ପ୍ରାଣ ବିକଳରେ ବାହାରକୁ ଚାଲି ଆସିଥିଲେ । ପଞ୍ଚମ ମହଲାରେ ନିଆଁ ଲାଗିଥିବାରୁ ସେହି ମହଲାରେ ଯେତେ ଜଣ ଥିଲେ ପ୍ରାୟ ସମସ୍ତେ ବାହାରି ଆସିଥିଲେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ମହଲାରେ ସେହି ସମୟରେ ଦୁଇ ଜଣଙ୍କର ଚାଲିଥିଲା ଅସ୍ତ୍ରୋପ୍ରଚାର । ଜଣଙ୍କର ଅପରେସନ ପ୍ରାୟ ଶେଷ ହୋଇଯାଇଥିଲା । କିନ୍ତୁ ଅନ୍ୟ ଜଣଙ୍କର ୭୦ ପ୍ରତିଶତ ଅପରେସନ ସରିଥିଲା । ଆଉ ୩୦ ପ୍ରତିଶତ ବାକି ରହିଥିଲା । ଏହି ସମୟରେ ▶▶ପୃଷ୍ଠା ୭

# 'ଅପରେସନ ଲୋଟସ'କୁ ନେଇ ବିଜେପି ଉପରେ ବର୍ଷିଲା ଶିବସେନା



ନୂଆଦିଲ୍ଲୀ, ୨୬/୦୮ : ଦେଶର ଅନେକ ରାଜ୍ୟରେ ଚାଲିଥିବା ରାଜନୈତିକ କାର୍ଯ୍ୟକଳାପର ଘଟଣାକ୍ରମକୁ ନେଇ ବିଜେପିକୁ ଟାର୍ଗେଟ କରିଛି ଶିବସେନା । ଶିବସେନାର ମୁଖପତ୍ର 'ସାମନା' ମାଧ୍ୟମରେ ବିଜେପିକୁ କଡା ସମାଲୋଚନା କରାଯାଇଛି । 'ସାମନା' ରେ ବିଜେପିର ଅପରେସନ ଲୋଟସକୁ ଆତଙ୍କବାଦୀ ସଂଗଠନ ଅଲକାଏଦାର କାର୍ଯ୍ୟକଳାପ ସହ ତୁଳନା କରାଯାଇଛି । ସେପଟେ ଦଳ ପକ୍ଷରୁ କୁହାଯାଇଛି କି, ଦିଲ୍ଲୀରେ କେଜ୍ରିୱାଲ ସରକାର ଭାଙ୍ଗିବାରେ ଅପରେସନ ଲୋଟସ ବିଫଳ ହୋଇଛି । ବିରୋଧୀ ଶାସିତ ରାଜ୍ୟରେ ସରକାର ଭାଙ୍ଗିବା ସହ ବିରୋଧୀ ଦଳର ବିଧାୟକଙ୍କୁ ପ୍ରଲୋଭନ ଦେଖାଇ ବିଜେପିରେ ▶▶ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ ପ୍ରଧାନଶିକ୍ଷକ

ରାଉରକେଲା, ୨୬/୦୮ (ନି.ପ୍ର): ରାଜ୍ୟ ସରକାର ଓ ବିଭିନ୍ନ ସଂଗଠନ ଦ୍ୱାରା ବିଭିନ୍ନ ସମୟରେ ନାନା ପୁରସ୍କାର ପାଇଥିବା ଓ ଏକଦା ଶିକ୍ଷକ ସଂଗଠନର ନେତା ହୋଇଥିବା ଜଣେ ପ୍ରଧାନ ଶିକ୍ଷକ ପିଲା ମାନଙ୍କ ସାର୍ଟିଫିକେଟ ଦେବା ଲାଗି ୧୨ହଜାର ଟଙ୍କା ଲାଂଚ ନେଉଥିବା ଅଭିଯୋଗରେ ରାଉରକେଲା ଭିଜିଲାନ୍ସ ହାତରେ ଗିରଫ ହୋଇଛନ୍ତି । ସେ ହେଲେ ସୁନ୍ଦରଗଡ ଜିଲ୍ଲା କୁମଝରିଆ ଛାତ୍ରାବାସ ବିଦ୍ୟାଳୟର ପ୍ରଦାନ ଶିକ୍ଷକ ସଂଜୟ କୁମାର ସାମଲ । ରାଉରକେଲା ଭିଜିଲାନ୍ସ ଡିଭିଜନର ସୂଚନା ଅନୁଶାରେ, କୁମଝରିଆ ଅଂଚଳରେ ମହାଦେବ ଲାକ୍ରା ନାମକ ବ୍ୟକ୍ତି ନିଜ ପିଲା ମାନଙ୍କ ମାର୍କ ସିଟ, ସାର୍ଟିଫିକେଟ ଆଦି ଆଣିବାକୁ ବିଦ୍ୟାଳୟକୁ ବାରମ୍ବାର ଦଉଡୁଥିଲେ । ହେଲେ ଏସବୁ ଲାଗି ତାଙ୍କୁ ଶ୍ରୀ ସାମଲ ୧୨ ହଜାର ଟଙ୍କା ଲାଂଚ ଦାବି କରିଥିଲେ । ଆଜି ଅପରାହ୍ନରେ ୧୨ ହଜାର ଟଙ୍କା ଲେଣ ଦେଣ ବେଳେ ରାଉରକେଲା ଭିଜିଲାନ୍ସ ଡିଭିଜନର ଅଫିସର ମାନେ ରଂଗବୋଳା ଟଙ୍କା ସହ ଶ୍ରୀ ସାମଲଙ୍କୁ ଧରିଥିବା ଜଣା ପଡିଛି ।

# ବିଧାୟକଙ୍କ ବିଭିନ୍ନ ଦାବି ନେଇ ଗଠିତ କମିଟିର ପ୍ରଥମ ବୈଠକ



ଭୁବନେଶ୍ୱର,୨୬/୦୮ (ନି.ପ୍ର): ଓଡ଼ିଶା ବିଧାନସଭାର ସଦସ୍ୟ ଏବଂ ପୂର୍ବତନ ସଦସ୍ୟମାନଙ୍କର ଦରମା, ପେନ୍‌ସନ୍ ଏବଂ ଅନ୍ୟାନ୍ୟ ଭତା ବୃଦ୍ଧି ନିମନ୍ତେ ବିଧାୟକ ଏବଂ ପୂର୍ବତନ ବିଧାୟକଙ୍କ ତରଫରୁ ପ୍ରସ୍ତାବ ରହିଆସିଥିଲା । ଏ ସଂକ୍ରାନ୍ତରେ ଅନୁଧ୍ୟାନ କରିବା ପାଇଁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଚଳିତ ବଜେଟ ଅଧିବେଶନରେ ଏକ ୧୧ ଜଣିଆ ପରାମର୍ଶଦାତା କମିଟି ଗଠନ କରିଥିଲେ । ଶୁକ୍ରବାର ବିଧାନସଭାର ୫୩ ନମ୍ବର ପ୍ରକୋଷ୍ଠରେ ଏହି କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟିର ଅଧ୍ୟକ୍ଷ ବରିଷ୍ଠ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ବିଧାୟକମାନଙ୍କର ପେନ୍‌ସନ୍ ଏବଂ ଅନ୍ୟାନ୍ୟ ଭତା ବାବଦରେ ଆଲୋଚନା ହୋଇଛି । ପରବର୍ତ୍ତୀ ବୈଠକରେ ସଂସଦୀୟ ବ୍ୟାପାର ବିଭାଗକୁ ସଂଶ୍ଳିଷ୍ଟ କରି ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋଚନା ହେବ । ଆବଶ୍ୟକ ସ୍ଥଳେ କମିଟି ଅନ୍ୟାନ୍ୟ ରାଜ୍ୟର ବିଧାନସଭା ସଦସ୍ୟ ଏବଂ ପୂର୍ବତନ ସଦସ୍ୟମାନଙ୍କୁ ମିଳୁଥିବା ଦରମା, ପେନ୍‌ସନ୍ ▶▶ପୃଷ୍ଠା ୭

# ସାର ପାଇଁ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀଙ୍କ ଚିଠି



ଭୁବନେଶ୍ୱର,୨୬/୦୮ (ନି.ପ୍ର): ରାଜ୍ୟକୁ ଆବଶ୍ୟକ ପରିମାଣର ସାର ଯୋଗାଇଦେବାକୁ କେନ୍ଦ୍ରକୁ ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ । ଶୁକ୍ରବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ମନସୁଖ ମାଣ୍ଡଭିୟ ଙ୍କୁ ଚିଠି ଲେଖିଛନ୍ତି । ଚାଷୀଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ପାଇଁ ମାସିକ ଆବଶ୍ୟକ ପରିମାଣର ସାର ପଠାଇବାକୁ ମୁଖ୍ୟମନ୍ତ୍ରୀ ଚିଠି ରେ ଅନୁରୋଧ କରିଛନ୍ତି । ଏହାସହ ପୂର୍ବ ମାସ ଗୁଡିକର ବାକିଆ ସାର ମଧ୍ୟ ପଠାଇବାକୁ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ନବୀନ ଚିଠିରେ ଦର୍ଶାଇଛନ୍ତି, ଓଡ଼ିଶାକୁ ଚାହିଦା ଅନୁସାରେ ଏମଓପି ଏବଂ ଡିଏପି ସାର ମିଳିନି । ଜୁଲାଇ ଶେଷ ସୁଦ୍ଧା ରାଜ୍ୟକୁ ୪୭ ହଜାର ମେଟ୍ରିକ ଟନ ଡିଏପି ଏବଂ ୧ ହଜାର ମେଟ୍ରିକ ଟନ ଏମଓପି ସାର କମ୍ ମିଳିଛି । ରାଜ୍ୟରେ ଏବେ ଖରିଫ ଚାଲିଥିଲା ବେଳେ ଏ ସାରର ଚାହିଦା ଆକାଶଛୁଆଁ ରହିଛି । ଗତବର୍ଷ ରାଜ୍ୟକ୍ଷହ ବାତ୍ୟା ପାଇଁ ଚାଷୀକୁଳ ବହୁ କ୍ଷତି ସହିଛି । ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଏଥର ଭଲ ଫସଲ ପାଇଁ ପାଣିପାଗ ଅନୁକୂଳ ଅଛି ।

## ବରିଷ୍ଠ ସାମ୍ବାଦିକ ଅର୍ଦ୍ଧେନ୍ଦୁ ଦାସଙ୍କୁ ଜାମିନ୍

ଭୁବନେଶ୍ୱର,୨୬/୦୮ (ନି.ପ୍ର): ବରିଷ୍ଠ ସାମ୍ବାଦିକ ତଥା ଘରୋଇ ନ୍ୟୁଜ ଚ୍ୟାନେଲ ସଂପାଦକ ଅର୍ଦ୍ଧେନ୍ଦୁ ଦାସଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିଛି । ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଂଚର ଇଓଡବ୍ଲୁ ଅର୍ଦ୍ଧେନ୍ଦୁଙ୍କୁ ଗିରଫ କରିଥିଲା । ସୂଚନା ଥାଉକି, ଅର୍ଦ୍ଧେନ୍ଦୁଙ୍କ ନାଁରେ ୧ କୋଟି ଟଙ୍କାର ଠକେଇ ମାମଲା ରହିଛି । ଏହି ମାମଲାରେ ଗତ ଜୁନ୍ ୨୯ ତାରିଖ ରାତିରେ ଅର୍ଦ୍ଧେନ୍ଦୁଙ୍କୁ ନୟାଗଡ଼ ଜିଲ୍ଲା ଓଡ଼ଗାଁ ଅଂଚଳରୁ ଉଠାଇ ନେଇ ଜେରା କରିବା ପରେ ଇଓଡବ୍ଲୁ ଗିରଫ କରିଥିଲା । ଦିଲ୍ଲୀର ଜଣେ ବ୍ୟବସାୟୀଙ୍କ ନିକଟରୁ ଅର୍ଦ୍ଧେନ୍ଦୁ ଦାସ ନିଜ ଚ୍ୟାନେଲ ପାଇଁ ପ୍ରାୟ କୋଟିଏ ଟଙ୍କାର ଜିନିଷ କିଣିଥିଲେ । ମାତ୍ର ସେ ଏହି ଟଙ୍କା ଦେଇ ନ ଥିବା ନେଇ ବ୍ୟବସାୟୀଜଣକ ଅଭିଯୋଗ କରିଥିଲେ । ସେହିପରି ଅର୍ଦ୍ଧେନ୍ଦୁ ଦାସଙ୍କ ନାମରେ ବଡଗଡ଼ ଥାନା, ମର୍କତନଗରୀ ଥାନା ଓ ପୁରୀଘାଟ ଥାନାରେ ଆଉ ୩ଟି ମାମଲା ରୁଜୁ ହୋଇଥିଲା । ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଘରଭଡ଼ା ବାବଦ ଦେୟ ଅର୍ଦ୍ଧେନ୍ଦୁ ଦାସ ଦେଇ ନ ଥିବା ନେଇ ଘରମାଲିକ ବଡଗଡ଼ ଥାନାରେ ଅଭିଯୋଗ କରିଥିଲେ ।

# ବିଭିନ୍ନ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୬/୦୮ (ନି.ପ୍ର): ସମୁଦ୍ର ସ୍ତରରେ ମୌସୁମୀ ଟ୍ରଫ୍ ଲାଇନ୍ ବର୍ତ୍ତମାନ ଦକ୍ଷିଣ-ପୂର୍ବ ପାକିସ୍ତାନ ଉପରେ ରହିଥିବା ଲଘୁଚାପ କ୍ଷେତ୍ରର କେନ୍ଦ୍ର ଦେଇ ଗତି କରୁଛି । ଏବଂ ଦକ୍ଷିଣ-ପଶ୍ଚିମ ତା'ପରେ ପୂର୍ବ-ଦକ୍ଷିଣ- ପୂର୍ବ ଦିଗରେ ଗତିକରି ଉତ୍ତର-ପୂର୍ବ ବଙ୍ଗୋପସାଗରକୁ ଯାଇଛି । ଏହାର ପ୍ରଭାବରେ ଓଡିଶାର ଜିଲ୍ଲାଗୁଡ଼ିକରେ ଅଳ୍ପ କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଛି । ଭୁବନେଶ୍ୱରସ୍ଥିତ ଆଂଚଳିକ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି । ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ମୟୂରଭଂଜ, କେନ୍ଦୁଝର, ବୌଦ୍ଧ, ନୟାଗଡ଼, ଖୋର୍ଦ୍ଧା, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ଗଜପତି, ଗଂଜାମ, ଅନୁଗୁଳ, ଢ଼େଙ୍କାନାଳ, କଟକ, ଯାଜପୁର, ବାଲେଶ୍ୱର, ଭଦ୍ରକ ପ୍ରଭୃତି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲ୍ଲାଗୁଡ଼ିକୁ ୟେଲୋୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

## ନୂଆଖାଇରେ ୨ ଦିନ ସରକାରୀ ଛୁଟି ଘୋଷଣା କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଜୟନାରାୟଣ

ଭୁବନେଶ୍ୱର,୨୬/୦୮ (ନି.ପ୍ର): ପଶ୍ଚିମ ଓଡ଼ିଶାର ଲୋକପ୍ରିୟ ଗଣପର୍ବ 'ନୂଆଖାଇ' ଅବସରରେ ୨ ଦିନ ସରକାରୀ ଛୁଟି ଘୋଷଣା କରିବାକୁ ଦାବି କରିଛନ୍ତି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର । ଏହି ଦାବି ନେଇ ଶ୍ରୀ ମିଶ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୁକ୍ରବାର ଚିଠି ଲେଖିଛନ୍ତି । ଚିଠିରେ ସେ ଲେଖିଛନ୍ତି ଯେ, ଆସନ୍ତା ସେପ୍ଟେମ୍ବର ୧ ତାରିଖରେ ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଖାଇ' ପାଳନ ହେବ । କିନ୍ତୁ ଜିଲ୍ଲା ପ୍ରଶାସନ ସରକାରୀ କର୍ମଚାରୀ ଓ ଜନସାଧାରଣଙ୍କୁ ନୂଆଖାଇ ପର୍ବ ପାଳନ ପାଇଁ ୨ ଦିନ ଅନୁମତି ଦେଉନାହାନ୍ତି । ତେଣୁ ରାଜ୍ୟ ସରକାରଙ୍କୁ ମୁଁ ଅନୁରୋଧ କରୁଛି ଯେ, 'ନୂଆଖାଇ' ପର୍ବ ପାଇଁ ୨ ଦିନ ଲୋକାଲ ଛୁଟି ଘୋଷଣା କରାଯାଉ ।


ଦୈନିକ ନିରପେକ୍ଷ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

୩୩ଶ

ବାର୍ଷିକ ଉତ୍ସବ ସମାରୋହ-୨୦୨୨

ଅବଗଣନା

୧ ଦିନ ବାକି

ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବିଶିଷ୍ଟ ସାହିତ୍ୟ ସାଧକମାନଙ୍କ ସମାଗମରେ ସ୍ୱଚରିତ କବିତା ପାଠୋତ୍ସବ, ପ୍ରତିଭା ସମ୍ମାନ ପର୍ବ ଏବଂ ବହୁ ଆକାଂକ୍ଷିତ 'ଧ୍ୱନି ପ୍ରତିଧ୍ୱନି'ର ବାର୍ଷିକ ବିଶେଷାଙ୍କ ଉନ୍ମୋଚନ କରାଯିବ । ସମସ୍ତଙ୍କୁ ସାଦର ଆମନ୍ତ୍ରଣ ।

୨୮ ଅଗଷ୍ଟ, ୨୦୨୨, ରବିବାର @ପୂର୍ବାହ୍ନ- ୯ଟା
ସ୍ଥାନ : ଭେନିୟା ପାରାଡାଇଜ, ବାଲେଶ୍ୱର


# ବିଶିଷ୍ଟ ଗବେଷକ ଅଧ୍ୟାପକ ଦେବେନ୍ଦ୍ର କୁମାର ଦାଶଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି



ବାଲେଶ୍ୱର, ୨୬/୦୮ (ନି.ପ୍ର): ଓଡ଼ିଆ ସାହିତ୍ୟ ଜଗତର ନିଷ୍ଠାପର ଗବେଷକ, ବିଶିଷ୍ଟ ପ୍ରାବନ୍ଧିକ, ସାହିତ୍ୟ ସମାଲୋଚକ, ସର୍ବୋପରି ଫକୀରମୋହନ ଓ ରାଧାନାଥ ସାହିତ୍ୟର ଧୁରୀଣ ଆଲୋଚକ, ଅଧ୍ୟାପକ ଦେବେନ୍ଦ୍ର କୁମାର ଦାଶଙ୍କ ଆକସ୍ମିକ ବିୟୋଗରେ ସମଗ୍ର ଓଡ଼ିଶାର ସାହିତ୍ୟିକମାନଙ୍କ ମଧ୍ୟରେ ଗଭୀର ଶୋକର ଛାୟା ଖେଳି ଯାଇଥିଲାବେଳେ ବାଲେଶ୍ୱର ସାହିତ୍ୟିକମାନଙ୍କ ମଧ୍ୟରେ ଅନୁରୂପ ଶୋକ ପ୍ରକାଶ ପାଇଛି । ସୁବର୍ଣ୍ଣଶ୍ରୀ ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ପରଲୋକଗତ ଦାଶଙ୍କ ବିୟୋଗରେ ଆଜି ସନ୍ଧ୍ୟାରେ ନେଳିଆବାଗସ୍ଥିତ ସୁବର୍ଣ୍ଣଶ୍ରୀ କାର୍ଯ୍ୟାଳୟରେ ଏକ ନିରାଡ଼ମ୍ବର ଶୋକସଭା ଆୟୋଜିତ ହୋଇଥିଲା । ପ୍ରତିଷ୍ଠାନର ପ୍ରତିଷ୍ଠାତା କବି କାଳୀପଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବହୁ ସାହିତ୍ୟିକ ଓ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଦିବଂଗତ ଆତ୍ମାପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବିଶିଷ୍ଟ ଗବେଷକ ଡ.ଅରବିନ୍ଦ ଗିରି ସ୍ୱର୍ଗତ ଦାଶଙ୍କ ସହ ତାଙ୍କର ଦୀର୍ଘ ୨୫ବର୍ଷର ନିରନ୍ତର ସାରସ୍ୱତ ସମ୍ପର୍କର ସ୍ମୃତିଚାରଣ କରି ତାଙ୍କଭଳି ନିର୍ବିବାଦୀୟ ତଥ୍ୟପୂର୍ଣ୍ଣ ଗବେଷକ ଓ ସୁସମ୍ପାଦକଙ୍କ ବିୟୋଗ ଓଡ଼ିଆ ସମାଲୋଚନା ସାହିତ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ବର୍ଣ୍ଣନା କରିଥିଲେ । ୧୯୫୪ ମସିହା ଜୁଲାଇ ୨ ତାରିଖରେ ଜଗତସିଂହପୁର ଜିଲ୍ଲା ମାଛଗାଁ ନିକଟବର୍ତ୍ତୀ ବୀରନରସିଂହପୁର ଶାସନରେ ଜନ୍ମିତ ଅଧ୍ୟାପକ ଦେବେନ୍ଦ୍ର କୁମାର ଦାଶଙ୍କ ସମାଲୋଚନା ସାହିତ୍ୟକୁ ଅନ୍ୟମାନେ ସମାଲୋଚନା ସାହିତ୍ୟଜଗତର ଅନନ୍ୟ ସେନାପତି ବୋଲି ବର୍ଣ୍ଣନା କରନ୍ତି । ସ୍ୱର୍ଗତ ଦାଶଙ୍କର ଉଲ୍ଲେଖନୀୟ କୃତୀ ମଧ୍ୟରେ ରହିଛି ରାଧାନାଥ ଗ୍ରନ୍ଥାବଳୀ, ଫକୀରମୋହନ ଗ୍ରନ୍ଥାବଳୀ, ଓଡ଼ିଶାର ଜନକ ମଧୁସୂଦନ, ଉତ୍କଳ ସମ୍ମିଳନୀ ୧୮୦୩-୧୯୩୬ ପ୍ରଭୃତି । ଆଜିର ଏହି ଶ୍ରଦ୍ଧାଞ୍ଜଳି ସଭାରେ କବି ଅଭୟ ଦାସ, ଔପନ୍ୟାସିକ ସୃଷ୍ଟିଧର ପରିଡ଼ା, ଗାଳ୍ପିକ ରମେଶ ଚନ୍ଦ୍ର ଜେନା, ନାଟ୍ୟକାର ବିଜୟ କୁମାର ମହାକୁଡ଼, କବି ସୁଧାକର ସେଠୀ, ଆଡ୍‌ଭୋକେଟ୍ ବିଜୟ କୁମାର ପାଣିଗ୍ରାହୀ, ଆଡ୍‌ଭୋକେଟ୍ ସୁଧାଂଶୁ ଶେଖର ଦାସ, କବି ଅର୍ଚ୍ଚନା ନନ୍ଦୀ, ଯୋଗେଶ ଚନ୍ଦ୍ର ପ୍ରଧାନ, ବିଦ୍ୟାଧର ନାୟକ, ଅକ୍ଷୟ କୁମାର ବେହେରା, ବିଜନ କୁମାର ଦେ ପ୍ରମୁଖ ଯୋଗ ଦେଇଥିଲେ ।

# ନାହିଁ ନାହିଁର ଗ୍ରାମ କମାର ଖୋଲ

ନୂଆପଡ଼ା,୨୬/୦୬ (ନି.ପ୍ର): ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ମଣିଷର ମୌଳିକ ଆବଶ୍ୟକତା । ଏସବୁ ପରିପୂରଣ କରିବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି, କିନ୍ତୁ ଏବେ ବି ଅନେକ ଗାଁ ଅଛି ଯେଉଁଠି ସର୍ବନିମ୍ନ ସୁବିଧା ସୁଯୋଗ ମଧ ପହଂଚି ପାରି ନାହିଁ । ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକର ଏପରି ଏକ ଗାଁ ର ବାସ୍ତବ ଚିତ୍ରକୁ ନେଇ ଦେଖିବା ଏଇ ବିଶେଷ ରିପୋର୍ଟ-'ନାହିଁ ନାହିଁ ର ଗାଁ କମାର ଖୋଲ ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ ଖଇରା ଗ୍ରାମ ପଞ୍ଚାୟତର କମାର ଖୋଲ ଗାଁ । ଗାଁ ରେ କୋଡିଏ ପରିବାରର ୬୫ ଲୋକ ରହନ୍ତି । ଏହି ଗାଁ କୁ ଦେଖିଲେ ଏବେ ମଧ ବିକାଶ ଯେ ଅପହଞ୍ଚ ଯେ କୌଣସି ଲୋକ ମଧ କହି ପାରିବ । ଏହି ଗାଁ ରେ ନା ଅଛି ଅଙ୍ଗନୱାଡି କେନ୍ଦ୍ର, ନା ଅଛି ବିଦ୍ୟାଳୟ । ନାଁ ଅଛି ପାନୀୟ ଜଳର ସୁବିଧା ନାଁ ଅଛି ଯିବାଆସିବା ପାଇଁ ଭଲ ରାସ୍ତା ଖଣ୍ଡେ । ନାହିଁ ନାହିଁ ଭିତରେ ଜୀବନ ଜିଉଁଛନ୍ତି ଗ୍ରାମବାସୀ । ଲୋକଙ୍କ କଲ୍ୟାଣ ପାଇଁ ସବୁକିଛି କରାଯାଉଥିବା ଡିଣ୍ଡିମ ପିଟୁଥିବା ସରକାର କିନ୍ତୁ ଏମାନଙ୍କୁ ଭାଗ୍ୟ ଆଦରି ପଡି ରହିବାକୁ ବାଧ କରିଛନ୍ତି । ଗାଁ ର ମୂଖ୍ୟ ସମସ୍ୟା ହେଲା ରାସ୍ତା । ଗାଁ ଠାରୁ ଗ୍ରାମ ପଞ୍ଚାୟତ କୁ ଯିବା ପାଇଁ ଦୁଇଟି ରାସ୍ତା, ଗୋଟିଏ ରାସ୍ତାରେ କଷ୍ଟେ ମଷ୍ଟେ ଦୁଇ ଚକିଆ ଗାଡି ଯାଇପାରେ ସେହି ରାସ୍ତା ଦେଇ ଗଲେ ୨୨ କିଲୋମିଟର ପଡେ । ନାଗପଡା ଗ୍ରାମ ପଞ୍ଚାୟତର ମାକରବିର୍ଲି ଗାଁ ପର୍ଯ୍ୟନ୍ତ ଗଲାପରେ ପାଞ୍ଚ କିଲୋମିଟର ପାହାଡ଼ ଚଢ଼ିବାକୁ ପଡେ । ରାସ୍ତା ସାରା ଖାଲି ଛୋଟ ବଡ଼ ପଥର । ଅତି କଷ୍ଟରେ ବାଇକ ଚଢାଇବାକୁ ପଡେ । ଅନ୍ୟ ଏକ ରାସ୍ତା ୫ କିଲୋମିଟର ପଡେ,ଏହି ରାସ୍ତା ପାହାଡ଼ ଚଢି କି ଯିବାକୁ ପଡେ କିନ୍ତୁ ସାଇକେଲ ଟିଏ ମଧ ଯାଇ ପାରେନି । ଲୋକେ ବହୁତ କଷ୍ଟରେ ରାସନ ସାମଗ୍ରୀ ଓ ଭତ୍ତା ଟଙ୍କା ଆଣିବାକୁ ଖଇରା କୁ ଏହି ରାସ୍ତା ଦେଇ ଯାଆନ୍ତି । ଗାଁ ରେ ୨୦୧୭ ରେ ବିଦ୍ୟୁତ ସଂଯୋଗ କରାଗଲା କିନ୍ତୁ ତିନି ମାସ ପରେ ଆଉ ଲାଇଟ ଆସୁନାହିଁ । ଗାଁରେ ପାଣି ସମସ୍ୟା ଗୁରୁତର, ଗୋଟିଏ ମାତ୍ର କୂପରୁ ସମସ୍ତେ ପାଣି ପିଅନ୍ତି । ଖରା ମାସରେ ପାଣିର ଉତ୍କଟ ଅଭାବ ହେତୁ କିଛି ପରିବାର ଗାଁ ଛାଡିବାକୁ ବାଧ ହେଲେ ବୋଲି ଲୋକେ କହନ୍ତି । ସବୁ ଗାଁ କୁ ରାସ୍ତା କରାଯିବ ବୋଲି ସରକାର ଘୋଷଣା କରିଛନ୍ତି କିନ୍ତୁ ଏ ଗାଁ କୁ ଏପର୍ଯ୍ୟନ୍ତ ସରକାରୀ ଦୃଷ୍ଟି ପଡ଼ିନାହିଁ । ଗାଁ କୁ କୌଣସି ପ୍ରଶାସନିକ ଅଧିକାରୀ ଙ୍କ ପାଦ ପଡେନାହିଁ । ଗାଁ ସମସ୍ୟାକୁ ନେଇ ସ୍ୱର ଉତ୍ତୋଳନ କରୁଥିବା ଜିଲ୍ଲା ସାହାଯ୍ୟ ସେନାର ସଭାପତି ବେଣୁଧର ଜଗତ ଗତବର୍ଷ ଅଗଷ୍ଟ ପନ୍ଦର ତାରିଖରେ ପ୍ରଥମ ଥର ପାଇଁ ଗାଁରେ ପତାକା ଉତ୍ତୋଳନ କରିଥିଲେ । ଆମ ସହିତ ଗାଁ କୁ ପରିଦର୍ଶନ କରିଥିବା ବୋଡ଼େନ ବ୍ଲକ କନିଷ୍ଠ ଯନ୍ତ୍ରୀ ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବେ ବୋଲି କହିଛନ୍ତି । ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଗାଁ ସମସ୍ୟା କୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି । ଏନେଇ ଜିଲ୍ଲା ପରିଷଦ ବୈଠକରେ ଅନେକ ଥର ସେ ଉତ୍ଥାପନ କରିଥିଲେ ମଧ କେହି କର୍ଣ୍ଣପାତ କରୁ ନଥିବା କହିବା ସହ ଉପଯୁକ୍ତ ଫୋରମ ରେ ଏହି ପ୍ରସଙ୍ଗ ଉଠାଇ କମାର ଖୋଲ ଗାଁ ର ସବୁ ସମସ୍ୟା ସମାଧାନ କରାଯିବ ବୋଲି କହିଛନ୍ତି ।

## ଅଣସଂକ୍ରାମକ ରୋଗର ନିରୁପଣ ଶିବିର ଅନୁଷ୍ଠିତ

ଜୟପୁର ,୨୬/୦୬ (ନି.ପ୍ର): ଅଣସଂକ୍ରାମକ ରୋଗର ନିରୁପଣ ଶିବିର ଅନୁଷ୍ଠିତ ହୋଇଛି । ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଜୟପୁର ଏଲଆର ଓ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଜଗଧାତ୍ରୀପୁର ତରଫରୁ ଶିବିରି ଆୟୋଜନ କରିଥିଲେ । ଜୟପୁର ଏଲଆର ତରଫରୁ ପାରାବେଢା ଉଚ୍ଚ ପ୍ରଥମିକ ବିଦ୍ୟାଳୟରେ ହୋଇଥିବା ବେଳେଜୟନଗର ଡଙ୍ଗର ଦେଇ ମନ୍ଦିର ନିକଟରେ ଜଗଧାତ୍ରୀପୁର ଆରୋଗ୍ୟ କେନ୍ଦ୍ର ଦ୍ୱାରା ଶିବିର କରାଯାଇଥିଲା । ଏହି ଶିବିରରେ ରୋଗ ନିରୁପଣ, ରକ୍ତ ପରୀକ୍ଷା ଆଦି କରାଯାଇ ଔଷଧ ବିତରଣ କରାଯାଇଥିଲା। ୪ଟି ଡାକ୍ତର ଉପସ୍ଥିତ ରହି ପରୀକ୍ଷା କରିଥିଲେ । ଜୟନଗର ଠାରେ ୩୬୬ ଜଣ ରୋଗି ଚିକିତ୍ସିତ ହୋଇଥିବା ବେଳେ ପାରାବେଡାରେ ୩୪୭ ରୋଗି ଚିକିତ୍ସିତ ହୋଇଛନ୍ତି ।

# ଧର୍ମଶାଳା ମହାବିଦ୍ୟାଳୟରେ ଅନଲାଇନ ଫି'କୁ ନେଇ ଅସନ୍ତୋଷ

ଧର୍ମଶାଳା,୨୬/୦୬ (ନି.ପ୍ର): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ନାମଲେଖା ଚଳିତ ମାସ ୧୯ ତାରିଖରୁ ଆରମ୍ଭ ହୋଇଛି । ଏହି ଲାମ ଲେଖା ପ୍ରିୟା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରଥମ ପର୍ଯ୍ୟାୟ କଟ୍ ଅଫ ମାର୍କ ପ୍ରକାଶ ପାଇବା ପରେ ଆବେଦନ କରିଥିବା ଛାତ୍ରଛାତ୍ରୀମାନେ ନିଜ ପ୍ରଥମ ପସନ୍ଦରେ କଲେଜରେ ନାମ ଲେଖାଉଛନ୍ତି । ଏହି କ୍ରମରେ ଯାଜପୁର ଜିଲା ଧର୍ମଶାଳା ବ୍ଲକର ବିଭିନ୍ନ କଲେଜରେ ନାମ ଲେଖାବେଳେ ଅନଲାଇନ୍ ଫି' ଦାଖଲକୁ ନେଇ ଅଭିଭାବକ ଓ ଛାତ୍ରଛାତ୍ରୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ନାମ ଲେଖା ଫି' ବାବଦକୁ ଛାତ୍ରଛାତ୍ରୀମାନଙ୍କୁ ଅନଲାଇନ୍‌ରେ ଡିପୋଜିଟ କରିବାକୁ କୁହାଯାଇଛି । ଯାହାକି ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି । ସେମାନେ ବାଧ୍ୟହୋଇ ବଜାରରେ ଥିବା ବିଭିନ୍ନ ଡିଜିଟାଲ ପେମେଂଟ ଦୋକାନୀଙ୍କ ଜରିଆରେ ଲମ୍ବା ଲାଇନ ଲଗାଇ ଅପେକ୍ଷା କରି କଲେଜ ଏକାଉଁଟରେ ଡିପୋଜିଟ କରୁଛନ୍ତି । ଅନଲାଇନ ପ୍ରେମେଂଟ ରସିଦ କଲେଜରେ ଦାଖଲ ପରେ ନାମ ଲେଖା ଯାଇପାରୁଛି । କଳା ଓ ବାଣିଜ୍ୟ ବିଭାଗରେ ୫ହଜାର୫ଶହ ଟଙ୍କା ଓ ବିଜ୍ଞାନ ବିଭାଗରେ ୬ହଜାର୫ଶହ ଟଙ୍କା ଫି' ଦାଖଲ କରାଯାଉଥିବା ବେଳେ ଅନଲାଇନରେ ଡିପୋଜିଟ ପାଇଁ ଆଉ ଅଧିକ ୨ଶହ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ଅନ୍ୟ କଲେଜମାନଙ୍କରେ ସିଧାସଳଖ ଭାବେ କ୍ୟାସ ଡିପୋଜିଟ କରାଯାଉଥିବାବେଳେ ଧର୍ମଶାଳା ମହାବିଦ୍ୟାଳୟରେ ଏଭଳି ନିୟମକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି ।

# ବେତଡା ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ଦିବସ



ବାସୁଦେବପୁର ,୨୬/୦୬ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବେତଡା ଉତ୍କଳମଣି ସଂସ୍କୃତ ମହାବିଦ୍ୟାଳୟ ରେ ସଂସ୍କୃତ ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଧାତ୍ମିକ ପ୍ରବକ୍ତା ପଣ୍ଡିତ ବିରେନ୍ଦ୍ର ପଣ୍ଡା ସଂସ୍କୃତ ଦିବସ ର ତାତ୍ପର୍ଯ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧରେ ସଂସ୍କୃତ ପଣ୍ଡିତ ଭୂପତି ଭୂଷଣ ମିଶ୍ର, କବି ଓ ସାମ୍ବାଦିକ ବନମାଳୀ ବାରିକ ଓ ଅଧାପକ ବେଣୁଧର ପରିଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ମହାବିଦ୍ୟାଳୟ ର ଅଧକ୍ଷ ଚିତ୍ତ ରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ସଂସ୍କୃତ ଅଧାପକ ରାମଚନ୍ଦ୍ର ନାୟକ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅଧାପିକା କାନ୍ତା ରାଣୀ ଦାସ ଅତିଥି ପରିଚୟ ଓ ଅଧାପକ ବ୍ରଜ କିଶୋର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅଧାପିକା ମଞ୍ଜୁଳପ୍ରଭା ପଣ୍ଡା ବେଦ ପାଠ ଓ ସସ୍ମିତା ଦାସ ବିବରଣୀ ପାଠ କରିଥିଲେ । ସ୍ୱର୍ଣପ୍ରଭା ମହାପାତ୍ର ଧନ୍ୟବାଦ ଦେଇଥିଲେ । ମହାବିଦ୍ୟାଳୟ ର କର୍ମଚାରୀ ଜଗବନ୍ଧୁ ପଣ୍ଡା, ରମାକାନ୍ତ ଶଙ୍ଖୁଆ, ପୂର୍ଣ୍ଣଚନ୍ଦ୍ର ମହାନ୍ତି ଓ ଭଗବାନ ଲେଙ୍କା ଉତ୍ସବ ପରିଚାଳନା ରେ ସହଯୋଗ କରିଥିଲେ । ସମସ୍ତ ଛାତ୍ର ଛାତ୍ରୀ ଏହି ସଭାରେ ଯୋଗ ଦେଇଥିଲେ । ଶେଷରେ ସମସ୍ତେ ପ୍ରସାଦ ସେବନ କରିଥିଲେ ।

# ବନ୍ୟା ପରେ ରୋଗ ଭୟ, ସଜାଗ ରହିବାକୁ ଡାକ୍ତରୀ ଟିମ୍‌କୁ ନିର୍ଦ୍ଦେଶ



ଧାମନଗର,୨୬/୦୬ (ନି.ପ୍ର): ଦୁଇ ଦୁଇ ଥର ବନ୍ୟା ଦ୍ୱାରା ଧାମନଗର ବ୍ଲକର ପ୍ରାୟ ୨୬ ପଞ୍ଚାୟତର ୧୦ହଜାର ହେକ୍ଟରୁ ଉର୍ଦ୍ଧ୍ୱ ଚାଷଜମି ଜଳମଗ୍ନ ହୋଇଯାଇଥିଲା । ଏବେ ଚାଷଜମିରୁ ବନ୍ୟାଜଳ କମିଛି ମାତ୍ର ଚାଷଜମି ନଷ୍ଟ ହୋଇଯାଇଛି । ଅନେକ ଚାଷଜମିରେ ପଟୁ ପଡ଼ି ଆଉ ଚାଷ ହେବା ଅବସ୍ଥାରେ ନାହିଁ । ବନ୍ୟା ଛାଡ଼ିବା ପରେ ଚାଷୀଙ୍କୁ ଚାଷ ଚିନ୍ତା ଘାରିଥିବା ବେଳେ ଆକାଶଛୁଆଁ ମଜୁରିକୁ ନେଇ ଚାଷୀ ଚିନ୍ତାରେ । କିଛି କିଛି ସ୍ଥାନରେ ବନ୍ୟାରେ ଧାନ ତଳି ନଷ୍ଟ ହୋଇଥିବାରୁ ଚାଷୀ ରୁଆପୋତା କରିବାକୁ ଧାନତଳି ପାଉନାହିଁ । ସେହିପରି ବନ୍ୟା ପରେ ଏବେ ବିଭିନ୍ନ ପଞ୍ଚାୟତର ଲୋକମାନଙ୍କୁ କାଶ, ଜ୍ୱର ଆଦି ହେବାରେ ଲାଗିଛି । ଅନେକ ଅଞ୍ଚଳରେ ଡ଼େଙ୍ଗୁ ଭୟ ଥିବାବେଳେ ଭଦ୍ରକରୁ ଏକ ମେଡ଼ିକାଲ ଟିମ୍ ଧାମନଗର ବନ୍ୟାଞ୍ଚଳରେ ବିଭିନ୍ନ ଗ୍ରାମକୁ ଯାଇ ପରୀକ୍ଷା ନିରୀକ୍ଷା କରୁଛନ୍ତି । ବିଶେଷ କରି ସୋହଡ଼ା, ଆନନ୍ଦପୁର, ଖଡ଼ିପଦା, କରଦା, ପଧାନୀ, ଅର୍ଜୁନପୁର, ଭଙ୍ଗସାହି, ନଦୀଗାଁ, ହସନାବାଦ ଆଦି ପଞ୍ଚାୟତରେ ଡେଙ୍ଗୁ ଭୟ ଥିବାରୁ ସେଠାରେ ମେଡ଼ିକାଲ ଟିମ୍ ପରୀକ୍ଷା ନିରୀକ୍ଷା କରୁଛନ୍ତି ।

ବନ୍ୟାଞ୍ଚଳରେ ରୋଗ ଭୟ ଥିବାରୁ ଏଥିପ୍ରତି ସଜାଗ ରହିବାକୁ ଡାକ୍ତରୀ ଟିମ୍‌କୁ ନିର୍ଦ୍ଦେଶ ଦିଆଯାଇଛି । କିନ୍ତୁ ଅଧିକାଂଶ ଡାକ୍ତରଖାନାରେ ଡାକ୍ତର ନାହାନ୍ତି । ହସନାବାଦ ପଞ୍ଚାୟତର ଗୋପବନ୍ଧୁନଗର ଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ମାସ ହେବ ଡ଼ାକ୍ତର ନିଯୁକ୍ତି ହୋଇନଥିବା ବେଳେ ଜଣେ ଫାର୍ମାସିଷ୍ଟକୁ ନେଇ ଚାଲିଛି ଡାକ୍ତରଖାନା । ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ ରୋଗୀସେବା ବିପର୍ଯ୍ୟସ୍ତ । କ୍ରମାଗତ ବର୍ଷା ଓ ବନ୍ୟା ଦ୍ୱାରା ଡେଙ୍ଗୁ ଭୂତାଣୁ ନ' ବ୍ୟାପିବା ପାଇଁ ଆଜି ଧାମନଗର ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀମାନେ ସଜାଗ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା । ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ମିତାଲି ଶ୍ରୀବାସ୍ତଙ୍କ ସଂଯୋଜନାରେ ଧାମନଗର ପଂଚାୟତ ସମିତି ଅଧକ୍ଷା ଶର୍ମିଷ୍ଠା ବେହେରା, ଧାମନଗର ଏନ୍‌ଏସି ଅଧକ୍ଷା ନିବେଦିତା ଜେନା, ଜିଲ୍ଲା ଲୋକସ୍ୱାସ୍ଥ୍ୟ ଅଧିକାରୀ ଭାରତୀ ରାଉତ, ବିପିଏମ୍ ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ସେହିପରି ବୈତରଣୀ, କୋଚିଳା ଓ ଗେଙ୍ଗୁଟି ନଦୀବନ୍ଧର ବିଭିନ୍ନ ସ୍ଥାନରେ ଧସିବା ଓ ଫାଟ ସୃଷ୍ଟି ହୋଇଥିବାରୁ ଜଳସେଚନ ବିଭାଗ ପକ୍ଷରୁ ମରାମତି କରିବାକୁ ଅଣ୍ଟା ଭିଡିଛି । ଠିକାଦାରମାନଙ୍କ ମଧରେ କିଏ କାର୍ଯ୍ୟ କରିବ ସେ ନେଇ ଭିଡ଼ାଭିଡ଼ି ଚାଲିଛି । ବନ୍ୟା ସମୟରେ କୋଚିଳା, ବୈତରଣୀ ଓ ଗେଙ୍ଗୁଟି ନଦୀବନ୍ଧ ଉପରେ ବାଲିବସ୍ତା ରଖି ବିଲ୍ କରିବା ପାଇଁ ମସୁଧା ମଧ ଚଳାଇଛନ୍ତି । ନିକଟରେ ନଦୀବନ୍ଧ ସୁଦୃଢୀକରଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଇଥିଲା । ମାତ୍ର ବର୍ଷା ଓ ବନ୍ୟାରେ ସବୁ ଧୋଇ ଯାଇଛି । ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ଦାବି ହୋଇଛି ।

# ଡ୍ରେନେଜରେ ଜଳନିଷ୍କାସନ ନହେବାରୁ ମହାନଦୀ-ଚିତ୍ରୋତ୍ପଳାବାସୀ ହତାଶ : ଚିନ୍ତାରେ ଚାଷୀ

ସାଲେପୁର ,୨୬/୦୬ (ନି.ପ୍ର): ଚିତ୍ରୋତ୍ପଳା-ମହାନଦୀ ଦୀପାଂଚଳରେ ବର୍ଷା ଜଳ ସୁଚାରୁ ରୂପେ ନିଷ୍କାସନ ହୋଇନପାରିବାରୁ ଦୀପାଚଳବାସୀଙ୍କ ପାଇଁ ଭଗବାନ ହିଁ ଏକମାତ୍ର ଭରଷା ବୋଲି ଦୀପାଂଚଳରେ ବସବାସ କରୁଥିବା ପରିବାରମାନେ ଆମ ପ୍ରତିନିଧିଙ୍କୁ କହିଛନ୍ତି । ସୂଚନା ଯୋଗ୍ୟ ଯେ ବର୍ଷା ଦିନେ ଚିତ୍ରୋତ୍ପଳା-ମହାନଦୀରେ ବନ୍ୟାଜଳ ସାଙ୍ଗକୁ ଲଘୁଚାପ ଜନିତ ବର୍ଷା ହେଲେ ଏହି ପାଣି ନିଷ୍କାସନ ହେବା ପାଇଁ ବାଟ ନଥାଏ । ଯେଉଁ ବାଟ ବ୍ରିଟିଶ ସମୟରୁ ଅଛି ରକ୍ଷଣାବେକ୍ଷଣ ଅଭାବରୁ ସମୟକ୍ରମେ ପୋତି ହୋଇପଡିବାର ବର୍ଷାଜଳ ଚିତ୍ରୋତ୍ପଳା ନଦୀକୁ ନିଷ୍କାସନ ହୋଇପାରି ନଥାଏ । ସରକାରଙ୍କ ରାଜକୋଷରୁ ପ୍ରତିବର୍ଷ ଡ୍ରେନେଜ ବିଭାଗ ମାଧବରେ ବର୍ଷାଜଳ ନିଷ୍କାସନ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଥିଲା ବେଳେ କୌଣସି ସମୟରେ ଅର୍ଥ ଲୋକମାନଙ୍କ କାମରେ ଆସେ ନାହିଁ । ଯାହାଫଳରେ ଚଳିତ ବର୍ଷ ମହାନଦୀରେ ବନ୍ୟା ହେବା ଦ୍ୱାରା ତାହାର ଶାଖାନଦୀ ଚିତ୍ରୋତ୍ପଳାରେ ପାଣି ଅନବରତ ଚାଲିବା ସାଙ୍ଗକୁ ଲଘୁଚାପ ଜନିତ ବର୍ଷାରେ ଜନାର୍ଦ୍ଦନପୁର କେଉଟୁଲି ଗ୍ରାମର ବହୁ ଦିନର କେନାଲ ପୋଲ,କଳମିଶ୍ରି ପଂଚାୟତର ଅନ୍ତେଶ୍ୱର ଗଡା କେନାଲବନ୍ଧ ରାସ୍ତା, ୧୦ଟି ଗ୍ରାମର ଚାଷ ଜମିରୁ ପାଣି ନିଷ୍କାସନ, ସାନ୍ତପୁର ପଂଚାୟତର ଦୀପାଂଚଳ ଚାଷକ୍ଷେତରୁ ଜଳନିଷ୍କାସନ ପାଇଁ ପ୍ରତିକାର ସ୍ୱରୂପ କଟକ ସଦର ବିଧାୟକ ଡ୍ରେନେଜ ବିଭାଗର ଉପରିସ୍ଥ କର୍ମଚାରୀଙ୍କୁ ଡାକି ଏକ ସମୀକ୍ଷା ବୈଠକ କରିଥିଲେ । ପାଳଦାଠାରେ କେନାଲ ବନ୍ଧର ପୋଲ ଓ ରାସ୍ତା, ବାବୁଜଙ୍ଗ-ଦୁଲୁପୁର ସାଗ୍ରାମପୁର ରାସ୍ତା, ମୁଗୁରିଆ ପାଟରୁ ପାଣି ନିଷ୍କାସନ,ବାଙ୍କଲ ସୁଇସ୍ ଗେଟ୍, ହରିନଦା ପୋଲ, ମହମ୍ମଦପୁର କଟିକଟା-ଜୟପୁର ରାସ୍ତା ଉପରେ ପୋଲ ପ୍ରଭୃତିକୁ ବୁଲି ଦେଖି ଏହାକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କ ନିର୍ଦ୍ଦେଶକୁ ବିଭାଗୀୟ କର୍ମଚାରୀ କେତେଦୂର ପାଳନ କରି ଜନସାଧାରଣଙ୍କ ସମସ୍ୟା ସମାଧାନ କ୍ଷେତ୍ରରେ ପାରଦର୍ଶିତା ଦେଖାଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

# ଦୁର୍ଘଟଣା ବ୍ୟକ୍ତି ପାଇଁ ଗୋଲଡେନ୍ ଆୱାର୍ ମହତ୍ୱପୂର୍ଣ୍ଣ : ରକ୍ଷକ

ବଲାଙ୍ଗିର ,୨୬/୦୬ (ନି.ପ୍ର): ସରକାରୀ ମହାବିଦ୍ୟାଳୟ ବଲାଙ୍ଗିର ଠାରେ ଆଂଚଳିକ ପରିବହନ କାର୍ଯ୍ୟାଳୟ ବଲାଙ୍ଗିର ତରଫରୁ ରକ୍ଷକ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ତାଲିମ ରାସ୍ତା କଡରେ ଥିବା ବିଭିନ୍ନ ଦୋକାନୀ, ରାସ୍ତା ବ୍ୟବହାରକାରୀ ତଥା ସ୍ୱେଚ୍ଛାସେବୀମାନଙ୍କୁ ତାଲିମ ପ୍ରଦାନ କରାଯାଇଛି । ଆରଟିଓ ଦାସ ପ୍ରଭାସ କୁମାରଙ୍କ ସଭାପତିତ୍ୱ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ଯୋଗଦାନ କରିଥିଲେ । ଅନ୍ୟ ସମ୍ମାନିତ ଅତିଥି ଭାବରେ ବଲାଙ୍ଗିର ତହସିଲଦାର ଅମୃତଲାଲ ବେହେରା, ବଲାଙ୍ଗିର ମହାବିଦ୍ୟାଳୟର ଅଧକ୍ଷ ଡ. ଅଶୋକ କୁମାର ମହାପାତ୍ର, ବଲାଙ୍ଗିର ଟ୍ରାଫିକ ଇନସପେକ୍ଟର ଯଶୋବନ୍ତ ଚିନାରା, ଏମ୍‌ଭିଆଇ କାହ୍ନୁଚରଣ ବାନାରା ପ୍ରମୁଖ ମଂଚାସିନ ଥିଲେ । ବିଭିନ୍ନ ସମୟରେ ତଥା ବିଭିନ୍ନ ସ୍ଥାନରେ ସେ ଯାନ୍ତ୍ରିକ ତୃଟି ହେଉ କି ମାନବକୃତ ପ୍ରତିଦିନ ସଡକ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଉଛି । ଧନ ଜୀବନ ହାନି ଘଟିବା ସହିତ ଅନେକ ପରିବାର ସର୍ବହରା ହୋଇ ପଡୁଛନ୍ତି । ତେଣୁ ଦୁର୍ଘଟଣା ସମୟରେ ମାନବିକତା ଗୁଣ ନେଇ ପ୍ରତ୍ୟେକ ବ୍ୟକ୍ତି ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିମାନଙ୍କୁ ଯଥାଶୀଘ୍ର ପ୍ରଥମିକ ସହାୟକ ଭାବରେ କାର୍ଯ୍ୟ କରି ଡାକ୍ତରଖାନାକୁ ପହଂଚାଇବା ଜଣେ ରକ୍ଷକର କାର୍ଯ୍ୟ ଅଟେ । ଦୁର୍ଘଟଣାର ପ୍ରଥମ ଏକ ଘଣ୍ଟା ଆହତ ବ୍ୟକ୍ତି ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ । ଏହି ସମୟ ମଧରେ ସଠିକ୍ ଚିକିତ୍ସା କରାଗଲେ ବ୍ୟକ୍ତିର ଜୀବନ ବଂଚାଯାଇ ପାରିବ । ତେଣୁ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ପାଇଁ ଗୋଲଡେନ ଆୱାର ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ବୋଲି ଅତିଥିଗଣ ମତପ୍ରକାଶ କରିଥିଲେ । ରକ୍ଷକ ତାଲିମଦାତା ମଦନ ମୋହନ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ.ଦୈତାରି ପୂଝାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଠାରୁ ରାମ ନାରାୟଣ ଦାଶଙ୍କୁ ଗୁଡ୍ ସମରିଟାନ ଭାବରେ ପ୍ରମାଣପତ୍ର ସହିତ ୨ହଜାର ଅର୍ଥ ରାଶି ଚେକ୍ ମାଧମରେ ପ୍ରଦାନ କରି ସମ୍ବର୍ଦ୍ଧିତ କରା ଯାଇଥିଲା । ତାଲିମଦାତା ଭାବରେ ବିରଂଚି ନାରାୟଣ ଦାଶ, ରଶ୍ମିରାଣୀ ଦାଶ, ଦୁର୍ଯ୍ୟୋଧନ ପଶାୟତ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠି, ଅରବିନ୍ଦ କୁମ୍ବାର, ପ୍ରଭାକର ଛନ୍ଦ କାର୍ଯ୍ୟ ତୁଳାଇଥିଲେ ।

# ଡ୍ୟାମ ହିଡରେ ଫାଟ

ନୂଆପଡ଼ା,୨୬/୦୬ (ନି.ପ୍ର) : ନୂଆପଡା ଜିଲ୍ଲାର ପ୍ରମୁଖ ଜଳସେଚନ ପ୍ରକଳ୍ପ ହେଉଛି ଇନ୍ଦ୍ର ଲୋୟର ଜଳସେଚନ ପ୍ରକଳ୍ପ ତିଖାଲି ଡ୍ୟାମ । ଏହି ଡ୍ୟାମ ତିଆରି ପାଇଁ ଅଦ୍ୟାବଧି ଏକୋଇଶ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ପୁଣି ୩ଶହ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି ।ଗତବର୍ଷ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଲୋକାର୍ପଣ କରିଥିଲେ ।ଏହି ପ୍ରକଳ୍ପରୁ ନୂଆପଡା ଜିଲ୍ଲା ଖଡ଼ିଆଳ ଓ ବୋଡ଼େନ ବ୍ଲକର ତେର ହଜାର ପାଞ୍ଚ ଶହ ହେକ୍ଟର ଜମି ଓ ବଲାଙ୍ଗୀର ଜିଲ୍ଲାର ୧୬ ହଜାର ଚାରିଶହ ହେକ୍ଟର ଜମି ଜଳସେଚିତ ହେଉଅଛି ।ବର୍ତ୍ତମାନ ଏହି ଡ୍ୟାମ ର ମୁଖ୍ୟ ଗେଟ ରୁ ଦର ଗାଁ ପଟକୁ ଯାଇଥିବା ହିଡ ରେ ଫାଟ ସୃଷ୍ଟି ହୋଇଛି ।ପ୍ରାୟ ଦୁଇ ଶହ ଫୁଟ ପର୍ଯ୍ୟନ୍ତ ଫାଟ ହୋଇଥିବା ବେଳେ ମରାମତି କରାଯାଇନି ।ଏନେଇ ଲୋକେ ଆତଙ୍କିତ ହୋଇ ପଡିଛନ୍ତି ।ବର୍ତ୍ତମାନ ଲଘୁଚାପଜନିତ ବର୍ଷା ଲାଗି ରହୁଥିବାରୁ ଲୋକେ ଏହି ଫାଟକୁ ନେଇ ଭୟଭୀତ ଅଛନ୍ତି ଓ ଶୀଘ୍ର ମରାମତି କରିବା ପାଇଁ ଦାବି କରିଛନ୍ତି ।ଏନେଇ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ଏସ ଏସ ଦାସ ଙ୍କୁ ପଚାରିବାରୁ ପ୍ରତି ଡ୍ୟାମ ନିର୍ମାଣରେ ସେମିତି ହୋଇଥାଏ ଓ ଭୟର କୌଣସି କାରଣ ନାହିଁ ବୋଲି କହିବା ସହ ଦୁଇ ଦିନ ମଧରେ ମରାମତି କରି ଦିଆଯିବ ବୋଲି କହିଛନ୍ତି କିନ୍ତୁ କ୍ୟାମେରା ଆଗରେ କିଛି କହିବାକୁ ମନା କରିଦେଇଛନ୍ତି ।ଉଲ୍ଲେଖଯୋଗ୍ୟ ଯେ ଏହି ଡ୍ୟାମ ଦୁଇ ହଜାର ମସିହାରେ ଆରମ୍ଭ ହୋଇଥିଲା ଓ ଦୁଇ ହଜାର ଛଅ ମସିହାରେ ଶେଷ କରିବାର ଧାର୍ଯ୍ୟ ରଖାଯାଇଥିଲା କିନ୍ତୁ ଦୁଇ ହଜାର ଅଠର ମସିହାରେ କାର୍ଯ୍ୟ ସରିଥିଲେ ମଧ ସମ୍ପୂର୍ଣ୍ଣ ହୋଇ ପାରିନାହିଁ ।ଡ୍ୟାମ ରେ ୨୬୫ ମିଟର ପାଣି ରହିବାର ଲକ୍ଷ ଥିଲେ ମଧ ୨୬୨.୩୦୦ମିଟର ପାଣି ରଖା ଯାଉଥିବାରୁ ଡ୍ୟାମ କାର୍ଯ୍ୟ ନେଇ ସନ୍ଦେହ ସୃଷ୍ଟି ହେଉଛି ।

# କୋଟପାଡ଼ ବ୍ଲକରେ ଗୋଟିଏ ପଦବୀରେ ଦୁଇ ଅଧିକାରୀ

ଜୟପୁର,୨୬/୦୬ (ନି.ପ୍ର): ସମନ୍ୱିତ ଶିଶୁବିକାଶ ଯୋଜନାରେ ଚାଲିଛି ଅଜବ ନୀତି । ଗୋଟିଏ ଆଇସିଡିଏସ କାର୍ଯ୍ୟାଳୟରେ ଦୁଇ ଜଣ ସିଡିପିଓ । ଉଭୟେ ଅଲଗା ଅଲଗା ରୁମ ରେ ବସୁଛନ୍ତି । ୧୫ ଦିନ ହେବ ଆଇସିଡିଏସ କାର୍ଯ୍ୟାଳୟ ଏଭଳି ଚାଲିଛି । ଫଳରେ ଉନ୍ନୟନ କାର୍ଯ୍ୟ ଓ କ୍ଷେତ୍ର ପରିଦର୍ଶନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଅଙ୍ଗନବାଡି କର୍ମୀ ମାନେ ମଧ ଦ୍ୱନ୍ଦରେ ପଡୁଛନ୍ତି । ଏଭଳି ଦୃଶ୍ୟ ସାମ୍ନାକୁ ଆସିଛି କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକ ଆଇସିଡିଏସ କାର୍ଯ୍ୟାଳୟରେ । ସୂଚନା ଅନୁଯାୟୀ, କୋଟପାଡ଼ ସିଡିପିଓ ସ୍ୱର୍ଣ୍ଣଭା ଦାଶଙ୍କୁ ନନ୍ଦାହଣ୍ଡି ସିଡିପିଓ ଭାବେ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ନନ୍ଦାହାଣ୍ଡି ସିଡିପିଓ ସୁନିତା ଦେବୀଙ୍କୁ କୋଟପାଡ଼ ସିଡିପିଓ ଭାବେ ଦାୟୀତ୍ୱ ନେବା ପାଇଁ ନିର୍ଦେଶ ହୋଇଛି । ଗତ ୬/୮/୨୨ ତାରିଖ ପତ୍ର ସଂଖ୍ୟା ୧୨୯୬୫ ଯୋଗେ ଉଭୟଙ୍କୁ ନିର୍ଦେଶ କରାଯାଇଛି । ଏହି ନିର୍ଦ୍ଦେଶ କ୍ରମେ ନନ୍ଦାହାଣ୍ଡି ସିଡିପିଓ ସୁନିତା ଦେବୀ ତ୍ରିପାଠୀ ସେଠାରୁ ରିଲିଭ ହୋଇ କୋଟପାଡ଼ ସିଡିପିଓ ଭାବେ ଗତ ୧୦ ତାରିଖ ରେ ଯୋଗ ଦେଇଛନ୍ତି । ସେ ନିୟମିତ କୋଟପାଡ଼ ଆଇସିଡିଏସ କାର୍ଯ୍ୟକାୟକୁ ଆସୁଥିଲେ ବି ତାଙ୍କୁ ଚାର୍ଜ ଦେଉନାହାନ୍ତି ସେଠାକାର ପୁରୁଣା ସିଡିପିଓ ସ୍ୱର୍ଣ୍ଣଭା ଦାଶ । ସରକାରଙ୍କ ବଦଳି ନିର୍ଦ୍ଦେଶର ୧୯ ଦିନ ବିତିଯାଇଥିଲେ ବି ନିର୍ଦ୍ଦେଶକୁ ମାନୁନାହାନ୍ତି ପୁରୁଣା ସିଡିପିଓ ସ୍ୱର୍ଣ୍ଣଭା ଦାଶ । ଏପର୍ଯ୍ୟନ୍ତ ସେ ପୁରୁଣା କାର୍ଯ୍ୟାଳୟ ଛାଡୁନାହାନ୍ତି କି ନୂଆ ସିଡିପିଓଙ୍କୁ ଚାର୍ଜ ଦେଉନାହାନ୍ତି । ଘଟଣାକୁ ନେଇ ନୂଆ ସିଡିପିଓ ସୁନିତା ଦେବୀ ତ୍ରିପାଠୀ ଗତ ୧୯/୦୮/୨୨ ତାରିଖରେ ଉପରସ୍ଥ ବିଭାଗିୟ ଅଧିକାରୀ, କୋରାପୁଟ ଜିଲାପାଳ ଏବଂ ଉପଜିଲାପାଳ ଜୟପୁରଙ୍କୁ ଲିଖିତ ଭାବେ ଅବଗତ କରାଇଛନ୍ତି ବୋଲି ସୂଚନା ଦେଇଛନ୍ତି ନୂତନ ସିଡିପିଓ ସୁନିତା ଦେବୀ ତ୍ରିପାଠୀ । ସେପଟେ ନିଜର ସ୍ୱାସ୍ଥ୍ୟ ଠିକ ନାହିଁ କହି ଗଣମାଧମକୁ ପ୍ରତିକ୍ରିୟା ଦେବାକୁ ମନା କରିଛନ୍ତି ପୁରୁଣା ସିଡିପିଓ ସ୍ୱର୍ଣ୍ଣଭା ଦାଶ । ଅଭିଯୋଗର ଏକ ସପ୍ତାହ ପରେ ବି ଜିଲା ପ୍ରଶାସନ ଚୁପ ରହିବାକୁ ନେଇ ଉଠିଛି ପ୍ରଶ୍ନ ।

# ଜୟପୁର ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ



ବାସୁଦେବପୁର ,୨୬/୦୬ (ନି.ପ୍ର) : ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତ ର ଜୟପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୟାଧର ପଣ୍ଡା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ନରସିଂହପୁର ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା , ସମ୍ମାନିତ ଅତିଥି ଭାବେ ସି ଆର ସି ସି ମନୋଜ କୁମାର ଦୀକ୍ଷିତ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରତିକାନ୍ତ ପାଢ଼ୀ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସହକାରୀ ଶିକ୍ଷକ ହୃଷିକେଶ ନାୟକ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ । ସହକାରୀ ଶିକ୍ଷୟତ୍ରୀ ଲକ୍ଷ୍ମୀମଣୀ ପଣ୍ଡା, ପଦ୍ମାଳୟା ପଣ୍ଡା, ବାସନ୍ତୀ ଲତା ଦେଇ ପ୍ରମୁଖ ଉତ୍ସବ ପରିଚାଳନା ରେ ସହଯୋଗ କରିଥିଲେ । ପି ଟି ଏ ର ସଭ୍ୟ ସଭ୍ୟା ଯୋଗ ଦେଇଥିଲେ । ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ପୋଷାକ ବିତରଣ କରାଯାଇଥିଲା ।

# ପରିବାର ଅଦାଲତର ଆଦେଶକୁ ଅବମାନନା ପାଇଁ ଅଭିଯୁକ୍ତକୁ ପଳାତକ ଘୋଷଣା

କେନ୍ଦ୍ରାପଡ଼ା,୨୬/୦୬ (ନି.ପ୍ର): କେନ୍ଦ୍ରାପଡା ପରିବାର ଅଦାଲତର ରାୟକୁ ଅବମାନନା ଓ ଅଦାଲତରେ ହାଜର ନହେବାରୁ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଅଭିଯୁକ୍ତକୁ ପଳାତକ ଘୋଷଣା କରିବା ସହିତ ତାଙ୍କର ସମ୍ପତି, ବ୍ୟାଙ୍କ ଆକାଉଣ୍ଟ, ଭିସା ଓ ପାସପୋର୍ଟ ଜବତ କିରିବା ପାଇଁ ନିର୍ଦ୍ଦେଶ ଦିଆଯାଇ ଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ, କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ କପାଳେଶ୍ୱର ଗ୍ରାମର ଭାବଗ୍ରାହୀ ରାଉତଙ୍କ ଝିଅ ପ୍ରଭାସିନୀ ରାଉତ ଓରଫ ସାମନ୍ତରାୟ ମାର୍ଶାଘାଇ ଥାନା ଅନ୍ତର୍ଗତ ଦଶିପୁର ଗ୍ରାମର ସ୍ୱର୍ଗତ ରାଜକିଶୋର ନାୟକଙ୍କ ପୁଅ ଅରବିନ୍ଦ ସାମନ୍ତରାୟଙ୍କୁ ବିବାହ କରିଥିଲେ । ବିବାହର ୩ ମାସ ପରେ ଅରବିନ୍ଦ ନିଜର ବଡ ଭାଇର ଶାଳୀକୁ ନେଇ ଫେରାର୍ ହୋଇ ଯିବାରୁ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧରେ ମନମାଳିନ୍ୟ ସୃଷ୍ଟିହୋଇ ପରିବାର ଅଦାଲତରେ ଭରଣ ପୋଷଣ ପାଇଁ ୩୦୮/୨୦୧୩ ରେ ପ୍ରଭାସିନୀ ଏକ ମାମଲା ରୁଜୁ କରିଥିଲେ । ସେହି କେସକୁ ବିଚାର କରି ମାନ୍ୟବର ଅଦାଲତ ୨୦୧୪ ମସିହା ଡିସେମ୍ବର ୨୨ ତାରିଖରେ ମାସକୁ ୧୫ ହଜାର ଙ୍କା ଭରଣ ପୋଷଣ ଦେବାପାଇଁ ଅରବିନ୍ଦକୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର କୋର୍ଟ ନିର୍ଦ୍ଦେଶକୁ ଅବମାନନା କରିବାରୁ ପ୍ରଭାସିନୀ ଅରବିନ୍ଦଙ୍କ ବିରୋଧରେ ୬/୨୦୧୫ ରେ ଅନ୍ୟ ଏକ ଡିଗ୍ରୀଧାରି ମକଦ୍ଦମା କରିଥିଲେ । ସେହି ମକଦ୍ଦମାର ବିଚାର କରି ଅରବିନ୍ଦଙ୍କ ବିରୋଧରେ ୱାରେଣ୍ଟ ଜାରି କରାଯାଇ ଥିଲା । ଅଭିଯୋଗ କାରିଣୀ ପ୍ରଭାସିନୀ ବାରମ୍ବାର ଏସପି ଓ ମାର୍ଶାଘାଇ ଥାନା ଅଧିକାରୀଙ୍କୁ ଅବଗତ କରାଇଲେ ମଧ କୌଣସି ସୁଫଳ ନମିଳିବାରୁ ପ୍ରଭାସିନୀଙ୍କ ପକ୍ଷରୁ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ସି.ଆର.ଏଲ.ଏମ.ପି ୭୦୩/୨୦୨୨ ଏକ ମାମଲା ଦାଏର କରିବାରୁ ତାହାର ବିଚାର କରି ମାନ୍ୟବର ଉଚ୍ଚ ନ୍ୟାୟାଳୟ ୨୦୨୨ ମେ ୧୧ ତାରିଖରେ କେନ୍ଦ୍ରାପଡା ପରିବାର ଅଦାଲତଙ୍କୁ ଅଭିଯୁକ୍ତ ଅରବିନ୍ଦ ବିରୋଧରେ ପଳାତକ ଘୋଷଣା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ମୁତାବକ କେନ୍ଦ୍ରାପଡା ପରିବାର ଅଦାଲତ ଅରବିନ୍ଦ ସାମନ୍ତରାୟଙ୍କୁ ପଳାତକ ଘୋଷଣା କରିବା ସହ କେନ୍ଦ୍ରାପଡା ଜିଲ୍ଲାପାଳ ଓ ମାର୍ଶାଘାଇ ଥାନା ଅଧିକାରୀଙ୍କୁ ଏକ ନୋଟିସ୍ ଜାରିକରି ଅଭିଯୁକ୍ତର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତି ଏବଂ ବ୍ୟାଙ୍କ ଆକାଉଣ୍ଟ ଏବଂ ଭିସା, ପାସପୋର୍ଟ ଜବତ କିରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

# ମସ୍ତିଷ୍କ ଆଘାତ ଦ୍ୱାରା ମିଥ୍ୟା ଚିନ୍ତା



ମୁଣ୍ଡରେ ଆଘାତ ଲାଗିବା ପରେ ବେଳେ ବେଳେ ସ୍ମୃତି ଶକ୍ତି ଚାଲିଯାଉଥିବାର ଦେଖାଯାଏ । ହେଲେ କେତେକ ଘଟଣାରେ ମସ୍ତିଷ୍କରେ ଆଘାତ ଲାଗିବା ପରେ ମଣିଷ ମନରେ ମିଛ ସ୍ମୃତି ସବୁ ଉଙ୍କି ମାରିଥାଏ ବୋଲି ଜଣାପଡିଛି । ଏସବୁ ଘଟଣା ମନକୁ ଆସିଥାଏ ଯାହା କେବେ ଉକ୍ତ ବ୍ୟକ୍ତିଙ୍କ ଜୀବନରେ ହୋଇ ନଥିବ ।

ଲଣ୍ଡନର ୟୁନିଭର୍ସିଟି ଅଫ୍ କ୍ୟାମ୍ବ୍ରିଜ୍‌ର ବୈଜ୍ଞାନିକମାନେ ଏକ ଗବେଷଣାରୁ ଏହା ଜଣାଇଛନ୍ତି । ସେମାନେ ଏହି ଆଶ୍ଚର୍ଯ୍ୟଜନକ ତଥ୍ୟ ସମ୍ପର୍କରେ କହିଛନ୍ତି ଯେ, ଏହି ଗବେଷଣା ଏମନିସିଆ (ଭୁଲିବା ରୋଗ) ଏବଂ ଆଲ୍‌ଜାଇମର୍ସ ପରି ସ୍ମୃତି ଶକ୍ତି ସମ୍ବନ୍ଧୀୟ ରୋଗ ଉପରେ ଅଧିକ ତଦନ୍ତ ପାଇଁ ସହାୟକ ହେବ । ଉଭୟ ଅବସ୍ଥାରେ ମସ୍ତିଷ୍କର ଏକ ବିଶେଷ ଭାଗ ଯାହାକୁ ପେରିହିନାଲ୍ କୋର୍ଟେକ୍ସ କୁହାଯାଏ ତାହା ପ୍ରଭାବିତ ହୋଇଥାଏ । ଫଳରେ ମସ୍ତିଷ୍କ କୌଣସି ଆଧାରଗ୍ରସ୍ତ ତଥ୍ୟ ମନେ ରଖିବା ସମ୍ଭବ ହୁଏ ନାହିଁ । ବୈଜ୍ଞାନିକମାନେ ଏଥିପାଇଁ ମୂଷା ଉପରେ ପରୀକ୍ଷଣ କରିଥିଲେ । ସର୍ଜରୀ ଦ୍ୱାରା ମସ୍ତିଷ୍କର ଉକ୍ତ ଅଂଶକୁ କ୍ଷତିଗ୍ରସ୍ତ କରାଯାଇ ଏହି ଗବେଷଣା କରାଯାଇଥିଲା ।

# ଏଲିଅନ ଆମ କଳ୍ପନାଠାରୁ ସମ୍ପୂର୍ଣ୍ଣ ଭିନ୍ନ

ଏଲିଅନ ଦେଖିବାକୁ କେମିତି ? ସେମାନଙ୍କ ଖାଦ୍ୟ କ'ଣ ? ଏପରି ଅନେକ ପ୍ରଶ୍ନ ଆଜି ବି ରହସ୍ୟ ହୋଇ ରହିଛି । ଏପରିସ୍ଥଳେ ନାସାର ଜଣେ ବୈଜ୍ଞାନିକଙ୍କ ଅନୁଯାୟୀ, ଆମ କଳ୍ପନା ଦୁନିଆଠାରୁ ଏଲିଅନ ବହୁ ଉର୍ଦ୍ଧ୍ୱରେ । ଅର୍ଥାତ୍ ବାସ୍ତବରେ ଏଲିଅନ ଦେଖିବାକୁ ସେପରି ନୁହେଁ, ଯେପରି ଆମେ ଭାବିଥାଉ । ଏପରି ଏକ ରୋଚକମୟ ତଥ୍ୟର ଆବିଷ୍କାର କରିଥିବା ବୈଜ୍ଞାନିକଙ୍କ ନାମ ସିଲଭ୍ୟାନୋପି କଲୋମ୍ବାନୋ । ନାସାସ୍ଥିତ ଏମ୍ସ ରିସର୍ଚ୍ଚ ସେଣ୍ଟରର କମ୍ପ୍ୟୁଟର ବୈଜ୍ଞାନିକ ଓ ପ୍ରଫେସର ଭାବେ ସେ କାର୍ଯ୍ୟରତ । ଏଲିୟନ ସମ୍ବନ୍ଧିତ ତଥ୍ୟ ଉନ୍ମୋଚନ ପାଇଁ ସେ ଅନେକ ଦିନରୁ ଗବେଷଣା କରୁଥିଲେ । ତାଙ୍କଦ୍ୱାରା କରାଯାଇଥିବା ଗବେଷଣାରୁ ମିଳିଥିବା ତଥ୍ୟ ଅନୁଯାୟୀ, ଅନେକ ଥର ଏଲିୟନ ପୃଥିବୀକୁ ଆସିଛନ୍ତି । କିନ୍ତୁ ତାଙ୍କର ସମ୍ପୂର୍ଣ୍ଣ ଭିନ୍ନ ଗଠନଶୈଳୀ ଯୋଗୁ ଆମେ ଚିହ୍ନି ପାରିନଥାଉ । ପୃଥିବୀରେ ବାସ



କରୁଥିବା ଅନ୍ୟାନ୍ୟ ଜୀବଙ୍କ ପରି ଏଲିଅନମାନଙ୍କ ସଂରଚନା କାର୍ବନରେ ହୋଇନଥାଏ ବୋଲି ସେ ସ୍ପଷ୍ଟ କରିଛନ୍ତି । ଏଥିଯୋଗୁ ସେମାନେ ଆମ ନିକଟରେ ଥିଲେ ମଧ୍ୟ ଆମେ ତାଙ୍କୁ ଚିହ୍ନି ପାରିନଥାଉ । ଗବେଷଣା ଦ୍ୱାରା ଭବିଷ୍ୟତରେ ଏଲିଅନମାନଙ୍କୁ ଚିହ୍ନଟ



କରିବା ପାଇଁ ଉନ୍ନତ କୌଶଳ ଉଦ୍ଭାବନ କରାଯାଇପାରିବ ବୋଲି ସେ କହିଛନ୍ତି । ଆମ ନିକଟରେ ଥିବା ବୈହଜ୍ଞାନିକ ଆଧାର ଅନୁସାରେ, ୧୦ହଜାର ବର୍ଷପୂର୍ବେ ସଭ୍ୟତାରେ ପ୍ରାଦ୍ୟାଗିକ ବିକାଶ ଆରମ୍ଭ ହୋଇଥିଲା । ତେଣୁ ଟେକନିକ୍ ମାମଲାରେ ଏଲିଏନ ଆମଠାରୁ ଉନ୍ନତ ହୋଇପାରନ୍ତି । ବୋଲି ସେ କହିଛନ୍ତି । ସୂଚନାଥାଉ କିଏ କିଛିଦିନ ତଳେ ମ୍ୟାଗୀ ଆଡରିନ୍ ନାମକ ଜଣେ ବୈଜ୍ଞାନିକ ଏଲିଆଲନମାନଙ୍କ ଆକର ସମ୍ବନ୍ଧିତ ଗବେଷଣା କରତି ଏପରି କିଛି ସମାନ ତଥ୍ୟ ଦେଇଥିଲେ । ସେ କହିଥିଲେ ଯେ, ଏଲିୟନ ଦେଖିବାକୁ ଏକ ସାମୁଦ୍ରିକ ଜୀବ ଭଳି ଏବଂ ସେମାନେ ବିଭିନ୍ନ ପ୍ରକାର ରସାୟନକୁ ନିଜ ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି ।

# ଫ୍ଲାଟରେ ବାସ୍ତୁଶାସ୍ତ୍ର



ଆଜିକାଲି ଅଧିାଂଶ ଲୋକ ଜମି କିଣି ଘର କରିବା ଅପେକ୍ଷା ଫ୍ଲାଟ ଘର କିଣିବାକୁ ଅଧିକ ଉଚିତ ମଣୁଛନ୍ତି । ତେବେ ଏଇ ଫ୍ଲାଟ ଘର ମନୋନୀତ କରିବା ପୂର୍ବରୁ ସେ ବାବଦରେ ଅଳ୍ପବହୁତେ ବାସ୍ତୁଶାସ୍ତ୍ର ଜ୍ଞାନ ଥିବା ଆବଶ୍ୟତ । ବହୁ ମହଲା ବିଶିଷ୍ଟ ଫ୍ଲାଟ କିଣିବା ପୂର୍ବରୁ ପ୍ରଥମେ ଦେଖିନିଅନ୍ତୁ ଜମିଟି ଯେପରି ଆୟତାକାର କ୍ଷେତ୍ର ହୋଇଥିବ । ସେହିପରି ଆପାଟମେଣ୍ଟର ଉତ୍ତର ଓ ପୂର୍ବ ଦିଗ ଯେପରି ଖୋଲା ରହିଥିବ ।

ଆପାର୍ଟମେଣ୍ଟ ସଂଲଗ୍ନ ଯେପରି ଚିକିତ୍ସାଳୟ ଶ୍ମଶାନ କଂସେଇଖାନା ଇତ୍ୟାଦି ନଥିବା ଖୁବ୍ ଭଲ ପ୍ରଭାବ ପକାଇଥାଏ । ଏସବୁ ଦିଗ ପ୍ରତି ଭଲଭାବେ ସଚେତନ ରହିବା ଜରୁରୀ । ଫ୍ଲାଟ କିଣିବା ପୂର୍ବରୁ ଏହାର ଜଳସ୍ରୋତ ସଂକ୍ରାନ୍ତରେ ଭଲଭାବେ ପଚାରି ବୁଝିନିଅନ୍ତୁ । ଉତ୍ତର, ପୂର୍ବ ଅବା ଐଶାନ୍ୟ କୋଣରେ ପାଣିଟାଙ୍କି ରହିବା ଭଲ । ଅନ୍ୟ ଦିଗରେ ଜଳସ୍ରୋତ ନକାରାତ୍ମକ ପ୍ରଭାବ ପକାଉଥିବାର ବାସ୍ତୁବିତଙ୍କ ମତ ।

ଅଧିକାଂଶ ଲୋକ ବହୁମହଲା ବିଶିଷ୍ଟ ଆପାର୍ଟମେଣ୍ଟରେ ତଳ ମହଲାରେ ରହିବାକୁ ଉଚିତ ମଣନ୍ତି । ବାସ୍ତୁ ଅନୁସାରେ କିନ୍ତୁ ସବୁଠୁ ଅଧିକ ନକରାତ୍ମକ ଶକ୍ତି ତଳମହଲାର ବ୍ୟକ୍ତିଙ୍କ ଉପରେ ପଡ଼େ । ଫ୍ଲାଟର ବାଲକୋନୀ ଉତ୍ତର, ଐଶାନ୍ୟ ଅବା ପୂର୍ବ ଦିଗରେ ଥିଲେ ଏହା ଉତ୍ତମ ପ୍ରଭାବ ପକାଇଥାଏ ।



# ସାଇକେଲ ମରାମତିରୁ ଆଇଏଏସ୍

କଥାରେ ଅଛି, ମନରେ ଦୃଢ଼ ଇଚ୍ଛାଶକ୍ତି ଥିଲେ କୌଣସି ବାଧାବିଘ୍ନ ଲକ୍ଷ୍ୟ ପୂରଣ କରିବାରେ ବାଟ ଓଗାଳି ପାରିବ ନାହିଁ । ଏ ବାକ୍ୟର ଯଥାର୍ଥତା ପ୍ରତିତପାଦନ କରିବାରେ ଅନେକ ତେଜସ୍ୱୀ ଉଦାହରଣ ସୃଷ୍ଟି କରିସାରିଛନ୍ତି । ଏବେ ଏହି ତାଲିକାରେ ଯୋଡ଼ିହୋଇଛନ୍ତି ଭାରତୀୟ ପ୍ରଶାସନିକ ସେବାରେ ନିଯୁକ୍ତ ବରୁଣ ବର୍ଣ୍ଣୱାଲ । ୨୦୦୬ରେ ପିତାଙ୍କ ମୃତ୍ୟୁ ପରେ ଯେମିତି ତାଙ୍କ ପରିବାରର ସ୍ଥିତି ସମ୍ପୂର୍ଣ୍ଣ ଟଳମଳ ହୋଇପଡ଼ିଥିଲା । ଘରର ବଡ଼ ପୁଅ ହୋଇଥିବାରୁ ପରିବାର ପୂରା ଦାୟିତ୍ୱ ତାଙ୍କ କାନ୍ଧରୁ ଚାଲିଗଲା । ଘର ଚଳାଇବା ସହ ଅନ୍ୟ ଭାଇଭଉଣୀଙ୍କୁ ଶିକ୍ଷିତ କରିବାକୁ ପିତାଙ୍କ ସାଇକେଲ ମରାମତି ଦୋକାନ ସମ୍ଭାଳିବାକୁ ନିଷ୍ପତ୍ତି ନେଲେ । ସେତେବେଳେ ବରୁଣ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିଲେ । ପାଠରେ ଡୋରି ବାନ୍ଧି ସାଇକେଲ ମରାମତି କାମ ଆରମ୍ଭ କଲେ । ଏ ସମୟରେ ପରୀକ୍ଷା ଫଳ ବାହାରିଲା । ଆଶ୍ଚର୍ଯ୍ୟର କଥା ପୂରା ଗାଁରେ ସେ ସର୍ବାଧିକ ନମ୍ବର ପ୍ରାପ୍ତ କରିଥିଲେ । ଟପ୍ପର ଥିଲେ ଗାଁର । ପଢ଼ା ପ୍ରତି ତାଙ୍କର ପ୍ରବଳ ଆଗ୍ରହ ଥିବାରୁ ପରିଶ୍ରମକୁ ବୃଥା ଯିବାକୁ ଦେଲେନି । ଦୋକାନ ସହ ସଢ଼ା ପ୍ରତି ତାଙ୍କର ପ୍ରବଳ ଆଗ୍ରହ ଥିବାରୁ ପରିଶ୍ରମକୁ ବୃଥା ଯିବାକୁ ଦେଲେନି । ଦୋକାନ ସହ ପଢ଼ା ପ୍ରତି ତାଙ୍କର ପ୍ରବଳ ଆଗ୍ରହ ଥିବାରୁ ପରିଶ୍ରମକୁ ବୃଥା ଯିବାକୁ ଦେଲେନି । ଦୋକାନ ସହ ପଢ଼ା ପୁଣି ଜାରିରଖିଲେ । ଏହି ଆଗ୍ରହକୁ ଦେଖି ଅନେକ ସହୃଦୟ ବ୍ୟକ୍ତି ତାଙ୍କୁ ଆର୍ଥିକ ସହାୟତା କଲେ । ଇଞ୍ଜିନିୟରିଂ ପରେ ପୁଣେ ବିଶ୍ୱବିଦ୍ୟାଳୟରେ ପଢ଼ିଲେ । ଦୃଢ଼ ମନୋବଳ ଯୋଗୁ ସେ ପ୍ରଥମ ବର୍ଷ ଦ୍ୱିତୀୟ ସ୍ଥାନ ଏବଂ ବାକି ତିନି ବର୍ଷ ଟପ୍ପର ଆସିଲେ । ଏହା ଦେଖି ତାଙ୍କ କଲେଜ ଅଧ୍ୟାପକମାନେ ଟ୍ରିଷ୍ଟି କମିଟିକୁ ଏକ ପତ୍ର ଲେଖି ବରୁଣଙ୍କୁ ସ୍କଲାରସିପ ପ୍ରଦାନ କଲେ ।



ଏଥିରେ ସେ ବହିଖାତା କିଣି ନିଜ ଗୁଜରାଣ ମେଣ୍ଟାଇ ପାରିଲେ । ଏହାପରେ ସେ ଆଇଏଏସ ପାଇଁ ନିଜକୁ ପ୍ରସ୍ତୁତ କଲେ । ଯେତେ ଅଭାବରେ ରହିଲେ ସୁଦ୍ଧା ପଢ଼ା ପ୍ରତି ତାଙ୍କର ମୋହ ଥିଲା ଅତୁଟ । ପରିବାରର ଆର୍ଥିକ ଦୂରବସ୍ଥା କମ କରିବାକୁ ନିଜ ଲକ୍ଷ୍ୟ ଦିଗରେ ଅଗ୍ରସର ହେଲେ । ବିଭିନ୍ନ ବାଧାବିଘ୍ନ ସାମ୍ନା କରି ଶେଷରେ ୨୦୧୪ବ୍ୟାଚର ଆଇଏଏସ୍ ଭାବେ ସମ୍ମାନ ଅର୍ଜନ କଲେ ।

# ପ୍ରତିଶୋଧ ନେଲା କୁକୁର

କୁକୁରକୁ ସବୁଠାରୁ ବିଶ୍ୱାସୀ ପ୍ରାଣୀ ରୂପେ ସମସ୍ତେ ଜାଣନ୍ତି । କିନ୍ତୁ ଏକ କୁକୁରର କାରନାମା ଶୁଣିଲେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ । ଆପଣ କେବେ ଶୁଣିଛନ୍ତି କେଉଁ କୁକୁର ନିଜର ମାଲିକଠାରୁ ପ୍ରତିଶୋଧ ନିଏ । କଥାଟି ବିଶ୍ୱାସ ହେଉନଥିଲେ ବି କଥାଟି ସତ ! ଏକ କୁକୁର ମାଲିକଠାରୁ ପ୍ରତିଶୋଧ ନେବାକୁ ଯାଇ ୧୦୦ କିଲୋମିଟର ଚାଲି ନିଜ ମାଲିକକୁ କାମୁଡ଼ିଛି । ଘଟଣାଟି ଘଟିଛି ଆମେରିକାର ନ୍ୟୁମେକ୍ସିକୋ ଠାରେ । ସୋର୍ଟୟୋଗୋ ମାର ର୍ଟି ନିଜ୍ ନାମକ ଏକ ବ୍ୟକ୍ତି ପ୍ରତିବର୍ଷ ଛୁଟି କାଟିବା ପାଇଁ ଅବ୍ଲୁୟୁକ୍ରେନ ଯାଇଥାନ୍ତି । କିନ୍ତୁ ଏହି ବର୍ଷ ବ୍ୟକ୍ତି ଜଣଙ୍କ ନିଜ ସହ କୁକୁରକୁ ନିଜ ସାଥିରେ ନେଇନଥିଲେ । କାରଣ ସେ କୁକୁରର ବ୍ୟବହାରରେ ଚିଡ଼ି ଯାଇଥିଲେ । ତେବେ ମାରର୍ଟିନିଜଙ୍କୁ ଏହା ଜାମାରୁ ଲାଗିନଥିଲା ଯେ ତାଙ୍କ କୁକୁର ତାଙ୍କୁ ଖୋଜି ଖୋଜି ତାଙ୍କ ପାଖରେ ପହଞ୍ଚି ଥିଲା । ସେ କୁକୁରକୁ ଦେଖି ଆଶ୍ଚର୍ଯ୍ୟ ହେବା ସହ ତାକୁ ଆଲିଙ୍ଗନ କରିଥିଲେ କିନ୍ତୁ କୁକୁରଟି ବହୁତ ରାଗରେ ଥିଲା ଯାହା ଫଳରେ ସେ ତା'ରା ମାଲିକକୁ କାମୁଡ଼ି ଦେଇଥିଲା । ଏହା ଦେଖି ମାଲିକଟି କାନ୍ଦି ପକାଇଥିଲେ ।

# ଲୁଣରେ ଆୟୋଡ଼ିନ୍ ଓ ଲୌହ

ସାଧାରଣତଃ ଲୁଣରେ ଆୟୋଡିନ୍ ରହିଥାଏ ବୋଲି ଆମେ ଜାଣିଛୁ । କିନ୍ତୁ ଏବେ ଏପରି ଲୁଣ ଉଦ୍ଭାବିତ ହୋଇଛି ଯେଉଁଥିରେ ଆୟୋଡିନ୍ ସହ ଲୌହ ମଧ୍ୟ ରହିଛି । ଦୁଇଟି ଅତ୍ୟାବଶ୍ୟକ ତତ୍ତ୍ୱ ଥିବା ଏହି ଲୁଣ ଆମ ପାଇଁ ବେଶ୍ ଉପକାରୀ । ଏହି ନୂଆ ପ୍ରକାର ଲୁଣକୁ ଉଦ୍ଭାବନ କରିବାରେ ସଫଳ ହୋଇଛନ୍ତି ଜଣେ ଭାରତୀୟ ବୈଜ୍ଞାନିକ ଭେଙ୍କଟେଶ ମନ୍ନାର୍ । ଶୁଣିବାକୁ କିଛି ନୂଆ ଲାଗୁ ନ ଥିଲେ ମଧ୍ୟ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ଭାବନ । କାରଣ ଆୟୋଡିନ୍ ଓ ଲୌହ ରସାୟନିକ ନିୟମ ଅନୁସାରେ ଏକାଠି ରହିବା ଏକ କଷ୍ଟକର ବ୍ୟାପାର । କିନ୍ତୁ ଏହାକୁ ସମ୍ଭବ କରିଛନ୍ତି ଭେଙ୍କଟେଶ । ଏହି ଲୁଣ ଏନିମିଆ ପରି ରେଗାକୁ ପ୍ରତିରୋଧ କରିବା ସହ ଶରୀରର ଆୟୋଡିନ୍ ଅଭାବ ମଧ୍ୟ ଦୂର କରିଥାଏ । ଉପଯୁକ୍ତ ଲୌହ ଅଭାବରେ ଶରୀରରେ ଆନିମିଆ ପରି ରୋଗ ସୃଷ୍ଟି ହୋଇଥାଏ । ଏଣୁ ଲୌହର ଅଭାବ ପୂରଣ କରିବା ପାଇଁ ଲୁଣ ହିଁ ସର୍ବୋତ୍କୃଷ୍ଟ ମାଧ୍ୟମ ।

# ଶ୍ୱାସ ଦୁର୍ଗନ୍ଧ ଦୂର କରନ୍ତୁ



ଆପଣଙ୍କ ଶ୍ୱାସପ୍ରଶ୍ୱାସରେ ଦୁର୍ଗନ୍ଧ ବାହାରୁଥିବା ନେଇ କେହି ଅଭିଯୋଗ କରିବା କିମ୍ବା ପାଖରେ ଠିଆ ହୋଇ କଥା ନ ହେବା ଭଳି ଅପମାନଜନକ ସ୍ଥିତିର ଯଦି ସାମ୍ନା କରୁଛନ୍ତି ତେବେ ବ୍ୟୟବହୁଳ ମାଉଥୱାସ ବ୍ୟବହାର ନକରି ନିଜ ଶରୀରକୁ ଆବଶ୍ୟକତା ଅନୁସାରେ ଜଳ ଯୋଗାନ୍ତୁ । ଭିଟାମିନ ସି ଥିବା ଖାଦ୍ୟପଦାର୍ଥ ଖାଇବା ସହ ସ୍ପେଶାଲ ଚା' ପିଇ ଏପରି ସମସ୍ୟାର ସମାଧାନ କରିପାରିବେ । ଏହି ସମସ୍ୟାରୁ ମୁକୁଳିବାରେ କେତେକ ସାଧାରଣ ଟିପ୍ସ:

ଜଳ: ନିୟମିତ ବ୍ୟବଧାନରେ ପର୍ଯ୍ୟାପ୍ତ ପରିମାଣର ପାଣି ପିଇବା ସହିତ ଅଳ୍ପଅଳ୍ପ ପାଣିରେ କୁଳି କରନ୍ତୁ । ଶରୀରରେ ଜଳସ୍ତର ହ୍ରାସ ପାଇଲେ, ମୁହଁରେ ଲାଳ ସୃଷ୍ଟି ହେବା ବନ୍ଦ ହୋଇଯାଏ । ମୁହଁରେ ଲାଳ ସୃଷ୍ଟି ହେଲେ ହିଁ ସେଠାରେ ଥିବା ଜୀବାଣୁ ସଫା ହୋଇଥାନ୍ତି ଏବଂ ଲାଳର ମାତ୍ରା ହ୍ରାସ ପାଇଲେ ମୁହଁ ଶୁଖିଲା ହୋଇଯାଇ ଦୁର୍ଗନ୍ଧ ହୁଏ ।

ଭିଟାମିନ ସି: କମଳା ଓ ଲେମ୍ବୁ ଜାତୀୟ ମିଠା ଓ ଖଟା ପଳରେ ଭରପୂର ମାତ୍ରାରେ ଭିଟାମିନ ସି ରହିଥାଏ । ଏହି ଫଳ ମୁହଁର ଦୁର୍ଗନ୍ଧ ଦୂର କରିବାରେ ବେଶ୍ ସହାୟକ । ଭିଟାମିନସି ଦୁର୍ଗନ୍ଧ ସୃଷ୍ଟି କରୁଥିବା ଜୀବାଣୁଙ୍କୁ ନଷ୍ଟ କରିଥାଏ ।

ସେଓ: କୁହନ୍ତି, ଦୈନିକ ଗୋଟିଏ ସେଓ ଖାଇଲେ ଶରୀର ସୁସ୍ଥ ରହିଥାଏ ।



ସେଓ ମୁହଁରେ ସୃଷ୍ଟି ହେଉଥିବା ଲାଳକୁ ବୃଦ୍ଧି କରିଥାଏ । ଏହା ଦ୍ୱାରା ଆମ ମୁହଁ ଏକପ୍ରକାର ସଫା ହୋଇଥାଏ ଏବଂ ଜୀବାଣୁ ନଷ୍ଟ ହୋଇଥାନ୍ତି । ଏହାପରେ ଦୁର୍ଗନ୍ଧ ଯୁକ୍ତ ଶ୍ୱାସ ବାହାରିନଥାଏ ।

ଡାଲଚିନି ଚା': ପ୍ରାୟ ସମସ୍ତଙ୍କ ରୋଷେଇ ଘରେ ଡାଲଚିନିଖୁବ୍ ସହଜରେ ମିଳିଯିବ । ଡାଲଚିନି ଯୁକ୍ତ ଚା' ପିଇବା ଫଳରେ ମୁହଁର ଦୁର୍ଗନ୍ଧ ଦୂର ହୋଇଥାଏ । ନିୟମିତ ଏହାକୁ ସେବନ କରିବା ଫଳରେ ସୁଫଳ ମିଳିଥାଏ ।





# ମହିଳାଙ୍କ ଅଣ୍ଟାବିନ୍ଧାର କାରଣ ଇଣ୍ଟରନେଟ୍



ଅଣ୍ଟାବିନ୍ଧା ଏଭଳି ଏକ ରୋଗ ଯାହା ଏଥିରେ ପୀଡିତ ବ୍ୟକ୍ତିଙ୍କୁ ମାନସିକ ସ୍ତରରେ ଅଧିକ ଆଘାତ ପହଞ୍ଚାଇ ଥାଏ । ନିୟମିତ ଔଷଧ ସେବନ କରିବା ଦ୍ୱାରା ଉପଶମ ମିଳିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ରୂପେ ଭଲ ହୋଇ ନ ଥାଏ । ମହିଳାମାନେ ଇଣ୍ଟରନେଟ୍ ବ୍ୟବହାର କରିବା ଦ୍ୱାରା ଅଣ୍ଟାବିନ୍ଧା ରୋଗରେ ପୀଡିତ ହୋଇଥାନ୍ତି ବୋଲି ଏକ ଗବେଷଣାରୁ ଜଣାପଡିଛି । ବ୍ରିଟେନ୍‌ର ଗବେଷକମାନେ କରିଥିବା ଏକ ଗବେଷଣାରୁ ଜାଣିବାକୁ ପାଇଛନ୍ତି ଯେ, ଇଣ୍ଟର୍‌ନେଟ୍ ମାଧ୍ୟମରେ ପେସ୍‌ବୁକ୍, ଟ୍ୱିଟର୍ ଭଳି ସୋସିଆଲ୍ ନେଟ୍‌ୱର୍କିଂ ସାଇଟ୍ ବ୍ୟବହାର କରୁଥିବା ଅଧିକାଂଶ ମଧ୍ୟମ ବୟସ୍କା ମହିଳା ଅଣ୍ଟାବିନ୍ଧା ଯନ୍ତ୍ରଣା ଭୋଗ କରିଥାନ୍ତି । ଏ ସମ୍ପର୍କରେ ଜାଣିବା ନିମନ୍ତେ ଗବେଷକମାନେ ସୋସିଆଲ ନେଟ୍‌ୱର୍କିଂ ସାଇଟ୍ ବ୍ୟବହାର କରୁଥିବା ୩୫ ରୁ ୫୦ ବର୍ଷ ବୟସ୍କା ୧୦୦୦ ମହିଳାଙ୍କ ମତ ସଂଗ୍ରହ କରିଥିଲେ । ପ୍ରତି ୪ ଜଣରୁ ୩ ଜଣ ଅର୍ଥାତ୍ ୭୫ ପ୍ରତିଶତ ମହିଳା ଦୀର୍ଘ ସମୟ ଇଣ୍ଟର୍‌ନେଟ୍ ବ୍ୟବହାର କରି ଦାରୁଣ ଅଣ୍ଟାବିନ୍ଧା ଯନ୍ତ୍ରଣା ଭୋଗୁଥିବାର କହିଥିଲେ । ପ୍ରତି ୫ ଜଣରୁ ଜଣେ ଅର୍ଥାତ୍ ୨୦ ପ୍ରତିଶତ ମହିଳା ପ୍ରତିଦିନ ଅଣ୍ଟାବିନ୍ଧା ଯନ୍ତ୍ରଣାର ଶିକାର ହେଉଥିବା କହିଥିଲେ । ୩ ଭାଗରୁ ଏକ ଭାଗ ମହିଳା ଅଳ୍ପ କେତେ ଦିନ ବ୍ୟବଧାନରେ ଅଣ୍ଟାବିନ୍ଧା ଯନ୍ତ୍ରଣା ଭୋଗ କରୁଥିବାବେଳେ ୪ ଭାଗରୁ ଏକ ଭାଗ ମହିଳା ପ୍ରତି ସପ୍ତାହରେ ଥରେ ପିଠି ଯନ୍ତ୍ରଣା ଅନୁଭବ କରିଥାନ୍ତି ବୋଲି କହିଥିଲେ । ତେବେ ଅଂଶଗ୍ରହଣ କାରୀଙ୍କ ଯନ୍ତ୍ରଣା ଯୋଗୁ ସହଜରେ ଚାଲି ପାରନ୍ତି ନାହିଁ ବୋଲି ମତ ଦେଇଥିଲେ । ଅଣ୍ଟାବିନ୍ଧା ଏଭଳି ଏକ ରୋଗ ଯାହା ଇଣ୍ଟନେଟ୍ ବ୍ୟବହାରକାରୀଙ୍କ ଜୀବନରେ ଅନେକ ଅସୁବିଧା ସୃଷ୍ଟି କରିଥାଏ । ଅଣ୍ଟାବିନ୍ଧାରେ ପୀଡିତ ବ୍ୟକ୍ତି ନିଜର ଦୈନନ୍ଦିନ କାର୍ଯ୍ୟକୁ ସଠିକ ଭାବରେ ସମ୍ପାଦନ କରିପାରନ୍ତି ନାହିଁ ଯାହି । ଫଳରେ ସେମାନଙ୍କ ସାମାଜିକ ଜୀବନ କ୍ଷତିଗ୍ରସ୍ତ ହୁଏ ବୋଲି ଫିଜିଓ ଥେରାପିଷ୍ଟ ସ୍ୟାମି ମାର୍ଗୋ କହିଛନ୍ତି ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୨୭ ଅଗଷ୍ଟ ୨୦୨୨, ଶନିବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭାରତର ଆଭିମୁଖ୍ୟ...

ଜାତିସଂଘ ନିରାପତ୍ତା ପରିଷଦରେ ଏକ ଅଭୂତପୂର୍ବ ଘଟଣା ଘଟିଛି । ବିଶ୍ୱରେ ଶାନ୍ତିରକ୍ଷାକାରୀ ଏହି ସଂଗଠନର ବୈଠକରେ ୟୁକ୍ରେନ ପ୍ରସଙ୍ଗରେ ଭାରତ ପ୍ରଥମ ଥର ପାଇଁ ରୁଷିଆ ବିରୁଦ୍ଧରେ ଭୋଟ ଦେଇଛି । କୂଟନୈତିକ ଦୃଷ୍ଟିକୋଣରୁ ବିଚାର କଲେ ଏହା ଏକ ବିରାଟ ଘଟଣା । ୟୁକ୍ରେନ ଏବଂ ରୁଷିଆ ମଧ୍ୟରେ ଲାଗିଥିବା ଯୁଦ୍ଧ ଇତିମଧ୍ୟରେ ଛଅମାସ ଅତିକ୍ରାନ୍ତ କରିସାରିଛି । କିନ୍ତୁ ଯୁଦ୍ଧ ବନ୍ଦ ହେବାର କୌଣସି ସୂଚନା ମିଳିନାହିଁ । ବରଂ ଦିନକୁ ଦିନ ଏହି ସଂଘର୍ଷ ଅଧିକ ତୀବ୍ର ହେବାରେ ଲାଗିଛି । ଜାତିସଂଘ ନିରାପତ୍ତା ପକ୍ଷରୁ ପରିଷଦ ୟୁକ୍ରେନ ଯୁଦ୍ଧ ସଂପର୍କରେ ଆଲୋଚନା କରିବା ପାଇଁ ଆହୂତ ବୈଠକରେ ଗତ ଛଅମାସ ମଧ୍ୟରେ ସେ ଦେଶର ସ୍ଥିତି କିପରି ରହିଛି ତାହାର ସମୀକ୍ଷା କରାଯାଇଛି । ଅପରପକ୍ଷରେ ନିରାପତ୍ତା ପରିଷଦ ନିକଟରେ ନିଜର ପକ୍ଷ ରଖିବା ସକାଶେ ୟୁକ୍ରେନ୍ ରାଷ୍ଟ୍ରପତିଙ୍କୁ ଭିଡିଓ କନଫରେନ୍ସି ମାଧ୍ୟମରେ ଉଦ୍‌ବୋଧନ ଦେବାକୁ ଆହ୍ୱାନ କରାଯାଇଥିଲା । ଏହି ଆହ୍ୱାନ ଜଣାଯାଇଥିଲା ଅଗଷ୍ଟ ୨୪ ତାରିଖ ଦିନ ଯାହାକି ୟୁକ୍ରେନର ସ୍ୱାଧୀନତା ଦିବସ । କିନ୍ତୁ ରୁଷିଆ ପ୍ରତିନିଧି ଭାସିଲି ନେବେନଜିଆ ଏଥିରେ ଆପତ୍ତି ଉଠାଇଥିଲେ ଯେ, ଜେଲେନସ୍କି ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ନିଜର ଭାଷଣ ଦେବାରେ ରୁଷିଆର ବିରୋଧ କରିବାର କିଛି ନାହିଁ । କିନ୍ତୁ ତାଙ୍କୁ ଭିଡିଓ ଟେଲି କନଫରେନ୍ସିଂର ସୁଯୋଗ ଦିଆନଯାଉ । ଏହି ପ୍ରସଙ୍ଗକୁ ନେଇ ୧୫ଜଣ ସଦସ୍ୟଙ୍କ ମଧ୍ୟରେ ଭୋଟ ନିଆଯାଇଥିଲା । ଆଶ୍ଚର୍ଯ୍ୟର କଥା, ଏହି ଭୋଟଦାନରୁ ଚୀନ ବିରତ ରହିବା ବେଳେ ରୁଷିଆ ଏହାକୁ ବିରୋଧ କରିଥିଲା । ତେବେ ଭାରତ ସମେତ ଅନ୍ୟ ୧୩ଜଣ ସଦସ୍ୟ ଜେଲନସ୍କିଙ୍କ ଭାଷଣ ପ୍ରଦାନକୁ ସମର୍ଥନ କରିଥିଲେ । ବିଶେଷତା ଏହି ଯେ, ଭାରତ ପ୍ରଥମ ଥର ପାଇଁ ୟୁକ୍ରେନ ପ୍ରସଙ୍ଗରେ ରୁଷିଆ ବିରୋଧରେ ଭୋଟ ଦେଇଛି । ଏବେ ଭାରତ ନିରାପତ୍ତା ପରିଷଦରେ ଦୁଇବର୍ଷ ପାଇଁ ଅସ୍ଥାୟୀ ସଦସ୍ୟ ପଦରେ ରହିଛି । ଇତିପୂର୍ବରୁ ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ଦ୍ୱାରା ଆଗତ ପ୍ରତିଟି ପ୍ରସ୍ତାବ ଓ ଭୋଟରେ ଭାରତ, ରୁଷିଆକୁ ସମର୍ଥନ କରିଆସୁଥିଲା ଅବା ଭୋଟଦାନରୁ ବିରତ ରହୁଥିଲା । ସେଥିପାଇଁ ଆମେରିକା ଓ ଅନ୍ୟାନ୍ୟ ପାଶ୍ଚାତ୍ୟ ରାଷ୍ଟ୍ରମାନେ ଭାରତକୁ କଡ଼ା ସମାଲୋଚନା କରିବାକୁ ମଧ୍ୟ ପଛାଇ ନାହାଁନ୍ତି । ଯେଉଁ ପ୍ରସଙ୍ଗ ଉପରେ ଭାରତ ଏହି ଭୋଟଦାନରେ ରୁଷିଆ ବିରୋଧରେ ମତ ଦେଇଛି, ତାହା ମାମୁଲି । କିନ୍ତୁ ଏହା ଭାରତର ଆଭିମୁଖ୍ୟକୁ ସ୍ପଷ୍ଟ କରିଛି । ପାଶ୍ଚାତ୍ୟ ଚାପରେ ନୁହେଁ କିମ୍ବା ଅନ୍ଧ ଭାବେ ରୁଷିଆକୁ ସମର୍ଥନ କରିବାରେ ଭାରତ ବିଶ୍ୱାସୀ ନୁହେଁ । ଏହି ଯୁଦ୍ଧ ଆରମ୍ଭରୁ ହିଁ ଭାରତ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି- ସାମରିକ ବିବାଦ ନୁହେଁ, କୂଟନୈତିକ ସ୍ତରରେ ଆଲୋଚନା କରିବା ହିଁ ସମାଧାନର ଏକମାତ୍ର ପନ୍ଥା । ପୁନଶ୍ଚ, ଯଥାଶୀଘ୍ର ଅସ୍ତ୍ରବିରତୀ ଲାଗି ଭାରତ ବାରମ୍ବାର ଉଭୟ ପକ୍ଷଙ୍କୁ ଆହ୍ୱାନ ଜଣାଇଛି । ତେବେ ରୁଷିଆ ଉପରେ ଭାରତ ଚାପ ପକାଇ ପାରିବ ବୋଲି ବିଶ୍ୱ ନେତୃବର୍ଗ ବିଶ୍ୱାସସ କରନ୍ତି । ତେଣୁ ଭାରତର ବିରୋଧାଭାଷ ଯଥେଷ୍ଟ ମାନ୍ୟତା ବହନ କରେ । ସେହି ଦୃଷ୍ଟିରୁ ଗତ ବୁଧବାର ଦିନ ଭୋଟ ଓ ଭାରତର ରୁଷ ବିରୋଧରେ ମତଦାନକୁ ଏବେ ଗୁରୁତ୍ୱର ସହ ବିବେଚନା କରାଯାଉଛି । ସୂଚନାଯୋଗ୍ୟ ଯେ, ଜାତିସଂଘ ଗଠନ ହେବା ଦିନଠାରୁ ବହୁ ସଂକଟର ଘଡ଼ିରେ ରୁଷିଆ (ପୂର୍ବତନ ୟୁଏସଏସଆର) ଭାରତ ସହ ଠିଆ ହୋଇଛି । ଭାରତ ମଧ୍ୟ ଏହି ବନ୍ଧୁତାକୁ ସଦାବେଳେ ଯଥାମାନ୍ୟ ପ୍ରଦାନ କରିଛି । ପରିବର୍ତ୍ତିତ ବିଶ୍ୱ ରାଜନୀତିର ଦୃଶ୍ୟପଟ୍ଟ ବଦଳିଛି ଏବଂ ଭାରତ ଓ ଆମେରିକା ନିକଟତର ହୋଇଛନ୍ତି । କିନ୍ତୁ ଏହା ଭାରତ-ରୁଷିଆ ବନ୍ଧୁତାରେ କୌଣସି ଆଞ୍ଚ ପହଞ୍ଚାଇ ନାହିଁ । ଭାରତ-ରୁଷିଆ ବନ୍ଧୁତାକୁ ସମୟସିଦ୍ଧ ସଂପର୍କ ବୋଲି ସମଗ୍ର ବିଶ୍ୱ ବିଶ୍ୱାସ କରେ । ତେବେ ୟୁକ୍ରେନ ଯୁଦ୍ଧ ବନ୍ଦ୍ ପାଇଁ ଭାରତ ଯେଉଁ ଆଭିମୁଖ୍ୟ ଆପଣାଇଛି, ତାହାକୁ ପୁଣି ଥରେ ନିଜ ଭୋଟଦାନ ମାଧ୍ୟମରେ ଦୋହରାଇଛି । ଏହା କେବଳ ରୁଷିଆ କିମ୍ବା ୟୁକ୍ରେନ ପାଇଁ ନୁହେଁ । ସମଗ୍ର ବିଶ୍ୱ ପାଇଁ ମଙ୍ଗଳ । ଏହାର ନିହିତ ଗୂଢ଼ାର୍ଥକୁ ରୁଷିଆ ଅବଶ୍ୟ ହୃଦୟଙ୍ଗମ କରିବ । ୟୁକ୍ରେନ ଯୁଦ୍ଧକୁ ନେଇ ଏବେ ବିଶ୍ୱରେ ଯେଉଁ ଆଣବିକ ବିପଦର ଭୟ ସୃଷ୍ଟି ହେବାରେ ଲାଗିଛି ତାହା ଦୂର ହୋଇପାରିବ । କେବଳ ଝାପାରଝିଆ ନୁହେଁ, ୟୁକ୍ରେନ୍‌ରେ ଆହୁରି ଅନେକ ଆଣବିକ ଶକ୍ତି କେନ୍ଦ୍ର ରହିଛି, ସେସବୁର ନିରାପତ୍ତା ଏବେ ଉଭୟ ରାଷ୍ଟ୍ରଙ୍କ ଉପରେ ନ୍ୟସ୍ତ ।

## ଆଫ୍ରିକାର ଚିନ୍ତା ଅଲ୍-ଶବାବ




ସୌମେନ୍ଦ୍ର ଜେନା


ଆଫ୍ରିକା ମହାଦେଶ ପାଇଁ ମୁସଲିମ ସନ୍ତ୍ରାସବାଦ ଚିନ୍ତାର ବିଷୟ ହୋଇ ରହିଛି । ଭିନ୍ନ ଭିନ୍ନ ରାଷ୍ଟ୍ରରେ ଅଲ୍-ଶବାବ ସନ୍ତ୍ରାସବାଦୀ ରକ୍ତମୁଖା ହୋଇ ଗଣହତ୍ୟା ଘଟାଇ ଚ୍ଛଳିଛନ୍ତି । ଏହିକ୍ରମରେ ସୋମାଲିଆର ରାଜଧାନୀ ମୋଗାଡିସୁ ସହରରେ ୧୯ଅଗଷ୍ଟ ୨୦୨୨ର ବିଳମ୍ବିତ ରାତ୍ରିରେ ଆତଙ୍କବାଦୀମାନେ ସାତ ତାରକା ବିଶିଷ୍ଟ ହାୟାତ ହୋଟେଲ ଉପରେ ଆକ୍ରମଣ କରିବା ଯୋଗୁ ପ୍ରାୟ ୪୦ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହେବା ସହ ୭୦ଜଣ ଆହତ ହୋଇଥିବା ଜଣାପଡିଛି । ଏହି ଆକ୍ରମଣ ପୂର୍ବରୁ ହୋଟେଲ ବାହାରେ ଥିବା ଦୁଇଟି କାର୍‌ରେ ବିସ୍ଫୋରଣ କରାଯାଇଥିଲା । ଏହାପରେ ଆତଙ୍କବାଦୀମାନେ ହୋଟେଲ ଭିତରେ ପ୍ରବେଶକରି ଗୁଳିଚ୍ଛଳନା ଆରମ୍ଭ କରିଥିଲେ । ଏହା ପୂର୍ବରୁ ଗତ ଜୁଲାଇ ୨୮ତାରିଖରେ ସୋମାଲିଆର ଭିନ୍ନ ଭିନ୍ନ ସ୍ଥାନରେ ବୋମା ବିସ୍ଫୋରଣ ଯୋଗୁ ପ୍ରାୟ ୧୯ଜଣ ଲୋକଙ୍କର ମୃତ୍ୟୁ ହୋଇଥିଲା ।

ମୁମ୍ବାଇରେ ୨୬ ନଭେମ୍ବର ୨୦୦୮ରେ ତାଜ୍ ହୋଟେଲ ଉପରେ ହୋଇଥିବା ଆକ୍ରମଣ ଢଙ୍ଗରେ ହୋଟେଲ ହାୟାତ ଉପରେ ଆକ୍ରମଣ ହୋଇଥିଲା । ତାଜ୍ ହୋଟେଲ ଆକ୍ରମଣ ଘଟଣାରେ ୯ ଆତଙ୍କବାଦୀ ସମେତ ୧୮୦ଲୋକଙ୍କର ମୃତ୍ୟୁ ହୋଇଥିଲା । ୧୦ ଆତଙ୍କବାଦୀ ୧୦ଟି ଏକେ -୪୭, ୧୦ ପିସ୍ତଲ, ୮୦ ଗ୍ରେନେଡ, ୨୦୦୦ଗୁଳି, ୨୪ ମାଗାଜିନ୍, ୧୦ ମୋବାଇଲ ଫୋନ୍, ଟାଇମର୍ସ ଓ ବିସ୍ଫୋରକ ସହ ହୋଟେଲରେ ପ୍ରବେଶ କରିଥିଲେ । ସେମାନଙ୍କୁ ସଫା କରିବା ପାଇଁ ଦୁଇଦିନରୁ ଅଧିକ ସମୟ ଲାଗିଥିଲା । ଏବେ ହାୟାତ ହୋଟେଲର ଆକ୍ରମଣ ସହ ତାଜ୍ ହୋଟେଲ ଆକ୍ରମଣକୁ ଦେଖିଲେ ଉଭୟ ଘଟଣାରେ ଅନେକ ସମାନତା ଥିଲା ପରି ମନେହେବ । ଦୁଇଟିଯାକ ଆକ୍ରମଣ ଘଟଣାରେ ଆତ୍ମଘାତୀ ଆକ୍ରମଣକାରୀ ମରିବା ମାରିବାର ଲକ୍ଷ୍ୟ ନେଇ ଆସିଥିଲେ । ଦୁଇଟି ଯାକ ଘଟଣାରେ ଆତଙ୍କବାଦୀମାନେ ଷ୍ଟାର ହୋଟେଲକୁ ହିଁ ଟାର୍ଗେଟ କରିଥିଲେ । ଉଭୟ ଆକ୍ରମଣ ଶୁକ୍ରବାରିଆ ହୋଇଥିଲା । ଉଭୟ ଆକ୍ରମଣରେ ସୁରକ୍ଷାକର୍ମୀମାନଙ୍କୁ ଟାର୍ଗେଟ କରାଯାଇଥିଲା । ଆକ୍ରମଣ ସମୟରେ ହୋଟେଲ ହାୟାତଠାରେ ବରିଷ୍ଠ ପୁଲିସ ଅଧିକାରୀମାନଙ୍କର ସମ୍ମିଳନୀ ଚ୍ଛଳିଥିଲା । ଦୁଇଟିଯାକ ଆକ୍ରମଣ ବେଳେ ପ୍ରଥମେ ବିସ୍ଫୋରଣ କରି ଲୋକମାନଙ୍କୁ ମୁଣ୍ଡଜାମିନ ରଖାଯାଇଥିଲା । ଦୁଇଟିଯାକ ଘଟଣାରେ ଆତଙ୍କବାଦୀମାନେ ଅନେକ ଅସ୍ତ୍ରଶସ୍ତ୍ର ସହ ଦୀର୍ଘ ସମୟ ସଂଘର୍ଷ ପାଇଁ ଯୋଜନା କରି ଆସିଥିଲେ । ଦୁଇଟି ଘଟଣାରେ ଆକ୍ରମଣକାରୀ ଆଖିବୁଜା ଗୁଳିଚ୍ଛଳନାକରି ହୋଟେଲ ଭିତରେ ଲୋକମାନଙ୍କୁ ନିଜ ଅକ୍ତିଆରକୁ ନେଇଥିଲେ । ମୁମ୍ବାଇର ଆକ୍ରମଣ ପରି ସୋମାଲିଆ ଆକ୍ରମଣ ମଧ୍ୟ ବାହାର ନିର୍ଦ୍ଦେଶରେ ହୋଇଥିଲା । ଦୁଇଟିଯାକ ଘଟଣାରେ ପୂର୍ବପ୍ରସ୍ତୁତି ରହିଥିଲା । ମୁମ୍ବାଇ ଘଟଣା ପୂର୍ବରୁ ସନ୍ତ୍ରାସବାଦୀମାନେ ଆକ୍ରମଣର ପୂର୍ବାଭ୍ୟାସ ବା ରେକି କରିଥିଲେ । ହୋଟେଲ ହାୟାତ ଘଟଣାରେ ଆଖପାଖ ଅଞ୍ଚଳରେ ସମାନ ଢଙ୍ଗରେ ରେକି ହୋଇଥିବା ସମ୍ଭବ, ଯାହା ଅନୁସନ୍ଧାନ ପରେ ଜଣାପଡିପାରେ । ହାୟାତ ଘଟଣାରେ ୩୦ ଘଣ୍ଟା ଲାଗିଥିଲା ଆତଙ୍କବାଦୀଙ୍କୁ ନିପାତ ପାଇଁ ।

ଇସଲାମିକ ସରିୟା ଅଦାଲତର ଏକ ସଂଗଠନ ୟୁନିଅନ ଅଫ୍ ଇସଲାମିକ କୋର୍ଟସ ଅଧିନରେ ଏକଦା ସୋମାଲିଆର ମୋଗାଡିସୁ ସହର ରହିଥିଲା । ଏହାର ମୁଖ୍ୟ ଥିଲା ସରିଫ ଶେଖ ଅହମ୍ମଦ । ଇଥିଓପିଆର ସେନାବାହିନୀ ୨୦୦୬ରେ ଏହି ଗୋଷ୍ଠୀକୁ ପରାସ୍ତ କରିବାପରେ ଅଲ-ଶବାବ ସଂଗଠନ ଜନ୍ମ ନେଇଥିଲା । ଏହି ସନ୍ତ୍ରାସବାଦୀ ସଂଗଠନ ଇସଲାମିକ କୋର୍ଟସର ଏକ ଶାଖା ଭାବେ ପରିଚିତ । ଏହା ସାଉଦି ଆରବର ୱାହବୀ ବା ମୌଳବାଦୀ ବିଚ୍ଛରକୁ ନେଇ କାର୍ଯ୍ୟକରୁଛି । ଏହି ଆତଙ୍କବାଦୀ ଗୋଷ୍ଠୀ ସୋମାଲିଆର ସରକାରଙ୍କୁ କ୍ଷମତାରୁ ହଟାଇବାକୁ ୨୦୧୭ରୁ ପ୍ରୟାସ କରି ଆସୁଛନ୍ତି । ୨୦୧୫ରେ ଏହି ଗୋଷ୍ଠୀର ଆକ୍ରମଣ କେନିଆର ଏକ ବିଶ୍ୱବିଦ୍ୟାଳୟ ଉପରେ ହୋଇଥିଲା । ସେହି ଘଟଣାରେ ୧୪୮ଜଣ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା । ପରେ ୨୦୧୬ରେ ଏହି ଗୋଷ୍ଠୀ କେନିଆର ଏକ ସେନା ଶିବିର ଉପରେ ଆକ୍ରମଣ କରିଥିଲେ । ସେହି ଘଟଣାରେ ପ୍ରାୟ ୧୮୦ଜଣ ସୈନ୍ୟ ମୃତ୍ୟୁ ମୁଖରେ ପଡିଥିଲେ । ସେହିପରି ୨୦୧୭ରେ ମୋଗାଡିସୁ ସହରରେ ଭୟଙ୍କର ବୋମା ବିସ୍ଫୋରଣ ଏହି ଗୋଷ୍ଠୀ ପକ୍ଷରୁ ହୋଇଥିଲା, ଯେଉଁଥିରେ ପ୍ରାୟ ୫୦୦ଜଣ ଲୋକଙ୍କ ମୃତ୍ୟୁ ହୋଇଥିଲା ।

ଗତ ଜୁଲାଇ ୨୮ରେ ସୋମାଲିଆର ଦୁଇଟି ସହର ମାର୍କା ଏବଂ ଅଫଗୋୟରେ ଏହି ଗୋଷ୍ଠୀ ଆକ୍ରମଣ କରିଥିଲେ । ମାର୍କାରେ ଆତ୍ମଘାତୀ ବୋମା ଆକ୍ରମଣରେ ୧୩ଜଣ ଲୋକଙ୍କ ମୃତ୍ୟୁ ହୋଇଥିଲା, ୫ଜଣ ଆହତ ହୋଇଥିଲେ । ଦ୍ୱିତୀୟ ଘଟଣା ଅଫଗୋୟ ସହରରେ ଘଟିଥିଲା ଯେଉଁଥିରେ ଦୁଇଟି ଆକ୍ରମଣରେ ୭ ଲୋକଙ୍କ ମୃତ୍ୟୁ ହେବା ସହ ୧୮ ଆହତ ହୋଇଥିଲେ । ମାର୍କାର ପ୍ରଶାସନିକ କାର୍ଯ୍ୟାଳୟ ବାହାରେ ବୋମା ବିସ୍ଫୋରଣ ବେଳେ ମେୟର ଅବ୍‌ଦୁଲ୍ଲାହୀ ଅଲି ୱାଫୋଙ୍କୁ ଟାର୍ଗେଟ କରାଯାଇଥିଲା । ଆତ୍ମଘାତୀ ବିସ୍ଫୋରଣ ଭର୍ତ୍ତି ଏକ ଜ୍ୟାକେଟ ପିନ୍ଧି ଆସିଥିଲା । ପ୍ରଶାସନିକ କାର୍ଯ୍ୟାଳୟର ବାହାରେ ପହଞ୍ଚିଲାକ୍ଷଣି ସେ ନିଜକୁ ଉଡାଇ ଦେଇଥିଲା । ସେହି ଆକ୍ରମଣରେ ସହରର ମେୟର ଅବଦୁଲ୍ଲାହୀଙ୍କ ସମେତ ଅନ୍ୟ ୧୨ଜଣଙ୍କର ମୃତ୍ୟୁ ହୋଇଥିଲା । ସେମିତି ଦ୍ୱିତୀୟ ଆକ୍ରମଣ ଅଫଗୋୟ ସହରର ଏକ ବଜାରରେ ଦୁଇଥର ହୋଇଥିଲା । ରାସ୍ତାକଡରେ ହୋଇଥିବା ବିସ୍ଫୋରଣରେ ୭ଜଣ ଲୋକଙ୍କ ମୃତ୍ୟୁ ଏବଂ ୧୮ଜଣ ଆହତ ହୋଇଥିଲେ । ପ୍ରଥମ ଆକ୍ରମଣ ପରେ ଲୋକଙ୍କୁ ଉଦ୍ଧାର କରାଯିବା ପାଇଁ ପ୍ରୟାସ ଚ୍ଛଳିଥିଲା ବେଳେ ଦ୍ୱିତୀୟ ବିସ୍ଫୋରଣ ଘଟିଥିଲା । ସେହି ଆକ୍ରମଣରେ ୨ଜଣ ଯବାନଙ୍କ ମୃତ୍ୟୁ ହୋଇଥିଲା । ସ୍ଥାନୀୟ ବୁଧବାରିଆ ବଜାରରେ ସବୁବେଳେ ଲୋକଙ୍କ ସାପ୍ତାହିକୀ କିଣାବିକା ପାଇଁ ଭିଡ ଜମି ରହୁଥିବା ହେତୁ ବଜାରକୁ ଟାର୍ଗେଟରେ ରଖାଯାଇଥିଲା । ଏହି ଆକ୍ରମଣ ଘଟଣାକୁ ଜାତିସଂଘ, ୟୁରୋପୀୟ ସଂଘ, ଭାରତ ସମେତ ଆମେରିକା ଆଦି ରାଷ୍ଟ୍ର ନିନ୍ଦା କରିଛନ୍ତି । ଚଳିତ ମାସ ୧୪ଅଗଷ୍ଟ ଦିନ ଆମେରିକାର ଆଫ୍ରିକୀୟ କମାଣ୍ଡର ବାୟୁସେନା ବୋମାମାଡରେ ପ୍ରାୟ ୧୩ଜଣ ସନ୍ତ୍ରାସବାଦୀ ସୋମାଲିଆରେ ମୃତ୍ୟୁବରଣ କରିଥିଲେ ।

ହରକତ୍ ଅଲ୍-ଶବାବ ଅଲ୍-ମୁଜାହିଦ୍ଦୀନ (ଯୁବ ଯୋଦ୍ଧାଙ୍କ ସଂଘର୍ଷ) ସୋମାଲି ଭାଷାରେ 'ଜାରାକଡା ମୁଜାହିଦନ୍ତା ଅଲଶବାବ' ଭାବେ ପରିଚିତ । ସୋମାଲିଆର ଏହି ଗୋଷ୍ଠୀ ପୂର୍ବ ଆଫ୍ରିକାରେ ସକ୍ରିୟ ରହିଛି । ଇସଲାମିକ ମଘରେବର ଅଲ୍‌କାୟଦା ଏବଂ ବୋକୋ ହାରାମ ଗୋଷ୍ଠୀ ସହ ଏହି ଗୋଷ୍ଠୀର ସଂପର୍କ ରହିଥିବା କଥା କୁହାଯାଉଛି । ସୋମାଲିଆର ହାୱିୟେ ସଂପ୍ରଦାୟର ଲୋକେ ସାଧାରଣତଃ ଏହି ଗୋଷ୍ଠୀରେ ରହିଛନ୍ତି । ଏହି ସଂପ୍ରଦାୟଟି ସୋମାଲିଆରେ ସବୁଠୁ ବଡ ଗୋଷ୍ଠୀ । ଏହି ସନ୍ତ୍ରାସବାଦୀ ଗୋଷ୍ଠୀରେ ବ୍ରିଟେନର ସମାନ୍ଥା ଲିଥୱିଟେ ଏବଂ ଆମେରିକାର ଅବୁ ମନ୍‌ସୁର ଅଲ୍-ଆମ୍ରିକି ପରି ନେତା ମଧ୍ୟ ରହିଛନ୍ତି । ସୋମାଲିଆର ସୁଫି ସନ୍ତ୍ରାସବାଦୀ ଗୋଷ୍ଠୀ ଅହଲୁ ସୁନ୍ନା ୱାଲଜାମା ସହ ଅଲ-ଶବାବ ଗୋଷ୍ଠୀର ଅନେକ ସମୟରେ ସଂଘର୍ଷ ହୋଇଥାଏ । ଇସଲାମର ଶତ୍ରୁ ବିରୁଦ୍ଧରେ ଲଢିବା ଏହି ଗୋଷ୍ଠୀର ଉଦ୍ଦେଶ୍ୟ ବୋଲି କୁହାଯାଇଥାଏ । ସୋମାଲି ସରକାର ଏବଂ ସୋମାଲି ଆଫ୍ରିକୀୟ ୟୁନିଅନ ବିରୁଦ୍ଧରେ ଏହି ଗୋଷ୍ଠୀ ଏବେ ଲଢୁଛି । ଅହମ୍ମଦ ଗୋଦାନେ ୨୦୦୭ରୁ ୨୦୧୪ ପର୍ଯ୍ୟନ୍ତ ଗୋଷ୍ଠୀର ମୁଖ୍ୟନେତା ଥିଲେ । ଅହମ୍ମଦ ଉମର ୨୦୧୪ରୁ ଏହାର ନେତୃତ୍ୱ ନେଉଛନ୍ତି । ଏହାର ମୁଖ୍ୟ କେନ୍ଦ୍ର କିସ୍‌ମାୟୋ (୨୦୦୮-୧୨), ବାରାୱେ (୨୦୧୨-୧୪), ଜିଲିବ (୨୦୧୪ରୁ ଏ ପର୍ଯ୍ୟନ୍ତ) ରହିଆସିଛି । ଆଫ୍ରିକାର ସୋମାଲିଆ, କେନିୟା ଏବଂ ଇଥିଓପିଆରେ ଏହି ଗୋଷ୍ଠୀ ସକ୍ରୀୟ ରହିଛି । ଗୋଷ୍ଠୀରେ ୭ହଜାରରୁ ୧୨ହଜାର ପର୍ଯ୍ୟନ୍ତ ସନ୍ତ୍ରାସବାଦୀ ରହିଥିବା ଆକଳନ କରାଯାଉଛି । ବର୍ଷ ୨୦୦୦ବେଳକୁ ଆରମ୍ଭ ହୋଇଥିବା ଅଲ ଶବାବ ସୋମାଲିଆ ଯୁଦ୍ଧ (୨୦୦୬-୦୯) ସମୟରେ ଦୃଷ୍ଟିକୁ ଆସିଥିଲା । ସରିଫ ଶେଖ ଅହମ୍ମଦଙ୍କ ନେତୃତ୍ୱରେ ଅଗଷ୍ଟ ୨୦୧୧ରେ ମୋଗାଡିସୁକୁ ଅଲ-ଶବାବ ହାତରୁ ମୁକ୍ତ କରି ସରକାର ଗଠନ ହୋଇଥିଲା । ୨୦୧୨ରେ ଅଲ-କାୟଦାର ନେତା ଅଲ୍ ଜୱାହିରି ପ୍ରତି ଅଲ୍-ଶବାବ ସମ୍ମାନ ପ୍ରଦର୍ଶିତ କରିବା ଘଟଣାରୁ ଏହାର ଅଲ-କାୟଦା ସଂପର୍କ ଦୃଷ୍ଟିକୁ ଆସିଥିଲା । ଫେବୃଆରୀ ୨୦୧୪ରେ ଅଲକାୟଦାର ନେତାମାନଙ୍କ ସହ ଅଲ-ଶବାବର ଶାସନକୁ ନେଇ ମତଭେଦ ସୃଷ୍ଟି ହୋଇଥିଲା । ଅଗଷ୍ଟ ୨୦୧୪ରେ ସୋମାଲିଆ ସରକାର ଭାରତ ମହାସାଗରରେ ସନ୍ତ୍ରାସବାଦୀ ଦମନ ଅଭିଯାନ ଚଳାଇଥିଲେ । ୧ ସେପ୍ଟେମ୍ବର ୨୦୧୪ରେ ଆମେରିକା ପକ୍ଷରୁ ଯେଉଁ ଡ୍ରୋନ ଆକ୍ରମଣ କରାଯାଇଥିଲା ସେଥିରେ ଅଲ-ଶବାବର ନେତା ମୁଖତାର ଅବୁ ଜୁବେରର ମୃତ୍ୟୁ ହୋଇଥିଲା । ୨୦୧୫ରେ ସହରାଞ୍ଚଳରୁ ସନ୍ତ୍ରାସବାଦୀଙ୍କୁ ହଟାଇ ଦିଆଯାଇଥିଲେ ହେଁ ଗ୍ରାମାଞ୍ଚଳରେ ସେମାନେ ସକ୍ରିୟ ରହିଥିଲେ । ପରବର୍ତ୍ତୀ ସମୟରେ ସେମାନେ ସହରାଞ୍ଚଳରେ ପ୍ରବେଶ କରି ଆକ୍ରମଣ ଜାରି ରଖିଛନ୍ତି । ୧୫-୧୬ ଜାନୁଆରୀ ୨୦୧୯ରେ କେନିଆର ନାଇରୋବି ସ୍ଥିତ ହୋଟେଲ ଆକ୍ରମଣ, ଅକ୍ଟୋବର ୨୦୧୭ରେ ମୋଗାଡିସୁଠାରେ ଆତ୍ମଘାତୀ ଟ୍ରକବୋମା ବିସ୍ଫୋରଣରେ ପ୍ରାୟ ୫୦୦ଲୋକଙ୍କ ମୃତ୍ୟୁ ହୋଇଥିଲା । ୨ ଜାନୁଆରୀ ୨୦୨୦ରେ କେନିଆର ଲାମୁଠାରେ ଏକ ବସ୍ ଉପରେ ଆକ୍ରମଣ ହେବା ଯୋଗୁ ୩ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା । ୫ଜାନୁଆରୀ ୨୦୨୦ରେ କେନିଆ ସେନାବାହିନୀର ମାଣ୍ଡା ବେଉସ୍ଥିତ କ୍ୟାମ୍ପ ସିମ୍ବାଠାରେ ସନ୍ତ୍ରାସବାଦୀଙ୍କ ଆକ୍ରମଣରେ ଜଣେ ଆମେରିକୀୟ ଏବଂ ଦୁଇଜଣ ଠିକାଦାରଙ୍କ ମୃତ୍ୟୁ ହୋଇଥିଲା । ଦୁଇଜଣ ଆମେରିକୀୟ ସୁରକ୍ଷା କର୍ମଚ୍ଛରୀ ଆହତ ହୋଇଥିଲେ । ଦୁଇଟି ବିମାନ, ଦୁଇଟି ହେଲିକେପ୍‌ଟର, ଗୋଟିଏ ଆମେରିକୀୟ ବହୁମୁଖୀଯାନ ନଷ୍ଟ ହୋଇଥିଲା ।


(ଅବଶିଷ୍ଟାଂଶ ପୃଷ୍ଠା-୭ରେ)


## ଶୁଦ୍ଧ ମନ ସ୍ୱଚ୍ଛ ଭାବନା




ବୈଷ୍ଣବ ମେହେର


ମଣିଷକୁ ଚିହ୍ନିବା ଓ ବୁଝିବା ହେଉଛି ସବୁଠାରୁ ବଡ଼ କଠିନ କାର୍ଯ୍ୟ । ସାମନାରେ ଥିବା ଜଣେ ବ୍ୟକ୍ତି ମନରେ କ'ଣ ରହିଛି, ସେ କେତେବେଳେ କ'ଣ ଭାବୁଛି ଜାଣିବା ଖୁବ ମୁସ୍କିଲ ବ୍ୟାପାର । ଅଧିକାଂଶ ମଣିଷଙ୍କ ଠାରେ ଗୋଟିଏ କଥା ହୃଦବୋଧ ହୁଏ ଯେ, ସେ ନିଜକୁ ଯେମିତି ଦେଖାଏ ବାସ୍ତବରେ କିନ୍ତୁ ସେ ସେମିତି ହୋଇନଥାଏ । ଅନେକାଂଶରେ ମଣିଷର ଆଚରଣ ଗୋଟିଏ ପ୍ରକାର ହେଲେ ତା ଭିତରର ବିଚାର ଅନ୍ୟ ପ୍ରକାର ହୋଇଥାଏ । କିନ୍ତୁ କେତେ ଜଣ ଏବେ ବି ଅଛନ୍ତି, ଯେଉଁ ମାନଙ୍କ ଭାବନା ଏବଂ ଆଚରଣ ଉଭୟରେ ସ୍ୱଚ୍ଛତା ଓ ସମାନତା ଥିବା ପରିଲିକ୍ଷିତ ହୋଇଥାଏ । କିନ୍ତୁ ପରିତାପର ବିଷୟ ଏଇୟା ଯେ, ଏମାନଙ୍କ ସଂଖ୍ୟା ଧୀରେଧୀରେ କମିବାରେ ଲାଗିଛି । ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରୁ ମହାପୁରୁଷ ଗୌତମ ବୁଦ୍ଧ ଓ ମହାବୀର ଜୈନଙ୍କ ଭଳି ବିଶ୍ୱ ଗୁରୁମାନେ ମଣିଷର ଆଚରଣ ଓ ବିଚାରଗତ ଶୁଦ୍ଧତା ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି । ମହାମାନବ ମହାତ୍ମାଗାନ୍ଧୀ ମଧ୍ୟ ବ୍ୟକ୍ତିର ଭାବନାରେ ସ୍ୱଚ୍ଛତା ଓ ଶୁଦ୍ଧତା ରହିଲେ ହିଁ ସେ ଉତ୍ତମ ମଣିଷ ହେବା ସହ ସର୍ବଜନାଦୃତ ହୋଇ ପାରିବ ବୋଲି କହିଥିଲେ । ଜଣେ ମୁହଁରେ ଯେତେ ଭଲଭଲ କଥା କହୁନା କାହିଁକି, ତାର ଯଦି ଭାବନା ଠିକ ନଥିବ ତେବେ ତାକୁ ଅନ୍ୟମାନେ ଗ୍ରହଣ କରିବା ତ ଦୂରର କଥା ତା'ପ୍ରତି ସାଧାରଣରେ ବିତୃଷ୍ଣା ଭାବ ସୃଷ୍ଟି ହେବା ମଧ୍ୟ ଅତ୍ୟନ୍ତ ସ୍ୱଭାବିକ କଥା । ଏଭଳି ଅନେକ ବ୍ୟକ୍ତି ଆମ ସମାଜରେ ଅଛନ୍ତି, ଯେଉଁ ମାନଙ୍କୁ ଆମେ ପ୍ରତ୍ୟହ ସାମନା କରୁଛୁ ଏବଂ ସେମାନଙ୍କ ବାବଦରେ ଅନେକ ଭଲ ମନ୍ଦ ମଧ୍ୟ ଶୁଣୁଛୁ । କିନ୍ତୁ ଦୁଃଖର ବିଷୟ ଯେ, ସେହିମାନେ ନିଜ ବ୍ୟକ୍ତିତ୍ୱକୁ ନେଇ ହେଉଥିବା ଏଭଳି ଆଲୋଚନା ସମାଲୋଚନାକୁ କେବେ ବୁଝନ୍ତି ନାହିଁ କି ନିଜକୁ ବଦଳାନ୍ତି ନାହିଁ ।

ଅନେକ ସମୟରେ ମଣିଷ କେବଳ ନିଜ ଦୃଷ୍ଟିରୁ ହିଁ ନିଜ ଭାବନାକୁ ଉତ୍ତମ ବୋଲି ଗ୍ରହଣ କରିନିଏ । ଏଭଳି ଲୋକମାନେ ଅନ୍ୟର ସ୍ଥିତିକୁ ଆଦୌ ଧ୍ୟାନରେ ନରଖି କେବଳ ନିଜ ସ୍ୱାର୍ଥ୍ୟ ହାସଲକୁ ସର୍ବସ୍ୱ ମଣନ୍ତି । ଫଳରେ ଏଭଳି ନକରାତ୍ମକ ବିଚାରର କୁପ୍ରଭାବ ନିଜ ବ୍ୟକ୍ତିତ୍ୱ ଉପରେ ପଡ଼ିବା ସହ ଅନ୍ୟମାନଙ୍କୁ ମଧ୍ୟ ପ୍ରଭାବିତ କରିଥାଏ । ନିଜ କିମ୍ବା ନିଜ ପରିବାରର ସୁଖ ପାଇଁ କାମନା କରିବା ଭୁଲ କଥା ନୁହେଁ କିନ୍ତୁ ଆମର ଏହି କାମନା ମଧ୍ୟରେ ଅନ୍ୟ କାହାର ଅନିଷ୍ଟର ଚିନ୍ତା ନରହିଲେ ଠିକ୍ । ଦୁଃଖ ଓ ସୁଖ ପରସ୍ପର ନିବିଡ଼ ଭାବରେ ଜଡ଼ିତ । ଦୁଃଖ ପରେ ସୁଖ ଏବଂ ସୁଖ ପରେ ଦୁଃଖ ଆସିବା ଚିରାଚରିତ ବୋଲି ଜାଣି ମଧ୍ୟ ସମସ୍ତେ କେବଳ ସୁଖ ଚାହାଁନ୍ତି । କ୍ଷଣିକ ପାଇଁ ହେଉ ପଛେ ଦୁଃଖକୁ ଗ୍ରହଣ କରିବାର ଧୈର୍ଯ୍ୟ କାହାରି ନାହିଁ । ଏକ କାଳ୍ପନିକ କାହାଣୀ ଅନୁସାରେ ମର୍ତ୍ତ୍ୟର ଲୋକଙ୍କ ଭାବନାକୁ ପରଖିବା ପାଇଁ ଗୋଟିଏ ସୁଖର ପୁଡ଼ିଆ ଓ ଆଉ ଗୋଟିଏ ଦୁଃଖର ପୁଡ଼ିଆ ଧରି ଥରେ ଜଣେ ଦେବଦୂତ ସ୍ୱର୍ଗରୁ ଆସିଥିଲେ । ସେ ମର୍ତ୍ତ୍ୟର ଅନେକ ସ୍ଥାନ ଭ୍ରମଣ କରି ଲୋକଙ୍କୁ ଏହି ଦୁଇଟି ପୁଡ଼ିଆ ନେବା ପାଇଁ କହିଲେ । ଉଭୟ ପୁଡ଼ିଆ ମଧ୍ୟରୁ ସୁଖର ପୁଡ଼ିଆ ନେବାକୁ ଲୋକଙ୍କ ମଧ୍ୟରେ ନାହିଁ ନଥିବା ଭିଡ଼ ପରିଲିକ୍ଷିତ ହେଲା । ଅପରପକ୍ଷେ ଦୁଃଖର ପୁଡ଼ିଆକୁ କେହି ଜଣେ ହେଲେ ଗ୍ରହଣ କରିବାକୁ ରାଜି ହେଲେ ନାହିଁ । ନିରାଶ ହୋଇ ଦେବଦୂତ ଯେତେବେଳେ ପ୍ରଶ୍ନ କଲେ ଯେ ଦୁଃଖର ପୁଡ଼ିଆ କିଏ ନେବ, କାହାକୁ ଦେବି ? ଏହି ପ୍ରଶ୍ନର ଉତ୍ତରରେ ପ୍ରାୟ ପ୍ରତ୍ୟେକ ସ୍ଥାନରେ ଲୋକମାନେ ନିଜ ପଡ଼ୋଶୀ ମାନଙ୍କୁ ଦେଇ ଦେବାକୁ ଇଶାରା ଦେଲେ । ଏହା ହିଁ ଆମର ମାନସିକତା । ଅନ୍ୟର ଯାହା ହେବାର ଅଛି ହେଉ, କିନ୍ତୁ ତାର ପ୍ରତି ବଦଳେ ଆମକୁ ସବୁ ସୁଖ ମିଳୁ । ସଂପ୍ରତି ମଣିଷର ପ୍ରଗତି ଯେତେଯେତେ ଆଗକୁ ମାଡ଼ି ଚାଲିଛି ସେତେସେତେ ତାର ଚିନ୍ତା ଓ ଚେତନା କୁତ୍ସିତ ହେବାରେ ଲାଗିଛି । ଏହା ଦ୍ୱାରା ମଣିଷ ବିସ୍ତାରିତ ହେବା ତ ଦୂରର କଥା ଧୀରେଧୀରେ ସେ ସଂକୀର୍ଣ୍ଣ ଓ ହୀନମାନ୍ୟ ହୋଇଯାଉଛି । ଏପରିସ୍ଥଳେ ନିଜ ରକ୍ତ ସଂପର୍କୀୟଙ୍କୁ ସାହାଯ୍ୟ ସହାନୁଭୂତି ଯୋଗାଇବାକୁ କେହି ଚାହୁଁ ନଥିବା ବେଳେ ଅଜଣା-ଅଚିହ୍ନା ଲୋକଙ୍କୁ କିଏ ଅବା ପଚାରେ ।

ମଣିଷର ବିଚାର ଓ ଭାବନା ସ୍ୱତଂତ୍ର । ସେଥିପାଇଁ ତ ଦୂନିଆର-ସମସ୍ତ ଜୀବ ଠାରୁ ସେ ଭିନ୍ନ । ମଣିଷ ଯଦି ତାର ଭାବନାରେ ସମ୍ବେଦନଶୀଳତା ନ ଆଣିବ, ତେବେ ସେ ମଣିଷ ହୋଇ ମଧ୍ୟ ପଶୁ ତୁଲ୍ୟ ଗଣନା ହେବ । ପୁନଶ୍ଚ ମଣିଷର ଭାବନା ଯଦି ନକରାତ୍ମକ ହୋଇଯିବ ତେବେ କ୍ଷତି କେବଳ ତାର ନୁହେଁ ବରଂ ଏହାର ନକରାତ୍ମକ ପ୍ରଭାବ ସମଗ୍ର ମାନବ ସମାଜ ଉପରେ ପଡ଼ିବ ହିଁ ପଡ଼ିବ । ମନର ଶାନ୍ତି ଓ ନିଜ ପରିବେଶକୁ ସୌହାର୍ଦ୍ଦ୍ୟପୂର୍ଣ୍ଣ କରିବା ପାଇଁ ପ୍ରତ୍ୟେକ ଲୋକ ଅନ୍ୟମାନଙ୍କୁ ଭଲ ପାଇବା ନିହାତି ଦରକାର । ଏହା ଦ୍ୱାରା ସଭିଏଁ ଆପଣାର ଜଣାପଡ଼ିବେ । ମନ ଭିତରେ ଉତ୍ତମ ଚିନ୍ତା ରଖି ପରର ହିତ କାମନା କଲେ ନିଜର ଚାରିପଟ ସୁନ୍ଦର ଓ ଆକର୍ଷଣୀୟ ଲାଗିବ । ଏହା ନିଶ୍ଚିତ ଯେ, ମଣିଷର ସଦଭାବନା ହିଁ ତାର ଜୀବନଧାରାକୁ ବଦଳାଇବା ସହ ସମାଜରେ ସୁଖ ଶାନ୍ତି ଓ ସମୃଦ୍ଧି ଆଣିବାରେ ସହାୟକ ହୋଇପାରିବ ।


ସିନାପାଲି, ନୂଆପଡ଼ା

ମୋ: ୯୭୭୭୭୫୩୯୩୫





### ଲୋକଙ୍କ କଥା


ବିନୟ ମିଶ୍ର


ସାକ୍ଷୀ ଧ୍ୱନି ପ୍ରତିଧ୍ୱନି  
ଦିବାକର ନାୟକ

ଛୋଟ ଭୁଲ୍ କୁ ମୋ ବଡ଼ ହୃଦୟରେ  
କ୍ଷମା ଥରେ କରିଲନି  
ଛୋଟ କ୍ଷମାଟିଏ ବଡ଼ ଘଟଣାକୁ  
ଏଡି ପାରେ ବୁଝିଲନି  
ରୋଷରେ ବି ଥରେ ପାରିଲନି କାନ  
ଲେଉଟି ଆସିଲା ସବୁ ନିବେଦନ  
ସାକ୍ଷୀ ଧ୍ୱନି ପ୍ରତିଧ୍ୱନି (୦)

ମୁଗୁର ନିହଣ ଆଘାତରେ ଏଠି  
ପଥର ବି ସାଜେ ଦିଅଁ  
କେଉଁ ପଥରରେ ଗଢ଼ା ତୁମ ମନ  
ମୋ ମନକୁ ଭାଙ୍ଗିଦିଅ

ନିଜ ସୁଖେ ଏଠି ବଞ୍ଚିବାର ମାନେ  
ସେ ଜୀବନ ଥାଇ କିବା ଲାଭ ଦିନେ  
ଜାଣି ସବୁ ଜାଣିଲନି..  
ଛୋଟ ଭୁଲ୍ କୁ ମୋ ବଡ଼ ହୃଦୟରେ  
କ୍ଷମା ଥରେ କରିଲନି (୧)

ନିଜ ସ୍ୱାଭିମାନ ବୋଲି ଯା ଭାବୁଛ  
ସେତ ସବୁ ଅହମିକା  
କାହା ସିନ୍ଦୂରକୁ ଧୋକା ଦେବା ନୁହେଁ  
ଭାଲେ ପଉରୁଷ-ଟୀକା

ଦେହ ଭିନ୍ନ ଭିନ୍ନ ଆତ୍ମା ଏକା ଭଳି  
ହୋଇପାରେ ଫୁଲ ଆଉ ଜହ୍ନେ ଅଳି  
ସମୟକୁ ଚିହ୍ନିଲନି..  
ଛୋଟ ଭୁଲ୍ କୁ ମୋ ବଡ଼ ହୃଦୟରେ  
କ୍ଷମା ଥରେ କରିଲନି (୨)


ପାଟପୁର, କନିସି-୭୬୧୦୦୮  
ଭା-ଗୋଳନ୍ଥରକା, ଗଞ୍ଜାମ  
ମୋ-୯୯୩୮୬୧୯୯୮୧


### ମୃତ୍ୟୁର କବର


ଜିତୁ ପ୍ରଧାନ


ସବୁ ଭୋକକୁ ଯଦି ଲୁଚେଇ ହୁଅନ୍ତା  
ପିନ୍ଧା ଖାକି ରଙ୍ଗର ପୋଷାକ ତଳେ  
କିଏ କେବେ ଅନ୍ତ ଚିରି  
ଶୋଷି ପାରନ୍ତେ ନାହିଁ ରକ୍ତ  
କଅଁଳ ମାଂସରେ ମେଣ୍ଟାଇ ପାରନ୍ତେ ନାହିଁ  
ଦେହର ନିର୍ଲଜ୍ଜ ଭୋକକୁ ।

ପ୍ରେମର ଛଳନାରେ ବାନ୍ଧି ପାରନ୍ତେ ନାହିଁ  
ପରସ୍ତ ପରସ୍ତ କାମୁକତା  
ସେମାନେ ତ ଫେରି ଆସନ୍ତେ କେବେକେବେ  
ଦେହର ଗରମ ରକ୍ତକୁ ବିକିବା ଆଗରୁ  
ମାଂସ ଲୋଭି ଧନୀକୁ , ଦେହ ଲୋଭି ନେତାକୁ  
କାମଲୋଭି ମଣିଷକୁ  
ଯିଏ ଝୁଣିଝାଣି ବିଦାରି ପକାଏ ତା ଦେହରେଥିବା  
ସବୁତକ କାମାନଳ ।

ମୋଟି ବେଶ୍ୟା  
ତା ଦେହରୁ ଖୋଲିଦିଏ ମଣିଷର ମୁଖା  
ମୁଖାତଳୁ ଜଳିଉଠେ  
କଳାବାଘ କଳାବାଘ  
ବାଘ ନାହିଁ ତା ମୁହଁରେ !  
ତା ଜିଭରୁ ବୋହିପଡ଼େ  
ମେଞ୍ଚା ମେଞ୍ଚା ମଣିଷ ରକତ ।

ଜଳି ଉଠେ ସାରାରାତି ଆକାଶରେ  
ଟିଣର ଚାଦର ,  
ଆକାଶର ଦେହଖାଲି ମଖମଲି  
ବାସ୍ନାଭରା ନଗ୍ନ ବ୍ୟଭିଚାର ।

ଆସ ମୋର ପ୍ରିୟ ସାଥୀ ପ୍ରିୟ ନର  
ଏ ରାତିକ ପାଇଁ  
ଏ ରାତି ପୁନେଇଁ  
ତୁମକୁ ଦାନଦେବି ମୋ ଦେହର  
ସବୁ ପ୍ରେମ ସବୁ ସୁଖ ସବୁ ଅନ୍ଧକାର  
ଇତି ତୁମ ମୃତ୍ୟୁର କବର ।


ଓଡ଼ିଆ ସାହିତ୍ୟ ଛାତ୍ର  
ନୟାଗଡ଼ ସ୍ୱୟଂଶାସିତ  
ମହାବିଦ୍ୟାଳୟ, ନୟାଗଡ଼  
ମୋ - ୮୨୬୦୭୬୯୪୦୬


### ହେ ସଦାସାଥୀ !!


ଯୁଧିଷ୍ଠିର କୁଅଁର


ହେ ଦେବୃକ୍ଷ !  
ଏନ୍ତୁଡିଶାଳରେ ତୁମେ ମୋର  
ପହିଲି ପ୍ରତିମା ।  
ନିଜେ ଜଳିଜଳି  
ଅଚେତନ ଘଟ ମୋର  
ସଚେତନ କଲ।  
ଉତ୍ତାପରେ ସନ୍ତାପକୁ  
ପାଶୋରାଇ ଦେଲ।  
ଶୈଶବରେ-  
ତବ ଛାୟା ତଳେ,  
ଖେଳକୁଦ, ସାଙ୍ଗସାଥୀ, ବାଲ୍ୟ ସ୍ମୃତି  
ନିତି ନିତି ମନେପଡେ  
ମାନସ ପଟଳେ ।  
ଯୌବନରେ-  
ତୁମ ଛାତି,ସଜ ସୁପାତିରେ  
ବିତିଛି ମୋ ପ୍ରଣୟର  
ପ୍ରୀତିଛନ୍ଦା ରାତି ।  
ବାର୍ଦ୍ଧକ୍ୟରେ ଶୂନଶାନ  
ନିଃସଙ୍ଗ ବେଳାରେ  
ତୁମେ ମୋର  
କମ୍ପିତ ହସ୍ତରେ ଯଷ୍ଟି  
ଅଶ୍ରୁସିକ୍ତ ନୟନପଥରେ  
ଦାରୁଭୂତ ନୀଳାଦ୍ରିବିହାରୀ ।  
ଶେଷରେ-  
ତୁମ ମଧୁର ପରଶେ  
ଶ୍ମଶାନରେ ହେବ ମୋର  
ଅନ୍ତିମ ଶୟନ ।  
ହେ ସଦାସାଥୀ !  
ତୁମେ ବୃକ୍ଷ ନୁହେଁ,ବନ୍ଧୁ  
ତୁମକୁ କରୁଛି ବନ୍ଦନା  
ମାଟି ମନସ୍କ ମଣିଷଟେ ହୋଇ।  
ମାଟିରେ ତୁମର ସୃଷ୍ଟି  
ମାଟିରେ ବି ମୋର  
ମା ପେଟରୁ ମାଟି ପେଟ ଯାଏଁ,  
ଗର୍ଭଦ୍ୱାରୁ ସ୍ୱର୍ଗଦ୍ୱାର ଯାଏ  
ସୁଖେକର ଶୁଭକର  
ମୋର ଶେଷଯାତ୍ରାର।


ଡଗରପଡା, ବାଲେଶ୍ୱର  
ମୋ:୯୦୪୦୬୩୨୧୯୪


### ଭାଦ୍ରବ ଭାବନା


ନୀଳମଣି ଚାନ୍ଦ


ପ୍ରାବୃଟ ଅବୋଧ  
ରହି ସିଏ କରେ ତା'ର ପଥ ଅବରୋଧ  
ଏ ତ ବିଡମ୍ବନା  
ଅବପାତ ଆସି କରେ ଭାବନାକୁ ଚୂନା।

ମରତେ ଶରତ  
ଭାଦ୍ରବର ରୂପରେ ସେ ଆଜି ଉପନୀତ  
ଆମେ ପ୍ରୀତ ନୋହୁଁ  
ବର୍ଷା, ବଢ଼ି ଲୋଡା ନାଇଁ  
ଏଇ କଥା କହୁଁ।

ଷଡଋତୁ ଚକ୍ର  
ଧୀରେଧୀରେ ହୋଇଯାଏ  
ସୀମା ତା'ର ବକ୍ର  
ହୁଏ କାହାପାଇଁ  
ଜଳବାୟୁ ବଦଳିଛି କିଆଁ ଜଣା ନାହିଁ ?

କାଶତଣ୍ଡୀ ଫୁଟି  
କହେ ଏଇ ଋତୁ ସାରା ନେବିନିରେ ଛୁଟି  
ନଇର ପ୍ରତୀକ୍ଷା  
ଅଭ୍ର ସମ ହେବାପାଇଁ ନେବ ସିଏ ଦୀକ୍ଷା।

ଖୁଦୁରୁକୁଣୀରେ  
ନୌବାଣିଜ୍ୟ କଥା ସ୍ମରେ ଯା ଗୀତ  
ଶୁଣିରେ  
ଗଣେଶ ଚତୁର୍ଥୀ  
ମନେ ବଢ଼େ ଭକ୍ତିଭାବ  
ବିଦ୍ୟାଦାତା ପ୍ରତି।

ସବୁଥର ଆସେ  
ପରିବେଶ ସଫା ରଖ କହେ ଧରା ପାଶେ  
ଭାଦ୍ରବ ଭାବନା  
ରହି ଯାଏ ଅଧୁରା ତ ସ୍ୱପ୍ନ ଲକ୍ଷ ସିନା।


୨୭, ମନ୍ତ୍ର ମାନୋର,  
ଗୋଠପାଟଣା, ଭୁବନେଶ୍ୱର-୨୯  
ମୋ: ୯୫୮୩୨୦୨୩୫୭







## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୫୧)

# ସୀତା ହରଣ (୪)



କାର୍ତ୍ତିକ ସାଇଁ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ପର୍ବତ ଉପରେ ସୂର୍ଯ୍ୟଙ୍କ ଆଡ଼କୁ ମୁହଁକରି ବସିଥିଲେ ବୃଦ୍ଧ ପକ୍ଷୀରାଜ ଜଟାୟୁ। ସେ ମାତା ସୀତାଙ୍କ ଆକୁଳ କ୍ରନ୍ଦନ ଶୁଣିପାରିଲେ। ରାବଣ ସୀତାଙ୍କ ଅପହରଣ କରି ତା ରଥରେ ତାଙ୍କୁ ବସେଇ ଲଙ୍କାକୁ ନେଇ ଯାଉଥିଲା।

ମୀନା ଅପା ରାମାୟଣ କଥା ଜାରି ରଖିଥିଲେ।

ପକ୍ଷୀରାଜ ଜଟାୟୁ ସଂଗେ ସଂଗେ ଆକାଶ ମାର୍ଗକୁ ଯାଇ ନିଜ ପକ୍ଷ ବିସ୍ତାର କରି ରାବଣର ଗତିପଥକୁ ପ୍ରତିରୋଧ କଲେ। ପ୍ରଥମେ ସେ ରାବଣକୁ ବୁଝେଇବାକୁ ଚେଷ୍ଟା କଲେ ଯେ ସେ ଯାହା କରୁଛି ଠିକ୍ ନୁହେଁ। ମାତ୍ର ଦୁଷ୍ଟ ରାକ୍ଷସ, ସେ ସବୁ କଥାକୁ ଶୁଣିବାକୁ ପ୍ରସ୍ତୁତ ନଥିଲା। ଜଟାୟୁ ମାତା ସୀତାଙ୍କୁ ରାବଣ କବଳରୁ ମୁକ୍ତ କରିବାକୁ ତାକୁ ଆକ୍ରମଣ କଲେ।



ପ୍ରଥମେ ଜଟାୟୁଙ୍କ ଆକ୍ରମଣରେ କ୍ଷତାକ୍ତ ହେଲା ରାବଣ। ତ୍ରିପୁର ବିଜୟୀ ରାବଣ ବେଶ୍ ବଳଶାଳୀ ଥିଲା। ତେଣୁ ସେ ପ୍ରତି ଆକ୍ରମଣ କଲା। ତାଙ୍କ ଭିତରେ ଭୀଷଣ ଯୁଦ୍ଧ ଆରମ୍ଭ ହୋଇଗଲା। ଜଟାୟୁ ନିଜର ତୀକ୍ଷଣ ନଖ ଓ ଥଣ୍ଟରେ ରାବଣର ବିଭିନ୍ନ ଅଂଶକୁ ଖୁମ୍ପି ତାକୁ ରକ୍ତାକ୍ତ କଲେ। ପରାକ୍ରମୀ ରାବଣ ଏ ସବୁ ସହିନପାରି ତାର ଖଡ଼୍ଗ ଉତ୍ତୋଳନ କଲା ଓ ଜଟାୟୁଙ୍କ ପକ୍ଷ ଗୋଟିଏ ପରେ ଗୋଟିଏ ଛେଦନ କଲା। ପକ୍ଷ ଦ୍ୱୟ ଛିଣ୍ଡିଗଲା ପରେ ଜଟାୟୁ ଉଡ଼ିନପାରି ଭୂପତିତ ହେଲେ।

ଏସବୁ ଦେଖି ସୀତା ଆକୁଳରେ କାନ୍ଦି କାନ୍ଦି ଜଟାୟୁଙ୍କ ପକ୍ଷହୀନ ଶରୀର ପାଖରେ ପହଂଚିଲେ ଓ ଅତି ବିକଳରେ ତାଙ୍କ କ୍ଷତାକ୍ତ ଶରୀରକୁ ଆଉଁଶିବାକୁ ଲାଗିଲେ।

ରାବଣ କାଳ ବିଳମ୍ବ ନକରି ସୀତାଙ୍କୁ ନେଇ ପୁଷ୍ପକ ବିମାନରେ ବସାଇଲା ଓ ବିମାନକୁ ଆକାଶ ମାର୍ଗରେ ନେବାକୁ ଚେଷ୍ଟା କଲା। ତା ଆଗରୁ ମା' ସୀତା ଜଟାୟୁଙ୍କୁ ଏ ବାର୍ତ୍ତା ଦେଇଗଲେ ଓ କହିଗଲେ ହେ ପକ୍ଷୀରାଜ, ଆପଣ ମୋ ପିତୃତୁଲ୍ୟ। ରାମ ଓ ଲକ୍ଷ୍ମଣ ଆସିବା ପର୍ଯ୍ୟନ୍ତ ଆପଣ ଜୀବିତ ରହିବେ ଓ ତାଙ୍କୁ ଏ ବାର୍ତ୍ତା ଦେବେ ଯେ ଦୁଷ୍ଟ ରାକ୍ଷସ ରାବଣ ମୋତେ ଅପହରଣ କରି ନେଇଛି।

ଧୀରେ ଧୀରେ ରାବଣର ରଥ ଆକାଶ ମାର୍ଗକୁ ଉଠିବା ଆରମ୍ଭ କଲା। ଅତି ବିକଳରେ ସୀତା କ୍ରନ୍ଦନ କରିବାକୁ ଆରମ୍ଭ କଲେ। ତାଙ୍କ କରୁଣ କ୍ରନ୍ଦନରେ ଆକାଶ ପବନ ପୂରିଗଲା। ମାତ୍ର ସେ କ୍ରନ୍ଦନର ସ୍ୱର ରାଗ ଓ ଲକ୍ଷ୍ମଣଙ୍କ ପାଖରେ ପହଂଚି ପାରିଲାନି।

ରାବଣ ଅତି ବେଗରେ ତାର ବିମାନକୁ ଶୂନ୍ୟ ମାର୍ଗରେ ନେବା ଆରମ୍ଭ କଲେ। ସୀତାଙ୍କ କ୍ରନ୍ଦନ ଓ ନିନ୍ଦାର ପ୍ରଭାବ ତା ଉପରେ କିଛି ନଥିଲା। ରାବଣ ରାମ ଲକ୍ଷ୍ମଣଙ୍କୁ ଡରି ରହିଥିଲଶ। ତେଣୁ ଯେତେଶୀଘ୍ର ସମ୍ଭବ ସୀତାଙ୍କୁ ଲଙ୍କା ନେବାକୁ ଚେଷ୍ଟା କରୁଥିଲା।

ଶୂନ୍ୟରେ ସୀତା ଏକ ପର୍ବତ ଉପରେ ପାଂଚଟି ବାନର ବସିଥିବାର ଦେଖିଥିଲେ। ସେ ସଂଗେ ସଂଗେ ନିଜର କିଛି ଅଳଙ୍କାର କାଢ଼ି ତାଙ୍କ ଉତ୍ତରୀୟରେ ବାନ୍ଧିଲେ ଓ ତାକୁ ପର୍ବତ ଉପରେ ବସିଥିବା .. ମାନଙ୍କ ଆଗକୁ ଫିଙ୍ଗି ଦେଲେ। ସେ ଆଶା କରିଥିଲେ ଏହି ଅଳଙ୍କାର ତାଙ୍କ ବାର୍ତ୍ତା ରାମ ଲକ୍ଷ୍ମଣଙ୍କ ପାଖରେ ପହଂଚାଇବେ।

ନିଜ ସାମ୍ନାରେ ଉତ୍ତରୀୟରେ ବଂଧା ଅଳଙ୍କାର ଦେଖି ମର୍କଟମାନେ ଆଶ୍ଚର୍ଯ୍ୟ ହୋଇଗଲେ। ସେମାନେ ଏକଥା ଜାଣି ପାରିଲେ ଯେ ରାବଣ କୌଣସି ନାରୀଙ୍କୁ ଅପହରଣ କରି ଲଙ୍କାକୁ ନେଉଛି।

ରାବଣ ଲଙ୍କାର ପ୍ରବେଶ କଲା। ସେ ସଂଗେ ସଂଗେ କିଛି ଭୟଙ୍କରର ଅସୁରୀଙ୍କୁ ଡକାଇଲା ଓ ସୀତାଙ୍କ ସମସ୍ତ ଆବଶ୍ୟକତା ଧ୍ୟାନରେ ରଖିବାକୁ ସେ ଅସୁରୀମାନଙ୍କୁ ଆଦେଶ ଦେଲା।

ଶକ୍ତିଶାଳୀ ରାକ୍ଷସ ରାବଣ ଉପରେ ଏକ ଅଭିଶାପ ଥିଲା ଯେ ସେ କୌଣସି ନାରୀ ଉପରେ ବଳ ପ୍ରୟୋଗ କରି ବଳତ୍କାର କରିପାରିବନି। ସେଥିଲାଗି ତା ମନରେ ସବୁବେଳେ ଏ ଡର ଥିଲା।

ମା' ସୀତା ଅଶୋକ ବନରେ ବନ୍ଦିନୀ ହୋଇ ରହିଲେ। ରାମ ଲକ୍ଷ୍ମଣ ମାୟାବୀ ସୁବର୍ଣ୍ଣ ମୃଗକୁ ବଧ କରି ଚିତ୍ରକୂଟରେ ଥିବା ତାଙ୍କ ପର୍ଣ୍ଣ କୁଟୀରକୁ ଫେରିଲେ। ମାତ୍ର ସେଠାରେ ସୀତା ନଥିଲେ।

ସୀତା ହରଣ କଥା ଏଇଠି ସରିଲା। ଏତିକି କହି ମିନା ଅପା ରାମାୟଣ କଥା ଏଇଠି ରଖିଲେ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧

---

ନଗେନ୍ଦ୍ର ନାଥ ପଟ୍ଟନାୟକ

# ରେନ୍‌କୋଟ



କାନଅତଡା ଘଡଘଡି ଶବ୍ଦ ସହିତ ତୁହାକୁ ତୁହା ବର୍ଷା। ପିହୁର ସ୍କୁଲ ଯିବା ରାସ୍ତାରେ ଗଛମାନ ସବୁଜିମା ବେଶ ଧାରଣ କରି ଆକାଶକୁ ମୁଣ୍ଡ ଟେକିଥାନ୍ତି। ସଡକର ଉଭୟ ପାର୍ଶ୍ୱରେ କନିଅର, ବେଲ ଚମ୍ପା ହେରିକା ଭଳିକି ଭଳି ଗଛବୃଛ। ସେ ସବୁରେ ଫୁଲ ଫୁଟି ଖିଲିଖିଲି ହେଇ ହସୁଥାନ୍ତି। ପ୍ରକୃତିର ଏତେ ସୁନ୍ଦର ଶୋଭାରାଜିକୁ ଆଖି ପୂରେଇ ନିରେଖି ଦେଖିଲା ପିହୁ।

ସେଇ ସ୍କୁଲରାସ୍ତା କଡରେ ପିଲାଟିଏ କେବେ କେମିତି କଂଚାମକ୍କା ସେକାସେକି କରି ବିକୁଥାଏ। ନାଁ ତାର ମୋନୁ। ଜଳନ୍ତା ଚୁଲାର ନିଆଁ ଶିଖାରେ କଅଁଳ ହାତକୁ ଏପଟସେପଟ ବୁଲାଇ ମକ୍କା ସେକୁଥାଏ। ସେଥିରେ ପୁଣି ଟିକେ ଲେମ୍ବୁରସ ଆଉ ଟିପେ ଲୁଣ ନେସି ଦେଉଥାଏ। ସେକା ମକ୍କା ପିହୁର ଭାରି ପସନ୍ଦ। ସ୍କୁଲ ଫେରନ୍ତା ବାଟରେ ବେଳେବେଳେ ମୋନୁ ପାଖରେ ଅଟକିଯାଏ। ମୋନୁଠୁ ସେକାମକ୍କା କିଣେ। ବାଟସାରା ବଡ ଆଗ୍ରହରେ ଖାଇ ଖାଇ ଘରେ ପହଁଚିଯାଏ।

ମୋନୁ ଆଉ ପିହୁ ଏକା ବୟସର। ପିହୁ ଏବେବି ତା ପାଖକୁ ଯାଉଥାଏ। ମନେମନେ ଭାବୁଥାଏ ଇଏ କାଇଁକି ମକ୍କା ବିକାବିକି କରୁଚି। ସ୍କୁଲ ଯାଉନି କାଇଁକି। ଶେଷରେ କଣ ଭାବିଲା କେଜାଣି ସେଦିନ ସେ ମୋନୁକୁ ପଚାରିଦେଲା- ତୁମେ ସ୍କୁଲ ଯାଉନା କାଇଁକି। ମୋନୁ କହିଲା - ମା' ରୋଗରେ ପଡିଚନ୍ତି। କଂଚାମକ୍କା ସେକି ବିକିବିକି କରି ଯୋଉ ଦି ପଇସା ରୋଜଗାର କରେ ସେତକ ସଂଚିଥାଏ। ବଡ ନାମୀ ଡାକ୍ତରବାବୁଙ୍କ ପାଖରେ ତାର ଚିକିତ୍ସା କରାଇବି। ଅସୁସ୍ଥ ମା' ଭଲ ହୋଇଗଲା ପରେ ଯାଇ ମୁଁ ସ୍କୁଲ ଯିବି। ପିହୁ କହିଲା -ହଉ ଧୈର୍ଯ୍ୟଧରି ସେପର୍ଯ୍ୟନ୍ତ ଅପେକ୍ଷା କର। ମା'ର ଦିହପା ଭଲ ହୋଇଗଲେ ତମେ ମୋ ସହ ସ୍କୁଲ ଯାଇ ପାଠ ପଢାପଢି କରିବ।

ଦିନେ ସ୍କୁଲରୁ ଘରକୁ ଫେରିବା ବାଟରେ ହଠାତ୍ କଳାହାଣ୍ଡିଆ ମେଘ ଆକାଶରେ ଘୋଟିଆସିଲା। ବରକୋଳିଆ ପାଣି ଟୋପା ଆକାଶରୁ ଭୁସ୍‌ଭୁସ୍ ଅଜାଡି ହୋଇ ପଡୁଥାଏ। ବସ୍ତାନି ଭିତରୁ ରେନ୍‌କୋଟ ବାହାରକଲା ପିହୁ। ସେଟାକୁ ଚଟାପଟ ପିନ୍ଧିପକାଇ ଘରମୁହାଁ ହେବାକୁ ଲାଗିଲା। ସେତିକିବେଳେ ରାସ୍ତା କଡରେ ବସିଥିବା ମୋନୁ ଉପରେ ସେ ଆଖି ବୁଲାଇ ଆଣିଲା। କୋଇଲା ଚୁଲାଟିକୁ ଟିଣରେ ଘୋଡାଇ ରଖିଥାଏ। ନିଜେ ବର୍ଷାପାଣିରେ ଗୋଟାପଣେ ଭିଜୁଥାଏ। ପିହୁକୁ ଲାଗିଲା ଇଏ ଯଦି ଲଗାତର ଏମିତି ଓଦାହେବ ତେବେ ରୋଗରେ ପଡିବା ଏକପ୍ରକାର ଥୟ। ସେଥିରେ ପୁଣି ତା ମା'ର ଚିକିତ୍ସା ଚାଲିବ କେମିତି ? ଏ କଥାଟି ତା' ମନକୁ ଆସିବା ମାତ୍ରେ ସେ ସାଙ୍ଗେ ସାଙ୍ଗେ ଦେହରୁ ରେନ୍‌କୋଟଟା ଉତାରି ମୋନୁ ହାତକୁ ବଢେଇଦେଲା। ହେଲେ ମୋନୁ ସେଟାକୁ ନେବାକୁ ସଫାସଫା ମନା କରିଦେଲା। କହିଲା - ଦିଦି ,ଏକୁ ତମେ ପିନ୍ଧିଦିଅ, ନଇଲେ ରୋଗରେ ପଡିଯିବ। ମୁଁ ବହୁ ସମୟରେ ଏମିତି ଓଦା ସରସର ହୋଇ ରହୁଚି। କିନ୍ତୁ ପିହୁ ତା'ର କଥାକୁ ଶୁଣି ନ ଶୁଣିଲାଭଳି ହେଲା। ତାକୁ ଜବରଦସ୍ତି ରେନ୍‌କୋଟ ପିନ୍ଧାଇଦେଲା। ଆଉ ସେ ନିଜେ ବର୍ଷାପାଣିରେ ତିନ୍ତିତିନ୍ତି ଘର ଆଡେ ମୁହାଁଇଲା। ପିହୁକୁ ଦେଖି ମାଆ ଖୁବ୍ ଗାଳିଦେଲେ। କହିଲେ -ତୁ ତ ବେଗ୍‌ରେ ରେନ୍‌କୋଟ ରଖିଥିଲୁ ଅଥଚ ବର୍ଷାପାଣିରେ ଭିଜିଭିଜି ଆସିଲୁ। ତହୁଁ ପିହୁ ଭାରି ଗଳାରେ ମାଆକୁ ସବୁକଥା ମା'କୁ ବଖାଣିଲା। ଫେର କହିଲା -ମୁଁ କାଲି ମୋନୁଠୁ ମୋ ରେନ୍‌କୋଟଟି ଫେରାଇ ଆଣିବି। ପିହୁକୁ କୋଳେଇ ନେଇ ମମତାଭରା ଗଳାରେ ମାଆ କହିଲେ -ଝିଅ , ତୁ ଖୁବ୍ ଭଲ କାମଟିଏ କରିଛୁ। ଏବେ ତୁ ସେ ରେନ୍‌କୋଟଟି ଫେରାଇ ଆଣେନା। ମୁଁ ତୋ ଲାଗି ଆଉ ଗୋଟେ ରେନ୍‌କୋଟ କିଣିକି ଦେବି। ଦରୋଟି ହସ ଉଛୁଳାଇ ପିହୁ କହିଲା-ଥ୍ୟାଙ୍କ୍ ୟୁ ମମ୍ମୀ।

+୯୯୯-୩,ଜଗମୋହନ ନଗର,
ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

---

## କବିତା
ତୁମ ପାଇଁ

### ମାଆ ମାଟିକୁ ବଞ୍ଚାଇବା
ଦୀପକ କୁମାର ମିଶ୍ର

ମାଟିର ଜୀବନ ମାଟିରେ ମିଶିବ
ମାଆ ପରା ଏହି ମାଟି
ଖାଦ୍ୟ ଦିଏ ମାଟି ଦିଏ ବାସଗୃହ
ଆଉ କରିବାନି ତା'ର କ୍ଷତି ।

'ବଞ୍ଚାଅ ମାଟି'ର ଡାକରାଟେ ଦେଇ
ସଂଗ୍ରାମ କରିବା ଆମେ
ବୁଲି ଘରୁ ସହର, ସହରୁ ନଗର
ସଚେତନ କରିବା ଆମେ ।

ମାଟି ସରଂକ୍ଷଣ ହେଉ ଜନତାର ସ୍ୱର
ଅନ୍ୟ କିଛି ବିକଳ୍ପ ନାସ୍ତି
ମାଟି ହେଲେ କ୍ଷୟ ଜୀବନେ ବିପଦ
ଆମେ ଏବେ ଯିବା ହେଜି ।

ଆସରେ ସଙ୍ଗାତ ଆସ ସବୁ ମିତ
ହୋଇବା ଆଜି ଏକାଠି
ସକାଳୁ ଉଠିକି ଶୁଭ ସକାଳ ସ୍ଥାନରେ
କହିବା ବଞ୍ଚାଅ ମାଟି ।

ନଈ,ବଣ, ନାଳ, ସମୁଦ୍ର, ଝରଣା
ସବୁ ମାଆ କୋଳେ ବଞ୍ଚେ
ମା' ମରିଗଲେ ଜୀବ ଜଗତ ହଜିବ
ମୋ ମନେ ଏହି କଥା ଖେଞ୍ଚେ ।

+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

### ତୁମେ ବି ଉଡ଼ିବ ବଳେ
ରଘୁନାଥ ତ୍ରିପାଠୀ

ହରିଣୀ ଟିଏ ମୁଁ ହରିଣୀଟିଏ
ବଣ ରାଇଜ ମୋ ଘର
ନିତି ଦେଖୁଥାଏ ବଣ ରାଇଜ ମୁଁ
ଦେଖେ ବି ପାହାଡି ଝର ।

ପାହାଡି ଝର ମୁଁ ପାହାଡି ଝର
ପଡିଉଠି ଯାଏ ବହି
ମୋ ଜୀବନ ମୋର କ୍ଷଣ ଯେତିକି
ଦେଉଥାଏ ନିତି କହି ।

କୋଇଲିଟିଏ ମୁଁ କୋଇଲିଟିଏ
ଗାଏ କୁହୁକୁହୁ ଗୀତ
ଭଲ ଲାଗେ ମୋତେ ବଉଳର ବାସ
ବସନ୍ତ ମୋହର ମିତ ।

ଭସା ବାଦଲ ମୁଁ ଭସା ବାଦଲ
ଆକାଶରେ ଯାଏ ଭାସି
ବାଟେ ଯାଉଯାଉ ମୋର ସାଥୀ କେତେ
ମୋ ସାଥେ ମିଶନ୍ତି ଆସି ।

ଗଛ ଗୋଟିଏ ମୁଁ ଗଛ ଗୋଟିଏ
ଠିଆ ମୁଁ ସଡ଼କ ଧାରେ
ବାଟୋଇ ପାଇଁକି ଦେଉଥାଏ ନିତି
ଯାହା ଯେତେ ଦେଇପାରେ ।

ଚଢେଇଟିଏ ମୁଁ ଚଢେଇଟିଏ
ଉଡେ ମୁଁ ଆକାଶ ତଳେ
ବଡ଼ ହୋଇ ପିଲେ ହେଲେ ମୋ ପରିକା
ତୁମେ ବି ଉଡ଼ିବ ବଳେ ।

+ବାଲିସାହି, ମଧୁପାଟଣା, କଟକ
ମୋ: ୮୭୬୩୩୪୩୨୬୩

### ଆମେ ଟିକି ଫୁଲ
ଦିବାକର ନାୟକ

ଆମେ ଯେତେ ସବୁ ଟିକି ଟିକି ଫୁଲ
ଏ ଦୁନିଆ ବଗିଚାରେ
ସଭିଏଁ ସମାନ ରଙ୍ଗ ବାସ ଭିନ୍ନ
ମମତାର ଗାଲିଚାରେ ।

ଟିକି ଟିକି ପାଦ ନେଇ ଲଙ୍ଘିଯିବୁ
ଆମ ଲକ୍ଷ୍ୟ ପଥେ ଆମେ
ମାରିବୁନି ଥକା ମନେ ନାହିଁ ଦକା
ସୁଖୀ ଆମେ ମଜ୍ଜି କାମେ

ଆମେ ଯେତେ ସବୁ ଟିକିମିକି ତାରା
କୀରତିର ଆକାଶରେ..
ଆମେ ଯେତେ ସବୁ ଟିକି ଟିକି ଫୁଲ
ଏ ଦୁନିଆ ବଗିଚାରେ ।

ଆଜିର ଆରୁଣି ଧ୍ରୁବ ନଚିକେତା
ବାଜିଆ ଧରମା ଆମେ
ଆମ ହାତେ ମରୁ ସବୁଜିମା ହେବ
ବିଚିତ୍ର କରମା ଆମେ

ଆମେ ଟିକି ଟିକି ଆଶା-ଜଳବିନ୍ଦୁ
ସୀମା ହୀନ ସାହାରାରେ..
ଆମେ ଯେତେ ସବୁ ଟିକି ଟିକି ଫୁଲ
ଏ ଦୁନିଆ ବଗିଚାରେ ।

+ପାଟପୁର, କନିସି-୭୬୧୦୦୮,
ଗୋଳନ୍ଥରା, ଗଞ୍ଜାମ
ମୋ-୯୯୩୮୬୧୯୯୮୧



### ସକାଳ ହୋଇଲେ
ସୁବ୍ରତ ମଲିକ

ସକାଳ ହୋଇଲେ , ପୂରୁବ ଦିଗରେ
ବାଳୁତ ସୂରୁଜ ଉଏଁ ,
ନାଲିଆ ମୁରୁଜ , ବୁଣି ଦେଇଯାଏ
ଅନ୍ଧକାର ଦୂର ହୁଏ ।

ସକାଳ ହୋଇଲେ , ବାଡ଼ି ବଗିଚାରେ
ନାନା ଜାତି ଫୁଲ ଫୁଟେ,
ମନକୁ ତୋଷଇ , ପବନ ସାଥିରେ
ମହକ ଯେବେ ତା ଛୁଟେ ।

ସକାଳ ହୋଇଲେ , ପକ୍ଷୀଏ କିଚିରି-
ମିଚିରି ଶବଦ କରି,
ନିଦରୁ ଆମକୁ ଉଠାଇ ଦେଇକି
ଯାଆନ୍ତି ଆକାଶେ ଉଡି...।

ସକାଳ ହୋଇଲେ , କୁନା ମୁନା ଯେତେ
ସଅଳ ବିଛଣା ଛାଡି ,
ପାଠଶାଳା ଆଡ଼େ ,ବାହାରି ପଡନ୍ତି
ଆଗ ପଛ ଧାଡି ଧାଡି ... ।

ସକାଳ ହୋଇଲେ , ମନ୍ଦିର ବେଢ଼ାରେ
ଶଙ୍ଖ ଘଣ୍ଟ ଝାଞ୍ଜ ବାଜେ,
ଭକତି ଭାବନା , ଚାରି ଆଡେ ଖେଳେ
ଦୂଷିତ ମନକୁ ମାଜେ... ।

ସକାଳ ହୋଇଲେ , ଗାଈଆଳ ପିଲା
ଗୋରୁ ପଲ ସାଥେ ନେଇ ,
ଚରେଇ ନେବାକୁ , ଗୋଠ ଚାଲିଯାଏ
ଦାଣ୍ଡେ ଦାଣ୍ଡେ ଡାକ ଦେଇ ...।

ସକାଳ ହୋଇଲେ , ନୀରବ ପୃଥିବୀ
ନୀରବତା ନିଜ ଭାଙ୍ଗେ,
ନିଜକୁ ସଜାଏ, ଜୀବଜଗତର,
ଚଞ୍ଚଳତା ଭରା ରଙ୍ଗେ ।

ସକାଳ ହୋଇଲେ, ନବ ସମ୍ଭାବନା
ପ୍ରତି ମନେ ଉଠେ ଜାଗି ,
କର୍ମବୀର ସାଜି କର୍ମ କରି ଯିବା
ଦେଶ ଲାଗି ଜାତି ଲାଗି ।

+ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟ,
ଦଶରଥପୁର, ଯାଜପୁର
ମୋ: ୭୦୦୮୩୧୫୯୧୬

---

ଧାରାବାହିକ ଉପନ୍ୟାସ — ଭାଗ-୯

# ଗପ ହେଲେ ବି ସତ

ରାମଚନ୍ଦ୍ର ସେଠୀ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ତଥାପି ୧୯୦୦ ମସିହା ବେଳକୁ ଭାରତରେ ପ୍ରାୟ ୪୦୦୦୦ ବାଘ ଥିଲେ। ୧୯୭୯ ବେଳକୁ ମହାବଳ ବାଘଙ୍କ ସଂଖ୍ୟା ଆସି ୧୭୫୦ରେ ପହଂଚିଲା। ଉନବିଂଶ ଶତାବ୍ଦୀର ଆରମ୍ଭରେ ଭାରତର ଶତକଡ଼ା ୭୦ ଭାଗ ଅଂଚଳରେ ଅରଣ୍ୟ ଥିଲା। ଏବେ ଅରଣ୍ୟ ଧ୍ୱଂସ ବାଘ ବଂଶ ବି ଧ୍ୱଂସ। ମୁଁ କହୁଚି ଉନବିଂଶ ଶତାବ୍ଦିର କଥା। ମୋ ସ୍କୁଲ ସମୟର ଘଟଣା। ସେତେବେଳେ ଆମ ଘରର ପଶ୍ଚିମରେ ଥିବା କୁଡ଼କୁଡ଼ ବଣଜଙ୍ଗଲ ଭିତରେ କୋଡ଼ି, ପଚିଶଟା ମହାବଳ ବାଘ ଥିଲେ। ସେତେବେଳେ ଆମ ମାଟି ଘରର କାନ୍ଥ ସେମାନଙ୍କ ଗର୍ଜନରେ ଦୁଲୁକି ଉଠୁଥିଲା। ଆମ ବାଡ଼ିଆଡ଼ ଘଣ୍ଟଶିଳା ପାହାଡ଼ରେ ମଧ୍ୟ ବେଳେବେଳେ ବାଘ ଗର୍ଜନ କରି ଆମକୁ ଚମକେଇ ଦେଉଥିଲା।

୧୯୫୫-୫୭ ମସିହାରେ ଥରେ ମହାବଳ ବାଘମାନଙ୍କର ଦୌରାତ୍ମ୍ୟ ଖୁବ୍ ବଢ଼ିଗଲା। ସପ୍ତାହକୁ ଗୋଟେ ଦୁଇଟା ମଣିଷ ମାରିଲେ। ଗାଈ ବଳଦ ବାଛୁରୀ ଇତ୍ୟାଦି ଚାରିପାଂଚ ମାରିଲେ। ଛେଳି ସବୁ ଟେକିନେଲେ। ବଣଜଙ୍ଗଲରେ କାହାକୁ ପୁରେଇ ଦେଲେନି। ଗାଆଁ ବାଡ଼ିମାଳକୁ ଆସି ଗର୍ଜନ କରି ସମସ୍ତଙ୍କୁ ଧମକେଇଲେ। ଲୋକେ ତ୍ରାହି ତ୍ରାହି ଡାକି ସରକାରଙ୍କୁ ଗୁହାରୀ କଲେ। ସେତେବେଳେ ଗୋଟେ ମଣିଷଖିଆ ବାଘକୁ ମାରିଲେ ସରକାରଙ୍କ ତରଫର ତାକୁ ପାଂଚଶହ ଟଙ୍କା ପୁରସ୍କାର ମିଳୁଥିଲା। ସରକାରଙ୍କ ଆଦେଶ ପାଇ ବଣତଡ଼ ଶିକାରୀମାନେ ବଣରେ ପଶିଲେ। ହାତୀ ପିଠିରେ ବସି ବୁଲିଲେ। ମଂଚାକରି ଜଗିଲେ। ସତେ ଯେମିତି ଏକଥା ଆଗରୁ କିଏ ବାଘମାନଙ୍କୁ କହି ଦେଇଥିଲା। ତେଣୁ ଗୋଟିଏ ହେଲେ ବାଘ ନଜରକୁ ଆସିଲେନି।

ସେତେବେଳକୁ ଆମ ଦେଶ ସ୍ୱାଧୀନ ହେଇ ଯାଇଥିଲେ ମଧ୍ୟ ଗୋରାମାନେ ଆମ ଦେଶକୁ ସମ୍ପୂର୍ଣ୍ଣ ଛାଡ଼ିନଥିଲେ। ୧୯୭୨ ମସିହା ବେଳକୁ ପୋଷ୍ଟ ଓ ଟେଲିଗ୍ରାଫ୍ ଡିପାର୍ଟମେଂଟର ଡାଇରେକ୍ଟରମାନେ ବି ଗୋରାଥିଲେ। ସେମାନେ ମୋ ଅଫିସର ଥିଲେ। ତାଙ୍କ ଜାତି ବଡ଼ ଶିକାରୀ। ଓଡ଼ିଆ ଶିକାରୀମାନେ ବାଘଙ୍କର ଆଦିଅନ୍ତ ନପାଇବାରୁ ସରକାର ସେଇ ଗୋରା ଶିକାରୀଙ୍କୁ ଦାୟିତ୍ୱ ଦେଇଦେଲେ। ଜିପ୍ ନେଇ ଗୋରା ଶିକାରୀମାନେ ବଣରେ ପଶିଲେ। ପ୍ରଥମଦିନ ମାରିଲେ ତିନିଟା ବାଘ। ଦୁଇଟା ମହାବଳ ଓ ଗୋଟିଏ କଲରାପତରିଆ। ଆମ ସ୍କୁଲ ସାମନାରେ ସେମାନେ ମଲାବାଘ ନେଇ ଗଲାବେଳେ ଗାଡ଼ି ରଖନ୍ତି। ଆମେ ପିଲାମାନେ କ୍ଲାସ୍ ଛାଡ଼ି ଯାଇ ଦେଖୁ। ମଲାବାଘକୁ ଆଉଁସୁ। କେଡ଼େକେଡ଼େ ବାଘ କହି ଆଖିକାନ ତରାଟୁ। ତା ପରଦିନ ଗୋରାମାନେ ବନ୍ଧୁକ ନେଇ ବଣରେ ପଶିଲେ। ଖାଲି ଖାଲି ଫେରିଲେ। ଆମେ ଭାବିଲୁ, ବଣରୁ ବାଘ ସରିଗଲେ। ମାତ୍ର ଦୁଇତିନି ଦିନ ପରେ ପୁଣି ଶୁଭିଲା ବାଘର ଗର୍ଜନ। ସେମାନେ ବନ୍ଧୁକର ଢ଼ ଢ଼ା ଶବଦ ଶୁଣି କୁଆଡ଼େ ଚାଲି ଯାଇଥିଲେ। ଏବେ ପୁଣି ଫେରି ଆସିଲେ।

ଥରେ ବୁଲୁବୁଲୁ ଗୋଟିଏ ଭାଲୁ ଦେଖିଲି। ଭାଲୁଟା ଗୋଟେ ଉଇହୁଙ୍କା ତାଡ଼ି ଉଇଟାକୁ ଖାଉଥିଲା। ମତେ ସିଏ ଦେଖିଥିଲେ ଗୋଡ଼େଇ ଆସିଥାଆନ୍ତା। ମୁଁ ପାଦ ଚିପିଚିପି ପଛେଇ ପଛେଇ ଆସି ଡିଆଁ ମାରିଲି। ଶତକଡ଼ା ନବେ ଭାଲୁ ମାଂସାସୀ। ଉତ୍ତର ଆମେରିକାର ରକି ପର୍ବତ ତଳେ ତଳେ ଓ କୋରିଆରେ ବ୍ଲାକ ବିୟର (କଳାଭାଲୁ) ଓ ବ୍ରାଉନ ବିଏର (ମାଟିଆ ଭାଲୁ) ପୃଥିବୀର ସବୁଠାରୁ ବଡ଼ ଭାଲୁ। ଏମାନେ ଏତେ ବଳୁଆ ଯେ, ଗାଡ଼ି ମଟରକୁ ଟେକି ଓଲଟେଇ ଦିଅନ୍ତି।

ବଣରେ ଗାଈଗୋରୁ ଛେଳିମେଣ୍ଢା କିମ୍ବା ମଣିଷମାନଙ୍କୁ ବାଘ ଖାଇଲେ, କଥାଟୋ ଆସି ଆମ କାନରେ ପହଂଚିଯାଏ, କାରଣ ବାଟକଡ଼େ ଆମର ଘର।

(କ୍ରମଶଃ)

+ ହାତୀମୁଣ୍ଡା, ବାଣୀପୁର, ଖୋର୍ଦ୍ଧା

# ବିପଦସଂକୁଳ ଅଙ୍ଗନବାଡ଼ି କେନ୍ଦ୍ର : ୫ବର୍ଷ ଧରି ଗଛମୂଳେ ପାଠପଢ଼ା



ଖୁଣ୍ଟିଂ,୨୬/୦୬ (ନି.ପ୍ର): ବର୍ଷେ କି ଦୁଇବର୍ଷ ନୁହେଁ ୫ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ଗଛମୂଳେ ଚାଲିଛି ପୋଖରିଆ ଅଙ୍ଗନବାଡି କେନ୍ଦ୍ର। ଏପରି ଘଟଣା ଦେଖିବାକୁ ମିଳିଛି ଶୁକୃଳି ଅନ୍ତର୍ଗତ ବାରିଆ ପଞ୍ଚାୟତ ପୋଖରିଆ ଗ୍ରାମରେ। ବର୍ଷାଦିନ ଅଙ୍ଗନବାଡି କେନ୍ଦ୍ର ଛାତରୁ ପାଣିଗଳି ଭିତରେ ପାଣି ଜମୁଛି। ଛାତ ଦୁର୍ବଳ ହୋଇ କଂକ୍ରିଟ ଖସୁଛି। ଛାତ ତଳେ ବସୁଥିବା କୋମଳମତି ଶିଶୁଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ନେଇ ଗ୍ରାମବାସୀ ଶିଶୁମାନଙ୍କୁ କେନ୍ଦ୍ରକୁ ଯିବାକୁ ବାରଣ କରିଛନ୍ତି। ପ୍ରଶାସନକୁ ମଧ୍ୟ ଅବଗତ କରାଯାଇଛି। ହେଲେ ଏ ଯାଏ ପ୍ରଶାସନ କିମ୍ବା ରାଜନେତା କାହାରି ଆନ୍ତରିକତା ନଥିବା ପରି ମନେହୁଏ। ତେଣୁ ବାଧହୋଇ ୫ବର୍ଷରୁ ଉର୍ଦ୍ଧ୍ୱ ହେବ ଗଛମୂଳେ ଚାଲିଛି ଅଙ୍ଗନବାଡି କେନ୍ଦ୍ର।

ଏହି ଅଙ୍ଗନବାଡ଼ି କେନ୍ଦ୍ରରେ ୮୬ଜଣ ଶିଶୁ ପଢୁଥିବାବେଳେ ଗଛମୂଳେ ପାଠପଢା ହେଉଥିବାରୁ ଖୁବ କମ ସଂଖ୍ୟାରେ ଶିଶୁଙ୍କ ଉପସ୍ଥାପନ ଦେଖିବାକୁ ମିଳୁଛି। ବାଉଁଶ ଉପରେ ଆଜବେଷ୍ଟସ ପକାଯାଇ ଖୋଲାରେ ଶିଶୁମାନଙ୍କ ପାଇଁ ରନ୍ଧାଖାଦ୍ୟ ପ୍ରସ୍ତୁତ ହେଉଛି। ଏ ସମନ୍ଧରେ ଅଙ୍ଗନବାଡି କର୍ମୀ ସୋମବାରୀ ହେମ୍ବ୍ରମ ପ୍ରଶାସନକୁ ବହୁବାର ଅବଗତ କରାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନଥିବା କହିଛନ୍ତି। ଏନେଇ ଜିଲ୍ଲାପାଳ ଦୃଷ୍ଟି ଦେବା ନେଇ ଗ୍ରାମବାସୀ ଦାବି କରିଛନ୍ତି। ଏ ସଂପର୍କରେ ଶୁକୃଳି ସିଡିପିଓ ଦ୍ରୌପଦୀ ମାରାଣ୍ଡିଙ୍କ ମତାମତ ନେବାରୁ ନୂତନଭାବେ ଦାୟିତ୍ୱ ଗ୍ରହଣ କରିଥିବାରୁ ଏ ବିଷୟରେ ଜାଣି ନଥିବା କହିଥିଲେ। ଖୁବଶୀଘ୍ର ତଦନ୍ତ କରାଯାଇ ସମସ୍ୟା ସମାଧାନ କରାଯିବ ବୋଲି କହିଥିଲେ। ଏ ସଂପର୍କରେ ଶୁକୃଳି ଏବିଡିଓ ଟଙ୍କଧର ମହାନ୍ତଙ୍କୁ ପଚାରିବାରୁ ଏ ସଂପର୍କରେ ସୂଚନା ପାଇଛନ୍ତି ଏବଂ ସ୍ଥିତି ଅନୁଧ୍ୟାନ ପରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ୫-ଟିରେ ରୂପାନ୍ତୀକରଣରେ ସାମିଲ ହୋଇଥିବା ସ୍କୁଲ ପ୍ରଧାନଶିକ୍ଷକ ଓ ସରପଂଚଙ୍କୁ ନେଇ ସମୀକ୍ଷା ବୈଠକ

ସାଲେପୁର ,୨୬/୦୬ (ନି.ପ୍ର): ଶିକ୍ଷାକୁ ଗୁରୁତ୍ୱ ଦେଇ ସରକାରଙ୍କ ପକ୍ଷରୁ ସରକାରୀ ସ୍କୁଲକୁ ୫-ଟି ଯୋଜନାରେ ସାମିଲ କରି ରୂପାନ୍ତିକରଣ କରାଯାଉଛି। ନିଶ୍ଚିନ୍ତକାଇଲି ବ୍ଲକରେ ୪୧ ଟି ପଂଚାୟତର ତୃତୀୟ ପର୍ଯ୍ୟାୟରେ ୧୭ଟି ସ୍କୁଲ ସ୍ଥାନ ପାଇଛି। ସେଥିରୁ କଟକ ସଦର ନିର୍ବାଚନ ମଣ୍ଡଳୀର ୧୦ଟି ହୋଇଥିଲା ବେଳେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୭ ଟି ବୋଲି ଜଣାପଡିଛି। ଅନ୍ତେଶ୍ୱର ହାଇସ୍କୁଲ ଲେଣ୍ଡୁରା ଭଗବାନପୁର, ବାବୁଜଙ୍ଗ ହାଇସ୍କୁଲ, ବଳରାମପୁର ନୋଡାଲ ହାଇସ୍କୁଲ, ମଣିଜଙ୍ଗଭଗବତୀ ହାଇସ୍କୁଲ, ଜନାର୍ଦ୍ଦନପୁର ଚିତ୍ରୋତ୍ପଳା ନୋଡାଲ ହାଇସ୍କୁଲ, ଶିଲୋ-ନବଗ୍ରାମ ସରକାରୀ ଉଚ୍ଚ ବିଦ୍ୟାଳୟ, ଜୟନ୍ତୀଦେବୀ ନୋଡାଲ ହାଇସ୍କୁଲ ସାନ୍ତପୁର, ଲାଲବାହାଦୂର ନୋଡାଲ ହାଇସ୍କୁଲ ସାନ୍ତପୁର, ଏମ୍.ଭି. ସରକାରୀ ଉଚ୍ଚ ବିଦ୍ୟାଳୟ ମହମ୍ମଦପୁରର ବିଶ୍ୱନାଥପୁର, ପାଳଦା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ, ବିଲିପାଳଦା ହାଇସ୍କୁଲ, କେଣ୍ଟାଳ କମଳାନେହେରୁ ବାଳିକା ହାଇସ୍କୁଲ, ନଇଗୁଆଁ ଦାଉଦପୁର ହାଇସ୍କୁଲ, ତରତ ପୁରୁଷୋତ୍ତମ ବିଦ୍ୟାପୀଠ, ସରପଡା ବୋଧଙ୍ଗ ନୋଡାଲ ହାଇସ୍କୁଲ, ଜମରା ସରକାରୀ ଯୁଜି ହାଇସ୍କୁଲ, କଟିକଟା ରାଧାମୋହନ ସରକାରୀ ହାଇସ୍କୁଲ ଗୁଡିକ ତୃତୀୟ ପର୍ଯ୍ୟାୟରେ ନାମ ପଞ୍ଜିକୃତ ହୋଇଥିଲା ବେଳେ ସ୍କୁଲ କାମ କିଭଳି ସୁଚାରୁ ରୂପେ ହୋଇପାରିବ ସେଥିପାଇଁ ସ୍କୁଲର ପ୍ରଧାନଶିକ୍ଷକ ଓ ପଂଚାୟତର ସରପଂଚମାନଙ୍କୁ ଡାକି ବ୍ଲକ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅମର ପ୍ରସାଦ କର, ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଂଜନ ଦେଓ, ଅତିରିକ୍ତ ବିଡିଓ ସୁଶାନ୍ତ କୁମାର ରଣା, ବ୍ଲକ ଶିକ୍ଷାଧିକାରିଣୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗିରିଶରଂଜନ ମହାପାତ୍ର, ବ୍ଲକ ସଭାପତି ରମାକାନ୍ତ ମହାନ୍ତି, ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କିଶୋର କାପ, ଭୂପତି ଭୂଷଣ ଷଣ୍ଢ, ସହକାରୀ ଯନ୍ତ୍ରୀ ସତ୍ୟରଂଜନ ପଣ୍ଡା, ଯନ୍ତ୍ରୀ ଅନାମ ଚରଣ ବିଶ୍ୱାଳ, ବିଭୂପ୍ରସାଦ ରାଉତରାୟ, ବନ୍ୟା ମହାନ୍ତି, ସମତା ଦ୍ୱିବେଦୀ, ପ୍ରିୟଦର୍ଶିନୀ ରାଉତ, ଜିପିଓ ଜନ୍ମେଜୟ ରାଉତଙ୍କ ସମେତ ୧୭ଟି ସ୍କୁଲର ପରିଚାଳନା କମିଟିର ସଭାପତିମାନେ ଯୋଗ ଦେଇଥିଲେ।

# ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ ମାମଲା : ଅଭିଯୁକ୍ତକୁ ୩ ବର୍ଷ ଜେଲ୍, ୫୦ ହଜାର ଜରିମାନା

କନ୍ଧମାଳ,୨୬/୦୬ (ନି.ପ୍ର): ଫୁଲବାଣୀ ତ୍ୱରିତ ପୋକ୍ସୋ କୋର୍ଟର ବିଚାରପତି ତଥା ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ଭାସ୍କର ଚନ୍ଦ୍ର ସାହୁ ଏକ ନାବାଳିକା ଦୁଷ୍କର୍ମ ଉଦ୍ୟମ ମାମଲାର ବିଚାରଣ କରି ଘଟଣାର ସାକ୍ଷୀ, ଡାକ୍ତରୀ ରିପୋର୍ଟ୍ ଏବଂ ପୀଡିତାଙ୍କ ବୟାନ ଆଧାରରେ ମାମଲାର ଅଭିଯୁକ୍ତ ପ୍ରଦୀପ କୁମାର ପ୍ରଧାନ (୩୨)କୁ ଦୋଷୀ ସାବ୍ୟସ୍ତ କରିବା ସହିତ, ତାକୁ ୩ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଭିଯୁକ୍ତକୁ ଆଉ ୬ ମାସ ଅଧିକ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ନିଜ ରାୟରେ ଉଲ୍ଲେଖ କରିଛନ୍ତି ବିଚାରପତି। ମାମଲାକୁ, ସରକାରଙ୍କ ତରଫରୁ ପୋକସୋ କୋର୍ଟର ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ପରିଚାଳନା କରୁଥିଲେ। ସୂଚନା ପ୍ରକାରେ, ପୀଡିତା ଖେଳ ଦେଖିବାକୁ ଗତ ୧୧.୦୯.୨୦୧୬ ତାରିଖରେ ବନ୍ଦଗଡ ଯାଇଥିଲେ। କାର୍ଯ୍ୟକ୍ରମରେ ଭାଗନେଇ ନ ଥିବାରୁ ତାଙ୍କୁ ହଷ୍ଟେଲ୍ ରେ ରହିବାକୁ ଦିଆ ନ ଥିବାରୁ ଆଉ ଜଣେ ସାଙ୍ଗଝିଅ ସହ ଗ୍ରାମକୁ ଯିବା ପାଇଁ ବସଷ୍ଟାଣ୍ଡରେ ବସ୍ କୁ ଅପେକ୍ଷା କରିଥିଲା। ସାଙ୍ଗରେ ଥିବା ଝିଅ ଫୋନ୍ କରି ଅଭିଯୁକ୍ତ ପ୍ରଦୀପକୁ ଡାକିବାରୁ, ସେ ଆଉ ଜଣେ ବ୍ୟକ୍ତି ସହ ମୋଟର ସାଇକେଲ ଆସିଥିଲା। ସେଠାରୁ ଚାରିଜଣ ସେହି ମୋଟର ସାଇକେଲରେ ଗାଆଁ ଅଭିମୁଖେ ଯାଇଥିଲେ। ଗାଁକୁ ଯିବା ବାଟରେ, ସେସ୍କାଜୋଡି ଜଙ୍ଗଲ ରାସ୍ତାରେ ଗାଡ଼ି ଅଟକାଇ ଅନ୍ୟ ଝିଅ ଆଉ ଜଣେ ଲୋକ ସହ ଜଙ୍ଗଲ ଭିତରକୁ ଯିବାରୁ, ଅଭିଯୁକ୍ତ ନାବାଳିକାକୁ ଏକୁଟିଆ ପାଇ ଦୁଷ୍କର୍ମ କରିବାକୁ ଉଦ୍ୟମ କରୁଥିବାବେଳେ ସେହି ରାସ୍ତା ରେ ଦୁଇ ଜଣ ଲୋକ ଆସିଯିବାରୁ ପୀଡିତାକୁ ଛାଡ଼ି ଦେଇ ମୋଟର ସାଇକେଲ ନେଇ ପଳାଇ ଯାଇଥିଲା ଅଭିଯୁକ୍ତ ପ୍ରଦୀପ। ପୀଡିତା ସେମାନଙ୍କ ସହ ଗ୍ରାମକୁ ଯାଇ ରାତିରେ ଆଶ୍ରୟ ନେଇଥିଲା। ସକାଳୁ ପୀଡିତାର ପିତା ଖବର ପାଇ ଝିଅକୁ ନେଇ ଗାଆଁକୁ ଫେରିଥିଲେ ଏବଂ ପୀଡିତା ଠାରୁ ସମସ୍ତ ଘଟଣା ଶୁଣି ଫିରିଙ୍ଗିଆ ଥାନାରେ ଗତ ୧୩/୯/୨୦୧୬ ତାରିଖରେ ଅଭିଯୋଗ ଦାଖଲ କରିଥିଲେ। ଅଭିଯୋଗ ଅନୁଯାୟୀ, ଥାନାଧିକାରୀ ଫିରିଙ୍ଗିଆ ଥାନାରେ ଏକ ମାମଲା ୧୧୨/୨୦୧୬ ରୁଜୁ କରି ତଦନ୍ତ କରି ଅଭିଯୁକ୍ତ କୁ ଅଦାଲତରେ ହାଜର କରାଇଥିଲେ। ଆଜି ସେହି ମାମଲାର ବିଚାର କରି ଉପରୋକ୍ତ ରାୟ ଦେଇଛନ୍ତି ବିଚାରପତି।

## ବଲାଙ୍ଗିର ପୌରାଂଚଳ ଭିନ୍ନକ୍ଷମଙ୍କୁ ୟୁଡିଆଇଡି ସାର୍ଟିଫିକେଟ ପ୍ରଦାନ

ବଲାଙ୍ଗିର ,୨୬/୦୬ (ନି.ପ୍ର): ଆଜି ବଲାଙ୍ଗିର କୋଶଳ କଳାମଣ୍ଡଳ ପରିସରରେ ପୌରାଞ୍ଚଳ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ଅଭିଯାନ ସମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶାରୀରିକ ବିକଳାଙ୍ଗ ମାନଙ୍କର ୟୁ ଡି ଆଇ ଡି ସାର୍ଟିଫିକେଟ ପାଇଁ ପଞ୍ଜୀକରଣ ପରେ ଡାକ୍ତର୍ ପରୀକ୍ଷା କରାଇଥିଲେ , ସେଥିମଧ୍ୟରୁ ୫ ଜଣ ଭିନ୍ନକ୍ଷମଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସହର ଭିତରେ ଥିବା ବାର୍ଦ୍ଧକ୍ୟ ବ୍ୟକ୍ତି ବିଶେଷ ୩୦୦ ଜଣ ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। କାର୍ଯ୍ୟକ୍ରମ ରେ ଅତିଥି ବଲାଙ୍ଗିର ବିଧାୟକ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଅତିଥି ରୂପେ ବଲାଙ୍ଗିର ମୁନିସିପାଲଟି ଅଧ୍ୟକ୍ଷ ଲୀକା ସାହୁ, ଅତିରିକ୍ତ ନଗର ପାଳ ପୌରପରିଷଦ ନିର୍ବାହୀ ଅଧିକାରୀ ଶ୍ରୀମତୀ ସାମି ଜୟଶ୍ରୀ ରେଡ୍ଡୀଙ୍କ ଯୋଗଦେଇ ହିତାଧିକାରୀ ମାନଙ୍କୁ ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରଦାନ କରିବା ସହିତ ଭିନ୍ନକ୍ଷମ ବିଭିନ୍ନ ପ୍ରକାର ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଉପକରଣ ପ୍ରଦାନ କରିଥିଲେ।

## ଫେରାର ୨ ଅଭିଯୁକ୍ତକୁ ଗିରଫ କଲା ପୋଲିସ

ଜୟପୁର ,୨୬/୦୬ (ନି.ପ୍ର): ଫେରାର ଦୁଇ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ଟାଉନ ପୋଲିସ। ଗିରଫ ୨ ଅଭିଯୁକ୍ତ ହେଲେ ଜୟନଗରର ସେବତି ମାଝୀ ଓ ବଙ୍ଗଳାବାଡର ସୂର୍ଯ୍ୟ ଡରୁଆ। ପୋଲିସ ସୁଚନା ଅନୁଯାଇ ଏମାନଙ୍କ ନାମରେ ଗତ ୨୦୨୦ ମସିହାରେ ଅବକାରି ମାମଲା ରହିଥିଲା। ସେହିଦିନ ଠାରୁ ଅଭିଯୁକ୍ତ ମାନେ ଫେରାର ଥିବା ବେଳେ ଆଜି ଚଢାଉ କରି ୨ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରି ଥିବା ପୋଲିସ ତରଫରୁ ସୁଚନା ଦିଆଯାଇଛି।

# ଶିବ ମନ୍ଦିରରୁ ହୁଣ୍ଡି ଟେକିନେଲେ ଦୁର୍ବୃତ୍ତ : ଜଙ୍ଗଲରେ ଫିଙ୍ଗିଦେଲେ

ବନ୍ତଲା,୨୬/୦୬ (ନି.ପ୍ର): ଦାନ ପାଇଁ ରଖାଯାଇଥିବା ହୁଣ୍ଡିକୁ ଦୁର୍ବୃତ୍ତମାନେ ଉଠାଇ ନେଇଛନ୍ତି। ଅନୁଗୁଳ ଜିଲ୍ଲା ବନ୍ତଲା ଥାନା ଅନ୍ତର୍ଗତ ପୋକତୁଙ୍ଗା ଗ୍ରାମ ରଣେଶ୍ୱର ଶିବ ମନ୍ଦିରରୁ ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଦାନ ହୁଣ୍ଡି ଟେକିନେଇ ଯାଇଛନ୍ତି। ଏନେଇ ବନ୍ତଲା ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରାପ୍ତ ସୂଚନା ଅନୁଯାୟୀ ଅନୁଗୁଳ ବ୍ଲକ ବନ୍ତଲା ଥାନା ପୋକତୁଙ୍ଗା ଗ୍ରାମର ପ୍ରାଚୀନ ଶୈବପୀଠ ରଣେଶ୍ୱର ଶିବ ମନ୍ଦିରରେ ଥିବା ଦୁଇଟି ଦାନ ହୁଣ୍ଡିକୁ ଗତକାଲି ବିଳମ୍ବିତ ରାତିରେ



ଦୁର୍ବୃତ୍ତମାନେ ଟେକିନେଇଥିଲେ। ଆଜି ସକାଳୁ ପୂଜା କରିବା ପାଇଁ ପୂଜକ ଯେତେବେଳେ ପହଞ୍ଚି ଥିଲେ, ମନ୍ଦିରର ଦାନ ହୁଣ୍ଡି ଠିକ ସ୍ଥାନରେ ନ ଥିଲା। ସେ ଏନେଇ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ତେବେ ମନ୍ଦିର ନିକଟରେ ଥିବା ଜଙ୍ଗଲ ମଧ୍ୟରେ ଦାନ ହୁଣ୍ଡିକୁ ଗୁଡିକ ଭଗ୍ନ ଅବସ୍ଥାରେ ପଡିଥିବା ସ୍ଥାନୀୟ ଲୋକମାନେ ଦେଖିଥିଲେ। ତେବେ ଏନେଇ ବନ୍ତଲା ଥାନାରେ ଅଭିଯୋଗ ପରେ ପୁଲିସ ସେଠାରେ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

# ଖେଳାଳୀଙ୍କୁ ସହଯୋଗ କରି ମହାନତା ଦେଖାଇଲେ ଦୁଇ ଅଧିକାରୀ

ମାଲକାନଗିରି ,୨୬/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ମହକୁମାରେ ଦୀର୍ଘ ଅନେକ ବର୍ଷ ଧରି କ୍ରୀଡ଼ା, କଳା, ସଂସ୍କୃତି, ଶିକ୍ଷା ଏବଂ ସମାଜସେବାକୁ ମାଧ୍ୟମ କରି ଏକ ଆତ୍ମ ବିଶ୍ୱାସର ସହିତ ସମସ୍ତଙ୍କ ମନରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଆଓମା ଗୁରୁକୁଳ। ଏହି ଅନୁଷ୍ଠାନରେ ଜିଲ୍ଲାର କୋଣ ଅନୁକୋଣରୁ ଆସି ଗରିବ ଆଦିବାସୀ ପିଲା ରହି ବିଭିନ୍ନ କ୍ଷେତ୍ରରେ ଶିକ୍ଷା ଗ୍ରହଣ କରି ରାଜ୍ୟ ଏବଂ ଜାତୀୟ ସ୍ତରରେ ନିଜର ପାରଦର୍ଶିତାକୁ ପ୍ରଦର୍ଶନ କରି ଜିଲ୍ଲା ପାଇଁ ଅନେକ ଥର ଗର୍ବ ସାଉଁଟିଛନ୍ତି। ଏହି ପ୍ରତିଭାବାନ ପିଲାଙ୍କ ବିଷୟରେ ଅବଗତ ହୋଇ ଜିଲା ପରିଷଦ କାର୍ଯ୍ୟଳୟର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଭୂୟାଁ ଏବଂ ସମନ୍ୱିତ ଆଦିବାସୀ ଉନୟନ୍ନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତ୍ରିନାଥ ମାଝୀ ଏକ ବିଶେଷ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଆଓମା ଗୁରୁକୁଳରେ ତାଲିମ ନେଉଥିବା ସମସ୍ତ ୩୦ ଜଣ ଖେଳାଳୀଙ୍କ ପାଇଁ ଟ୍ରାକ୍ ସୁଟ, ବୁଟ ପ୍ରଦାନ କରିଥିଲେ। ଏଥି ସହିତ ଆଗାମି ଦିନରେ ଆସାମର ଗୌହାଟୀ ଠାରେ ଅନୁଷ୍ଠିତ ହେବାକୁଥିବା ଜୋନ୍ ଖେଲୋ ଇଣ୍ଡିଆ ଓମେନ୍ସ ଲିଗ୍ ଜୁଡୋ ଟୁର୍ନାମେଂଟ ପାଇଁ ସିନିୟର ବର୍ଗରେ ମନୋନୀତ ହୋଇଥିବା ଦୁଇ ଖେଳାଳୀ ଲକ୍ଷ୍ମୀ ସୋଡି ଏବଂ ସୁମିତ୍ରା ମାଡ଼ିଙ୍କୁ ଫୁଲତୋଡ଼ା ଦେଇ ପ୍ରଶଂସା କରିବା ସହିତ ସେମାନଙ୍କର ସମସ୍ତ ଯିବା ଆସିବା ଖର୍ଚ୍ଚ ବହନ କରିଥିଲେ ଏବଂ ପିଲାମାନଙ୍କୁ ପ୍ରେରଣା ଦେଇଥିଲେ। ଏହି ସମସ୍ତ ସାହାଯ୍ୟ ଏବଂ ସହଯୋଗ ପାଇଁ ଅନୁଷ୍ଠାନର ସମସ୍ତ ସଦସ୍ୟ ଜିଲା ପ୍ରଶାସନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ବିଦ୍ୟୁତ୍ ସଂଯୋଗ କାଟିବାକୁ ଯାଇ ଅଟକ ରହିଲେ କର୍ମଚାରୀ



ବ୍ରହ୍ମପୁର,୨୬/୦୬ (ନି.ପ୍ର): ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ପାଇଁ ଯାଇ ହଟହଟା ହେଲେ ବିଦ୍ୟୁତ୍ ବିଭାଗ ଭିଜିଲାନ୍ସ ଟିମ୍। ଗ୍ରାମବାସୀ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ଅଟକ ରଖିଥିଲେ। ଶେଷରେ ସଂଯୋଗ ନ କାଟିବାର ପ୍ରତିଶ୍ରୁତି ଦେଇ ମୁକୁଳିଲେ କର୍ମଚାରୀ। ଏପରି ଘଟଣା ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ୍ ଭୀଷ୍ମଗିରି ଗାଁରେ ଘଟିଛି। ବିଦ୍ୟୁତ୍ ବିଲ ସଂଗ୍ରହ ସହ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ପାଇଁ ଗୁରୁବାର ସକାଳେ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ୍ ଭୀଷ୍ମଗିରି ଗାଁକୁ TPCODL ର ଭିଜିଲାନ୍ସ ଟିମ୍ ଯାଇଥିଲେ। ସେଠାରେ ବିଦ୍ୟୁତ୍ ବିଭାଗର କେତେକ କର୍ମଚାରୀ ଲୋକଙ୍କ ଘରେ ବଳପୂର୍ବକ ପଶୁଥିବା ଦେଖି ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇପଡିଥିଲେ। ସଙ୍ଗେ ସଙ୍ଗେ ଶହ ଶହ ଗ୍ରାମବାସୀ ଏକଜୁଟ ହୋଇ ଗାଁର ଠାକୁରାଣୀ ଛକରେ ସମସ୍ତ କର୍ମଚାରୀମାନଙ୍କୁ ଘେରାଉ କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା ଏପରିକି ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମ୍ପୃକ୍ତ କର୍ମଚାରୀମାନଙ୍କୁ ଉତ୍ତ୍ୟକ୍ତ ଗ୍ରାମବାସୀ ଘେରାଉ କରି ରଖିଥିଲେ। ଶେଷରେ ଗ୍ରାମବାସୀଙ୍କ ଦାବିକୁ ମାନିବା ସହ ବିଦ୍ୟୁତ ବିଚ୍ଛିନ୍ନ ପାଇଁ ଗ୍ରାହକଙ୍କ ପାଖକୁ ପଠେଇଥିବା ନୋଟିସକୁ ପ୍ରତ୍ୟାହାର କରିବାର ପ୍ରତିଶୃତି ଦେବାପରେ ଭିଜିଲାନ୍ସ ଟିମ ମୁକ୍ତି ପାଇଥିଲେ।

## ଦିବ୍ୟ ଜୀବନ ସଙ୍ଘ ପକ୍ଷରୁ ଚିଦାନନ୍ଦ ପୁଣ୍ୟତିଥି ପାଳିତ

ବଲାଙ୍ଗିର ,୨୬/୦୬ (ନି.ପ୍ର): ଦିବ୍ୟ ଜୀବନ୍ ସଂଘ ବଲାଙ୍ଗିର ପକ୍ଷରୁ ଆଜି ସ୍ୱାମୀଜୀ ଚିଦାନନ୍ଦ ସରସ୍ୱତୀଙ୍କ ପୁଣ୍ୟ ତିଥି ଦିବ୍ୟ ଜୀବନ ଆଶ୍ରମ ଠାରେ ଗୁରୁଭାଇ ଓ ଭଉଣୀମାନଙ୍କ ଦ୍ୱାରା ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପାଦୁକା ପୂଜା ଗୁରୁନାମ ସଙ୍କୀର୍ତ୍ତନ, ବିଶ୍ୱଶାନ୍ତି ପାଇଁ ମହାମନ୍ତ୍ର ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ ଓ ପଠନ, ପ୍ରବଚନ ଓ ଭଜନ କୀର୍ତ୍ତନ ଅନୁଷ୍ଠିତ ହେବା ସଙ୍ଗେ ସଙ୍ଗେ କୁଇଜ୍ ପ୍ରତିଯୋଗିତା ରେ ଶ୍ରୀମତୀ ଅଞ୍ଜଳି ପୁରୋହିତ ପ୍ରଥମ, କଲ୍ୟାଣୀ ପାଣିଗ୍ରାହୀ ଦ୍ୱିତୀୟ, ବିଶ୍ୱ ପ୍ରିୟା ଯୋଶୀ ତୃତୀୟ ସ୍ଥାନରେ ପୁରସ୍କୃତ ହୋଇଥିଲେ।

# ବିକାଶ ଏବେ ବି ଅପହଞ୍ଚ : ନାଁକୁ ମହାନଗର ଘୋଷଣା

ସମ୍ବଲପୁର ,୨୬/୦୬ (ନି.ପ୍ର): ଆଜିକୁ ପ୍ରାୟ ୮ ବର୍ଷ ହୋଇଯିବ ସମ୍ବଲପୁର ସହରକୁ ମହାନଗର ନିଗମ ଭାବେ ଘୋଷଣା କରାଗଲା। ମହାନଗରରେ ସାମିଲ ହେବା ଖବର ଶୁଣି ୧୨ଟି ପଞ୍ଚାୟତର ଲୋକେ ବେଶ୍ ଖୁସି ହୋଇଥିଲେ। ମହାନଗର ନିଗମର ସୁବିଧା ସୁଯୋଗ ମିଳିବା ନେଇ ଅନେକ ସ୍ୱପ୍ନ ଦେଖିଥିଲେ। ହେଲେ, ଏବେ ବି ଅନେକ ବସ୍ତିକୁ ସରକାରୀ ସୁବିଧା ଅପହଂଚ। ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନମ୍ବର ୧ରେ ଆସୁଥିବା ବ୍ରହ୍ମପୁରା ଗାଁର ମିସ୍ତ୍ରୀପଡ଼ା, ତେତେଲପଡ଼ା, ଲାଲାପଡ଼ା ଅଂଚଳରୁ।

ପାଖରେ ଥିବା ଏହି ତିନି ପଡ଼ାକୁ ମିଶାଇଲେ ଶହେରୁ ବେଶୀ ପରିବାର ବସବାସ କରୁଛନ୍ତି। ସେଠାରେ ବସବାସ କରୁଥିବା ସମସ୍ତ ପରିବାର ଗରିବ ଶ୍ରେଣୀର। ସେମାନଙ୍କ ଅଭିଯୋଗ ହେଲା, ଆଜି ପର୍ଯ୍ୟନ୍ତ ପିଚୁ କିମ୍ବା କଂକ୍ରିଟ ରାସ୍ତାଟିଏ ହୋଇପାରିଲା ନାହିଁ। ବର୍ତ୍ତମାନ ସୁଦ୍ଧା ସେହି ମାଟିରାସ୍ତା ଦେଇ ଯିବାଆସିବା କରୁଛନ୍ତି। ବର୍ତ୍ତମାନ ପଡ଼ାକୁ ଯିବାପାଇଁ ଥିବା ଦୁଇଟିଯାକ ରାସ୍ତା ସଂପୂର୍ଣ୍ଣ କାଦୁଅ। ଲୋକେ ନୀତିଦିନ କାଦୁଅ ଦେଇ ଯିବାଆସିବା କରନ୍ତି। ଅଧିକ ବର୍ଷା ହେଲେ ପିଲାମାନେ ସ୍କୁଲ ମଧ୍ୟ ଯାଇପାରୁନାହାନ୍ତି ବୋଲି ପ୍ରମିଳା ଓରାମ ଅଭିଯୋଗ କରିଛନ୍ତି। ଜରୁରୀ କାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସକୁ ଫୋନ୍ ? କଲେ କାଦୁଅ ରାସ୍ତା ଯାଇ ହେବନାହିଁ ବୋଲି କହୁଛନ୍ତି। କୌଣସି ଅଟୋକୁ ଭଡ଼ା କଲେ ମଧ ଯିବାକୁ ମନା କରୁଥିବା ବୈକୁଣ୍ଠ ଓରାମ କହିଛନ୍ତି। ଭଲ ପିଇବା ପାଣି ଆସୁନାହିଁ। ଅମୃତଧାରାରେ ୨ ବର୍ଷ ହେବ ପାଇପ ବିଛା ସରିଛି। ପାଣି ଆସିବା ଆନିଶ୍ଚିତତାରେ ରହିଯାଇଛି। ଲୋକେ ପାଣି ପାଇଁ ଶହଶହ ମିଟର ଯାଉଛନ୍ତି। ଷ୍ଟ୍ରିଟ୍ ଲାଇଟ୍ ଲାଗିଛି ହେଲେ ଲାଗିବା ଦିନଠୁ ଜଳୁନାହିଁ। ଅନ୍ୟ ପକ୍ଷରେ ଉକ୍ତ ଅଞ୍ଚଳରେ ଏକ ଅଙ୍ଗନବାଡ଼ି କେନ୍ଦ୍ର ଆବଶ୍ୟକ ଥିଲେ ମଧ ଦିଆଯାଉନାହିଁ। ଯାହା ଫଳରେ ୪୦ରୁ ଉର୍ଦ୍ଧ୍ୱ ଶିଶୁ ଅଙ୍ଗନବାଡ଼ି ଶିକ୍ଷାରୁ ବଞ୍ଚିତ ଥିବା ଗ୍ରାମର କିଛି ମହିଳା ଅଭିଯୋଗ କରିଛନ୍ତି।

ଅନନ୍ତ ଓରାମ, ସ୍ଥାନୀୟ ବାସିନ୍ଦା : ବ୍ରହ୍ମପୁରା ମିସ୍ତ୍ରୀପଡ଼ା ପ୍ରଥମେ ଧନକଉଡ଼ା ବ୍ଲକ ସେନାପାଲି ପଞ୍ଚାୟତ ଅଧୀନରେ ଆସୁଥିଲା। ଏବେ ମହାନଗର ନିଗମ ୧ ନମ୍ବର ୱାର୍ଡ ଅଧୀନରେ ଆସୁଛି। ୱାର୍ଡ ଏକ ନମ୍ବର ହୋଇଥିଲେ ବି କାମ କିନ୍ତୁ 'ଜିରୋ'। ରାସ୍ତା ସାରା କାଦୁଅ ଥିବାରୁ ବାହାର ଲୋକେ କେହି ଏଠାକୁ କାମ ନଥିଲେ ବି ଆସିନଥାନ୍ତି। ଆମକୁ ବି ଅତି ଜରୁରୀ କାମ ପଡ଼ିଲେ ବାହାରକୁ ଯିବାକୁ ଇଚ୍ଛା ହୁଏ ନାହିଁ। ପୂର୍ବରୁ



ମିସ୍ତ୍ରୀପଡ଼ା ସେନାପାଲି ପଞ୍ଚାୟତ ଅଧୀନରେ ଥିବା ସମୟରେ ମାଟି, ମୋରମ ଆଦି ପକାଇ ରାସ୍ତା ମରାମତି କରୁଥିଲେ। ମହାନଗର ହେଲା ପରେ ଏବେ ତାହା ବି ହେଉ ନାହିଁ। ପୂର୍ବରୁ ଗାଁ ଦାଣ୍ଡ ଯେମିତି ଅନ୍ଧାର ରହୁଥିଲା ସେମିତି ଅଛି। ନାମକୁ ମାତ୍ର ଷ୍ଟ୍ରିଟ ଲାଇଟ୍ ଲଗାଯାଇଛି, ଗୋଟେ ବି ଜଳୁନାହିଁ।

ବିଳାସିନୀ ଓରାମ, ସ୍ଥାନୀୟ ବାସିନ୍ଦା: ପାଣି ପାଇଁ ଆମେ ଅନେକ ଅସୁବିଧା ଭୋଗୁଛୁ। ୨ଟି ନଳକୂପ ଅଛି। ହେଲେ, ଉଭୟର ପାଣି ବ୍ୟବହାର ପାଇଁ ଅନୁପଯୋଗୀ। କେଉଁ ଅମଳରୁ ଆମେ ଏଠି ରହି ଆସୁଛୁ। କିନ୍ତୁ ଦୁର୍ଭାଗ୍ୟର କଥା ଆମକୁ ପକ୍କା ରାସ୍ତାଟିଏ ମଧ ମିଳିଲା ନାହିଁ। ଆଜି ମଧ ମାଟି ଘରେ କୁଡ଼ିଆ କରି ରହୁଛୁ। ପକ୍କା ଘର ଆମ ପାଇଁ ଦିବାସ୍ୱପ୍ନ। ବର୍ଷାଦିନେ ଘର ଚାରିପଟୁ ପାଣି ଗଳୁଛି। ଜରିପାଲ ଟିଏ ମଧ ମିଳୁନାହିଁ। ମହାନଗର ନିଗମର ମିଶିବା ପରେ ବି ଆମକୁ କିଛି ସୁବିଧା ମିଳୁ ନାହିଁ।

କଳାବତୀ ଓରାମ, ସ୍ଥାନୀୟ ବାସିନ୍ଦା: ଆମ ପଡ଼ାକୁ ସବୁଦିନିଆ ରାସ୍ତା ନାହିଁ କି ଛୋଟ ପିଲାଙ୍କ ପଢ଼ିବା ପାଇଁ ଅଙ୍ଗନବାଡ଼ି କେନ୍ଦ୍ରଟିଏ ନାହିଁ। ମିସ୍ତ୍ରୀ ପଡ଼ା, ତେତେଲପଡ଼ା, ଲାଲାପଡ଼ାକୁ ମିଶାଇ ୪୦ରୁ ୪୫ ପିଲା ଅଙ୍ଗନବାଡ଼ି ଶିକ୍ଷାରୁ ବଞ୍ଚିତ ଅଛନ୍ତି। ୧ରୁ ୫ ବର୍ଷ ଯାଏ ସେମିତି ବୁଲୁଛନ୍ତି। ପଠାପଢ଼ାରୁ ଆଗ୍ରହ ହଟିଯାଉଛି। ୨ ବର୍ଷ ତଳେ ଅମୃତଧାରା ଯୋଜନାରେ ଘରକୁ ଘର ପାଣି ଯୋଗାଇବା ପାଇଁ ପାଇପ ବିଛାଯାଇଛି। ଷ୍ଟାଣ୍ଡ ପୋଷ୍ଟ ବି ଅଛି। ହେଲେ, ପାଇପରେ ପାଣି ଯୋଗାଣ ହେଉ ନାହିଁ। କାହାକୁ ଗୁହାରି କଲେ ବି କେହି କିଛି ଶୁଣୁନାହାନ୍ତି।

ନୀଳମଣି ଓରାମ, ସ୍ଥାନୀୟ ବାସିନ୍ଦା : ଆମେ ହେଉଛୁ ଗରିବ ଖଟିଖିଆ ଲୋକ। ସରକାରୀ କାମ ଜଣା ନାହିଁ। ହେଲେ, ମୋତେ ୫୫ ବର୍ଷ ଡେଇଁଲାଣି। ମୁଁ ମୋ ପିଲାଦିନରୁ ଦେଖି ଆସୁଛି, ଏଠାକାର କଞ୍ଚା ରାସ୍ତା କେବେ ପକ୍କା ହୋଇପାରିଲା ନାହିଁ। ଟିକିଏ ବର୍ଷାରେ ରାସ୍ତା କାଦୁଅ। ଗର୍ଭବତୀ ମହିଳା, ଶାରୀରିକ ଅସୁସ୍ଥ ବ୍ୟକ୍ତିଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ୩୦୦ , ୪୦୦ ମିଟର ଖଟରେ ବୋହି ନେବାକୁ ପଡ଼ିଥାଏ। ବେଳେ ବେଳେ ରାସ୍ତା ପାଇଁ ଆମ୍ବୁଲାନ୍ସ ମଧ ଆସେନାହିଁ। ନିର୍ବାଚନ ସମୟରେ ନେତା ଆସିଲେ ରାସ୍ତା ନିର୍ମାଣର ପ୍ରତିଶ୍ରୁତି ଦେଇଥାନ୍ତି। ଆଉ ନିର୍ବାଚନ ସାରିଗଲେ ଭୁଲିଯିବା ଭଳି ଅନେକ ଥର ଘଟିଲାଣି। ପ୍ରଶାସନକୁ ହାତଯୋଡ଼ି ନିବେଦନ କରୁଛି ଯଥାଶୀଘ୍ର ଏକ ପକ୍କା ରାସ୍ତା ଯୋଗାଇ ଯୋଗାଇ ଦିଅନ୍ତୁ।

## ଆଫ୍ରିକାର ଚିନ୍ତା ଅଲ୍-ଶବାବ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)୧୩ଜାନୁଆରୀ ୨୦୨୦ରେ ଗାରିସାର କାମୁଥେଠାରେ ଅଲଶବାବ ଆକ୍ରମଣରେ ୩ ଶିକ୍ଷକଙ୍କ ମୃତ୍ୟୁ ହେବା ସହ ଜଣେ ଅପହୃତ ହୋଇଥିଲେ । ଗୋଟିଏ ପୁଲିସ ପୋଷ୍ଟ ମଧ ସେହି ଆକ୍ରମଣରେ ନଷ୍ଟ ହୋଇଥିଲା । ସଂଖ୍ୟାଲଘୁ ସୋମାଲିଆ ଖ୍ରୀଷ୍ଟିଆନମାନେ ଇଥିଓପିଆର ଗୋଇନ୍ଦାଙ୍କ ପାଇଁ ସୂଚନା ପ୍ରଦାନ କରିବା ଅଭିଯୋଗରେ ଅଲ୍-ଶବାବ ଗୋଷ୍ଠୀ ସେମାନଙ୍କୁ ଟାର୍ଗେଟ କରିଆସିଛନ୍ତି । ୨୦ ଜୁଲାଇ ୨୦୨୦ରେ ଏଟୋ ଏବଂ ୟେଡ ସହରରେ ଇଥିଓପିଆର ଓରୋମୋ ଲିବରେସନ ଆଲିଆନ୍ସ ଗୋଷ୍ଠୀର ପ୍ରବେଶ ପାଇଁ ବାଟ ଖୋଲିବା ଲକ୍ଷ୍ୟରେ ଅଲ-ଶବାବ ଆକ୍ରମଣ କରିଥିଲା । ତେବେ ୨୦୧୯ରେ ଜାତିସଂଘ ସୁରକ୍ଷା ପରିଷଦର ରିପୋର୍ଟରେ ସୋମାଲିଆ ସରକାରଙ୍କୁ ପ୍ରଦତ୍ତ ଅସ୍ତ୍ରଶସ୍ତ୍ର ଚୋରା ବେପାରୀଙ୍କ ଦ୍ୱାରା ଅଲ ଶବାବ ହାତକୁ ଯାଇଥିବା ପ୍ରକାଶ ପାଇଥିଲା । ମୋଗାଡିସୁ ଏବଂ ବାଇଡୋଆର ଚୋରାବେପାରୀଙ୍କ ମାଧ୍ୟମରେ ୩୮ଟି ଅସ୍ତ୍ର ସେନାହାତରୁ ସନ୍ତ୍ରାସବାଦୀଙ୍କ ନିକଟରେ ପହଞ୍ଚିଥିଲା । ଗତବର୍ଷ ୭ମଇ ୨୦୨୧ରେ ଆମେରିକାର ମୋଣ୍ଟେରେ (ସିଜି ୬୧) ଉତ୍ତର ଆରବ ସାଗରରେ ପତାକାବିହୀନ ଏକ ପୋତରୁ ଟ୍ୟାଙ୍କ ବିରୋଧୀ କ୍ଷେପଣାସ୍ତ୍ର, ହଜାର ହଜାର ସଂଖ୍ୟକ ୫୬ ଆସଲାଟ ରାଇଫଲ୍, ମେସିନଗନ୍, ସ୍ନିପର ରାଇଫଲ, ରକେଟ- ପ୍ରେପେଲ୍ଡ ଗ୍ରେନେଡ ଲଞ୍ଚର ଆଦି ଜବତ କରିଥିଲା । ଏସବୁ ସନ୍ତ୍ରାସବାଦୀଙ୍କ ପାଖକୁ ଯାଉଥିବା ସନ୍ଦେହ କରାଯାଇଥିଲା । ଚଳିତ ମାସ ୨ ଅଗଷ୍ଟ ୨୦୨୨ରେ ସୋମାଲିଆ ସରକାର ମୁଖତାର ରୋବୋଙ୍କୁ ଧାର୍ମିକ ବ୍ୟାପାର ମନ୍ତ୍ରୀ ଭାବେ ନିଯୁକ୍ତ କରିଛନ୍ତି, ଯିଏକି ପୂର୍ବରୁ ଅଲ-କାୟଦା ସନ୍ତ୍ରାସବାଦୀ ରହିଥିଲେ ଏବଂ ଆମେରିକା ତାଙ୍କ ବିରୁଦ୍ଧରେ କଟକଣା ଜାରି କରିଛି । ସୋମାଲିଆ ରାଜ୍ୟ ପୁଣ୍ଟଲାଣ୍ଡର ପୂର୍ବତନ ରାଷ୍ଟ୍ରପତି ଆବ୍‌ଦିୱେଲି ଗାସ୍ ଆନ୍ତର୍ଜାତିକ ସନ୍ତ୍ରାସବାଦୀ ମହମ୍ମଦ- ଅହମ୍ମଦ ଓରଫ କ୍ୱାହିୟେଙ୍କୁ ରାଜକ୍ଷମା ପ୍ରଦାନ କରିଛନ୍ତି । କ୍ୱାହିୟେ କେନ୍ଦ୍ର ଏବଂ ପୂର୍ବ ଆଫ୍ରିକାରେ ପୂର୍ବରୁ ଅନେକ ଆକ୍ରମଣର ନେତୃତ୍ୱ ନେଇସାରିଛି । ପୁଣ୍ଟଲାଣ୍ଡର ଉତ୍ତର ପୂର୍ବର ବାରି ଅଞ୍ଚଳରେ ଇସଲାମିକ ଷ୍ଟେଟ ଇରାକ-ଲେଭାଣ୍ଟର ସନ୍ତ୍ରାସବାଦୀମାନେ ସଂପ୍ରତି ଏକତ୍ରିତ ହେବା ଖବର ମିଳିଛି । ପୁଣ୍ଟଲାଣ୍ଡର ଉତ୍ତରରେ ଥିବା କ୍ୱାଣ୍ଡାଲା ସହରକୁ ନିଜ ନିୟନ୍ତ୍ରଣକୁ ନେବା ସହ ବୋସାସୋଠାରେ ପ୍ରଥମଥର ପାଇଁ ଆତ୍ମଘାତୀ ଆକ୍ରମଣ କରିଛନ୍ତି । ସୋମାଲିଆକୁ ପୁଣ୍ଟଲାଣ୍ଡ ଦେଇ ଅସ୍ତ୍ରଶସ୍ତ୍ର ପ୍ରବେଶ କରୁଥିବା ଜାତିସଂଘର ବିବରଣୀରୁ ଜଣାପଡେ । ୟେମେନରୁ ଏହି ଅସ୍ତ୍ରଶସ୍ତ୍ର ସ୍ପିଡବୋଟ ସାହାଯ୍ୟରେ ପୁଣ୍ଟଲାଣ୍ଡର କ୍ୱାଣ୍ଡଲା ଏବଂ ବୋସାସୋ ବନ୍ଦର ଦେଇ ପ୍ରବେଶ କରୁଛି । ୟେମେନର ଅଲକାୟଦା ସନ୍ତ୍ରାସବାଦୀମାନେ ପୁଣ୍ଟଲାଣ୍ଡର ଚୋରା ଅସ୍ତ୍ରଚାଲାଣକାରୀଙ୍କୁ ଏହିସବୁ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଉଛନ୍ତି । ସାମୁଦ୍ରିକ ତସ୍କରୀ, ଅପହରଣ, ଚାନ୍ଦା ଆଦାୟ, ର୍‍ୟାକେଟ ପରିଚାଳନା ମାଧ୍ୟମରେ ଅଲ ଶବାବ ଅର୍ଥ ସଂଗ୍ରହ କରୁଛି । କହିବାକୁ ଗଲେ ଅଲ-ଶବାବ ଏବେ ଆଫ୍ରିକା ମହାଦେଶ ପାଇଁ ଚିନ୍ତାର ବଡ କାରଣ ହୋଇଛି ।

ଭାରତୀୟ ସମ୍ବାଦ ସେବା (ଭାସ୍) ଭୁବନେଶ୍ୱର-୭୫୧୦୦୩

## ପାଣିରେ ବୁଡି ଶିଶୁ ପୁତ୍ରର ପ୍ରାଣ ଗଲା

ବସ୍ତା, ୨୬/୦୮ (ନି.ପ୍ର): ବସ୍ତାଥାନା କୁରାଡିହା ପଞ୍ଚାୟତ ଅଧିନସ୍ଥ କୋଇଲିସାହି ଗ୍ରାମରେ ଆଜି ଜଣେ ୧୮ ମାସର ଶିଶୁ ପାଣିରେ ବୁଡି ମୃତ୍ୟୁ ବରଣ କରିଛି । ସେହେଲେ ଏହି ଗ୍ରାମର ପୁରୁଷୋତ୍ତମ ଧଳଙ୍କ ପୁତ୍ର ସାଇ ଶୁଭମ (୧୮)ମାସ । ପିଲାଟି ଖେଳୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା ।ବହୁ ଖୋଜାଖୋଜି ପରେ ଘର ନିକଟସ୍ଥ ପୋଖରୀରେ ସେ ଭାସୁଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ । ତାଙ୍କୁ ତୁରନ୍ତ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନିଆ ଯାଇଥିଲା ।ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଶିଶୁ ଟିର ମୃତ୍ୟୁ ରେ ସମଗ୍ର ଅଞ୍ଚଳରେ ଶୋକର ବାତାବରଣ ଖେଳିଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଇସ୍ତଫା ଦେଲେ କଂଗ୍ରେସର....

ତୃତୀୟ ବଡ଼ ଝଟକା ହୋଇଛି । ତେବେ ଆଜାଦ, ମୋଦୀଫାଏଡ ଅର୍ଥାତ ମୋଦୀଙ୍କ ଦ୍ୱାରା ପ୍ରଭାବିତ ହୋଇ ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ । ଦିନକୁ ଦିନ ଦୁର୍ବଳ ହୋଇଚାଲିଥିବା କଂଗ୍ରେସକୁ ଗୋଟିଏ ପରେ ଗୋଟିଏ ଶକ୍ତ ଝଟକା ଲାଗିଚାଲିଛି । ଜଣକ ପରେ ଜଣେ ବରିଷ୍ଠ ନେତା ଦଳର ହାତ ଛାଡୁଛନ୍ତି । ସବୁଠୁ ବଡ଼ ଝଟକା ଲାଗିଛି, ଯେତେବେଳେ ବରିଷ୍ଠ ନେତା ଗୁଲାମନବୀ ଆଜାଦ କଂଗ୍ରେସକୁ ବାଏ ବାଏ କହିଛନ୍ତି । ନିଜର ଇସ୍ତଫା ଦର୍ଶାଇ କଂଗ୍ରେସ ଅଧ୍ୟକ୍ଷ ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖିଛନ୍ତି ଗୁଲାମ ନବୀ ଆଜାଦ । ସେ ଏଥିରେ ଗୋଟି ଗୋଟି କରି ନିଜ ଇସ୍ତଫାର କାରଣ ଦର୍ଶାଇଛନ୍ତି । ୫ ପୃଷ୍ଠାର ଏହି ଚିଠିରେ ଆଜାଦ୍ ଲଗାତର ଭାବେ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଛନ୍ତି । ଗୁଲାମ ନବୀ ଲେଖିଛନ୍ତି ଯେ, “ରାଜନୀତିକୁ ରାହୁଲଙ୍କ ପ୍ରବେଶ ଓ ଜାନୁଆରୀ ୨୦୧୩ରେ ସେ କଂଗ୍ରେସର ଉପସଭାପତି ହେବା ପରେ ଯେମିତି ସବୁକିଛି ବଦଳିଗଲା । ପୂର୍ବରୁ ଦଳ ଭିତରେ ଆଲୋଚନା ମାଧ୍ୟମରେ ନିଷ୍ପତ୍ତି ନେବାର ଯେଉଁ ଧାରା ଚାଲିଥିଲା, ତାକୁ ରାହୁଲ ଗାନ୍ଧୀ ନଷ୍ଟ କରି ଦେଲେ । ସବୁ ବରିଷ୍ଠ ଓ ଅଭିଜ୍ଞ ନେତାମାନଙ୍କୁ ଅଣଦେଖା କରାଗଲା ବରଂ ଏହା ବଦଳରେ କିଛି ତୋଷାମୋଦକାରୀ ଯେଉଁମାନେ ରାଜନୀତିରେ ଅନଭିଜ୍ଞ, ସେହିମାନେ ଦଳର ପରିଚାଳନା ସମ୍ଭାଳିଲେ’ । ଚିଠିର ଅନ୍ୟ ଏକ ଜାଗାରେ ଗୁଲାମ ନବୀ ଲେଖିଛନ୍ତି ଯେ, “ଦଳର ନେତୃତ୍ୱ ଓ ପରିଚାଳନାର ଶୈଳୀ ନେଇ ଯେତେବେଳେ ସେ ଓ ଅନ୍ୟ ୨୨ ଜଣ ସୋନିଆଙ୍କୁ ଚିଠି ଲେଖିଲେ, ଏହାକୁ ସକାରାତ୍ମକ ଭାବେ ନିଆଯିବା ବଦଳରେ ବରିଷ୍ଠ ନେତାମାନଙ୍କୁ ବାରମ୍ବାର ଅପମାନ ଦିଆଗଲା, ସେମାନଙ୍କୁ ଅପବାଦ ଦିଆଗଲା । ଦଳ ଏବେ ଏକ ଏମିତି ଅବସ୍ଥାରେ ପହଞ୍ଚିସାରିଛି, ଯେଉଁଠୁ ଫେରିବା ଅସମ୍ଭବ’ । କଂଗ୍ରେସ ସହ ପ୍ରାୟ ୫୦ ବର୍ଷ ଧରି କାର୍ଯ୍ୟ କରିଛନ୍ତି ଗୁଲାମନବୀ । ବହୁବାର ସେ କଂଗ୍ରେସ ସରକାର ଅମଳରେ ମନ୍ତ୍ରୀ ହୋଇ ଗୁରୁତ୍ୱପୂର୍ଣ୍ଣ ପୋର୍ଟଫୋଲିଓ ସମ୍ଭାଳିଛନ୍ତି । ଏହାସହ ସଂସଦରେ ଶାଣିତ ସ୍ୱରରେ କଂଗ୍ରେସର ପକ୍ଷ ରଖିଛନ୍ତି । ହେଲେ ୨୦୨୧ ଫେବ୍ରୁଆରୀ ୯ ତାରିଖ, ସବୁକିଛି ବଦଳାଇ ଦେଇଥିଲା । ରାଜ୍ୟସଭାରେ ସେଦିନ ଥିଲା ଗୁଲାମନବୀଙ୍କ ଶେଷ ଦିନ । ତାଙ୍କୁ ବେଶ୍ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ମୋଦୀ ଭାଷଣ ଦେଇଥିଲେ, ଆଜାଦ ମଧ ମୋଦୀଙ୍କ ପ୍ରଶଂସା କରିଥିଲେ ।

### ଜମ୍ମୁ-କାଶ୍ମୀର ଫେରିବି ....

ଅପଶବ୍ଦ କହିନାହିଁ । ସବୁ ଦଳକୁ ସମ୍ମାନ କରିଛି ଏବଂ ପ୍ରତିବଦଳରେ ସମ୍ମାନ ପାଇଛି । ତେବେ ଗାନ୍ଧୀ ପରିବାର ସହ ମୋର ଭଲ ସମ୍ପର୍କ ରହିଛି । ଏହାକୁ ବ୍ୟକ୍ତିଗତ ସମ୍ପର୍କ ସହ ଯୋଡିବା ଠିକ୍ ନୁହେଁ । ଆମେ କଂଗ୍ରେସର ଅବନତିକୁ ନେଇ ଆଲୋଚନା କରୁଛୁ । କାରଣ କଂଗ୍ରେସରେ ୫୦ ବର୍ଷ ବିତାଇ ସାରିଲାଣି ସେ ଜାଣିଛି ତାହା ପାଇଁ ଏହା କେତେ କଷ୍ଟଦାୟକ । ଏହାପୂର୍ବରୁ ନିଜ ଇସ୍ତଫାପତ୍ରରେ ରାହୁଲ ଗାନ୍ଧୀଙ୍କ ଉପରେ ବର୍ଷିଥିଲେ ଗୁଲାମନବୀ ଆଜାଦ । ରାହୁଲ ଗାନ୍ଧୀ ରାଜନୀତିକୁ ଆସିବା ସହ ଦଳର ଉପାଧ୍ୟକ୍ଷ ହେବା ପରେ କଂଗ୍ରେସର ପୂର୍ବରୁ ଚାଲିଥିବା କାର୍ଯ୍ୟ କରିବାର ଶୈଳୀକୁ ଏକପ୍ରକାର ଶେଷ କରି ଦେଇଥିଲେ । ଦଳରେ ପରାମର୍ଶଦାତା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ଧ୍ୱସ୍ତ କରି ଦିଆଯାଇଥିଲା । ଏପରିକି ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଦ୍ୱାରା ଜାରି କରାଯାଇଥିବା ଅଧ୍ୟାଦେଶକୁ ଚିରିଦେବା ରାହୁଲ ଗାନ୍ଧୀଙ୍କ ଅପରିପକ୍ୱତାକୁ ଦର୍ଶାଇଥିଲା । ଏହାଛଡା କଂଗ୍ରେସର ନେତୃତ୍ୱ ଭାର ସୋନିଆ ଗାନ୍ଧୀଙ୍କ ହାତରେ ଥିଲେ ମଧ ଅସଲ ନିଷ୍ପତ୍ତି ନେଉଥିଲେ ରାହୁଲ । କେବଳ ଏତିକି ନୁହେଁ ରାହୁଲଙ୍କ ପିଏ ଓ ସୁରକ୍ଷାକର୍ମୀ ମଧ ଏଥିରେ ମୁଣ୍ଡ ଖେଳାଉଥିଲେ । ଯେଉଁଥିପାଇଁ ଦଳକୁ ୨୦୨୪ରେ ପରାଜୟର ସାମ୍ନା କରିବାକୁ ପଡିଲା ।

### ‘ଅପରେସନ ଲୋଟସ’କୁ ନେଇ....

ସାମିଲ କରିବା ଭଳି କାର୍ଯ୍ୟ କରି ବିଜେପି ବିଷ୍ଣୁଙ୍କ ପ୍ରିୟ ଫୁଲ ପଦ୍ମର ବଦନାମ ହେଉଥିବା କଥା କହିଛି ଶିବସେନା । ଶିବସେନା କହିଛି କି ‘ଅପରେସନ ଲୋଟସ’ ଅଲ କାଏଦା ଭଳି ଏକ ଆତଙ୍କବାଦୀ ଶବ୍ଦରେ ପରିଣତ ହୋଇଛି । ଏହାସହ ‘ସାମନା’ରେ ଲେଖାଯାଇଛି କି, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ ଯେଭଳି ଭାବେ ଗୃହମନ୍ତ୍ରୀ ଅମିତ୍ ଶାହାଙ୍କୁ ଚ୍ୟାଲେଞ୍ଜ କରି କହିଛନ୍ତି ଇଡି କି ସିବିଆଇ ଲଗାଇ ମୋ ସରକାର ଭାଙ୍ଗିଦିଅ ସେଥିରୁ ସ୍ପଷ୍ଟ ହେଉଛି ବିରୋଧୀଙ୍କ ସରକାର ଭାଙ୍ଗିବାରେ କେନ୍ଦ୍ର ସରକାର ଇଡି ଓ ସିବିଆଇକୁ ବ୍ୟବହାର କରୁଛନ୍ତି । ସାମନାରେ ଆହୁରି ଲେଖାଯାଇଛି କି, ଆପ ନେତା ମନୀଷ ସିସୋଦିଆ ବିଜେପିର ‘ୱାଶିଂ ମେସିନ’ ଉପରେ ବୋମା ପକାଇ ଦେଇଛନ୍ତି । ବିଜେପିରେ ଯୋଗ ଦିଅନ୍ତୁ ଏବଂ ଆପ ବିଧାୟକଙ୍କୁ ନିଜ ପଟକୁ ଆଣନ୍ତୁ ଏବଂ ମୁଖ୍ୟମନ୍ତ୍ରୀ ହୁଅନ୍ତୁ, ଏସବୁ କଲେ ଆପଣଙ୍କ ବିରୋଧରେ ସିବିଆଇ ମାମଲା ବନ୍ଦ ହୋଇଯିବ’ ଏଭଳି ପ୍ରସ୍ତାବକୁ ସିସୋଡିଆଙ୍କୁ ବିଜେପି ଦେଇଥିଲା ବୋଲି ସାମନାରେ ଲେଖାଯାଇଛି ।

### ବ୍ରହ୍ମପୁର ବଡ ମେଡିକାଲରେ....

ନିଆଁ ଲାଗିବା ଖବର ଜଣାପଡିଥିଲା । ଯାହା ଶୁଣିବା ପରେ ଅତି ତରତରରେ ଅସ୍ତ୍ରୋପଚାର ସାରିଥିଲେ ଡାକ୍ତର । ଅଗ୍ନିକାଣ୍ଡ ଘଟିଥିବା ମହଲାରୁ ସମସ୍ତ ରୋଗୀ ସେମାନଙ୍କ ସମ୍ପର୍କୀୟ ଓ ମେଡିକାଲ କର୍ମଚାରୀ ସୁରକ୍ଷିତ ଭାବେ ଚାଲି ଆସିବା ପରେ କାଚ ଭାଂଗି ଧୂଆଁ ବାହାରୁଥିବା ହଲ ଭିତରେ ପଶିଥିଲେ ଅଗ୍ନିଶମ କର୍ମଚାରୀ । ଆଉ ସ୍ଥାନ ଚିହ୍ନଟ କରିବା ପରେ ଦୀର୍ଘ ସମୟର କସରତ କରି ନିଆଁ ଓ ଧୂଆଁକୁ ଆୟତ୍ତ କରିଥିଲେ । ଅଗ୍ନିଶମ କର୍ମଚାରୀଙ୍କ କହିବା ଅନୁସାରେ କୋଠା ନିର୍ମାଣ ସମୟରେ ଅଗ୍ନି ନିର୍ବାପକ ବ୍ୟବସ୍ଥା କରାଯାଇଥିଲେ ବି ପରବର୍ତ୍ତୀ ସମୟରେ ଏହା ଠିକରେ କାମ କରୁନଥିଲା । ଆଉ ଏସବୁର ମରାମତି ପାଇଁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଅଗ୍ନିଶମ ବିଭାଗ ପକ୍ଷରୁ ଚିଠି ଲେଖାଯାଇଥିଲା । କିନ୍ତୁ ହସ୍ପିଟାଲ କର୍ତ୍ତୃପକ୍ଷ କାମ କରିଥିଲେ କି ତାହା ସ୍ପଷ୍ଟ ହୋଇନାହିଁ ।

### ବିଧାୟକଙ୍କ ବିଭିନ୍ନ ଦାବି ନେଇ ....

ଏବଂ ଅନ୍ୟାନ୍ୟ ଭତା ବିଷୟରେ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବେ ବୋଲି ବୈଠକରେ ନିଷ୍ପତି ହୋଇଛି । ଏହି ବୈଠକରେ ବିଜେପି ଦଳର ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, କଂଗ୍ରେସ ଦଳର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି, ବିଜୁ ଜନତା ଦଳର ବରିଷ୍ଠ ବିଧାୟକ ଡ. ନୃସିଂହ ଚରଣ ସାହୁ ଏବଂ ମକରନ୍ଦ ମୁଦୁଲିଙ୍କ ସମେତ ବିଧାନସଭା ସଚିବ ଦାଶରଥୀ ଶତପଥୀ ଏବଂ ବିଧାନସଭାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ପାରିବାରିକ କଳହରୁ ନାବାଳିକାର ଆତ୍ମହତ୍ୟା

ଜଳେଶ୍ୱର, ୨୬/୮(ନିପ୍ର) : ଜଳେଶ୍ୱର ଥାନା ଅନ୍ତର୍ଗତ ଗୋବର୍ଦ୍ଧନପୁର ଗ୍ରାମର ଅରୁଣ ବେହେରାଙ୍କ ନାବାଳିକା ଝିଅ ପୁଷ୍ପାଞ୍ଜଳି ବେହେରା ଏକ ପାରିବାରିକ କଳହକୁ କେନ୍ଦ୍ର କରି ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଇଛି । ପରିବାରର ଲୋକେ ରଶିରୁ ମୁକୁଳାଇ ଜିକେ ଭଟ୍ଟର ହସ୍‌ପିଟାଲକୁ ନେଇ ଆସିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଜଳେଶ୍ୱର ପୁଲିସ୍ ଏ ସମ୍ପର୍କରେ ୨୧/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ସାମାଜିକ ସଂଗଠନ ‘ହେଲ୍ପ ଫର ୟୁ’ ପକ୍ଷରୁ ବନ୍ୟାଞ୍ଚଳରେ ରିଲିଫ ବଣ୍ଟନ

ଜଳେଶ୍ୱର, ୨୬/୮(ନିପ୍ର) : ସୁବର୍ଣ୍ଣରେଖାର ବନ୍ୟା ପରେ ମଧ୍ୟ ବହୁ ଅଂଚଳ ପାଣି ଘେରରେ ଥିବାରୁ ବନ୍ୟା ପିଡିତ ବହୁ ବ୍ୟକ୍ତି ଦୁଃଖ କଷ୍ଟରେ କାଳାତିପାତ କରୁଛନ୍ତି । ବନ୍ୟା ଓ ବନ୍ୟାପରେ ସେମାନଙ୍କୁ ସହାୟତାର ହାତ ବଢାଇଛି ଜଳେଶ୍ୱର ଅଂଚଳର ‘ହେଲ୍ପ ଫର ୟୁ’ ସଂଗଠନ । ଜଳେଶ୍ୱର ବ୍ଲକର ପାଇକସିଦା ପଂଚାୟତର ଉତ୍ତରପଡା ଗାଁ ମାଝିସାହି ପାଣିଘେରରେ ଏବେବି ଥିବାରୁ ସଂଗଠନ ପକ୍ଷରୁ ସେମାନଙ୍କ ପାଖରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି । ସଂଗଠନର ମୁଖ୍ୟ ମାନସ ଧଳଙ୍କୁ ନେତୃତ୍ୱରେ ସଭ୍ୟମାନେ ସେଠାକୁ ଯାଇ ଭୋକିଲା ପେଟକୁ ଆହାର ଦେଇଛନ୍ତି । ଏହାଛଡା ପାଳ ଚମ୍ପେଇ, ରାମନଗର, ରସଲପୁର, ଚୌଧୁରୀକୁଦ, ଚଡବସ୍ତ ସାହିରେ ମଧ୍ୟ ଶୁଖିଲା ଖାଦ୍ୟ ବଣ୍ଟନ କରିଥିବା ଜଣାଯାଇଛି ।

## ମୟୂରଭଂଜରେ ବଢୁଛି ବନ୍ୟା ରାଜନୀତି



ବାରିପଦା, ୨୬/୦୮ (ନି.ପ୍ର): ବିଗତ ଲଗାଣ ବର୍ଷା ଓ ବନ୍ୟାରେ ମୟୂରଭଂଜ ଜିଲ୍ଲା ପ୍ରଭାବିତ ହୋଇଥିବା ବେଳେ, ଜିଲ୍ଲାରେ ୬ଜଣ ବ୍ୟକ୍ତିଙ୍କ କାନ୍ଥପଡି ଏବଂ ଜଣେ ଭାସିଯାଇ ମୋଟ ୭ଜଣ ମୃତ୍ୟୁ ବରଣ କରିଛନ୍ତି । ତେବେ ଏହାକୁ ନେଇ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ଗତ ବୁଧବାର ଜିଲ୍ଲା ଗସ୍ତ କରି ରାଜ୍ୟ ସରକାର ଓ ଜିଲ୍ଲା ପ୍ରସାଶନକୁ ଦାୟୀ କରିବା ସହିତ ରାଜ୍ୟ ସରକାର କେବଳ ପ୍ରଚାର ଧର୍ମୀ କାର୍ଯ୍ୟ କରୁଥିବା ବେଳେ ଉପଯୁକ୍ତ ହିତାଧିକାରୀ ମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାରେ ଫେଲ ମାରିଥିବାରୁ ଆଜି ଏଭଳି କାନ୍ଥପଡି ନିରିହ ଜୀବନ ଯାଇଥିବାର କହିଛନ୍ତି । ତେବେ ଆଜି ବିଜେପି ଜିଲ୍ଲା କର୍ମକର୍ତା ମାନେ ମୟୂରଭଂଜ ଏସପିଙ୍କୁ ଭେଟି ଏବାବଦରେ ଏକ ଲିଖିତ ଏତେଲା ଦେବା ସହ ଘଟଣାର ନିରପେକ୍ଷ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି । କେବଳ ସେତିକି ନୁହେଁ ଏସ.ଆର.ସି. ଙ୍କ ଚେତାବନୀ ସତ୍ୱେ ପ୍ରଶାସନ ଠିକ ଭାବରେ ବର୍ଷା ଓ ବନ୍ୟା କ୍ଷୟକ୍ଷତିକୁ ରୋକିବାରେ ବିଫଳ ହୋଇଛି । ତେଣୁ ରାଜ୍ୟ ସରକାରର ମୁଖ୍ୟ ଭାବରେ ମୂଖ୍ୟମନ୍ତ୍ରୀ ଓ ମୟୁରଭଂଜ ଜିଲ୍ଲା ପ୍ରଶାସନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନାମରେ ଆଜି ବିଜେପିର ଏକ ପ୍ରତିନିଧି ଦଳ ମୟୁରଭଂଜ ଏସ.ପି.ଙ୍କ ପାଖରେ ଏତେଲା ଦେଇଥିବାର କହିଛନ୍ତି ବିଜେପି ଜିଲ୍ଲା ସଭାପତି କାନ୍ଦ୍ରା ସୋରେନ । ତେବେ ମୟୁରଭଂଜ ଏସପି ରିଷିକେଶ ଦ୍ୟାନଦେଓ ଖିଲାରୀ ବିଜେପିର ଏହି ଏତଲାକୁ ଗ୍ରହଣ କରି ମାମଲାର ତଦନ୍ତ ପୂର୍ବକ ଉଚିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମଧ ଦେଇଛନ୍ତି । ଏହି ପ୍ରତିନିଧି ମଣ୍ଡଳରେ ଅନ୍ୟମାନଙ୍କ ମଧରେ ରାଜ୍ୟ ସହରାଂଚଳ ସଂଯୋଜକ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର, ବିଧାୟକ ଡ. ବୁଦ୍ଧାନ ମୁର୍ମୁ, ବିଧାୟକ ପ୍ରକାଶ ସୋରେନ, ରାଜ୍ୟ କାର୍ଯ୍ୟକାରିଣୀ ସଦଶ୍ୟ ସୁଜାତା ମୁର୍ମୁ, ସୁମନ ସିଂ, କବି ବିଷ୍ଣୁ ଶତପଥି, ପ୍ରବୀଣ ପାତ୍ର, ବିଜୟ ଦାସ, ଲକ୍ଷ୍ମଣ ତ୍ରିପାଠୀ, ଦୀପକ ମଲ୍ଲିକ, କୁମାର ମଙ୍ଗଳମ, ଫାଗୁ ହାଁସଦା, ରାଜଗୁପ୍ତା ପ୍ରମୁଖ ସାମିଲ ଥିଲେ ।

## ବାଲେଶ୍ୱର ଜିଲ୍ଲା ବାରିକ ସମିତିର ଜରୁରି ବୈଠକ



ବାଲେଶ୍ୱର, ୨୬/୦୮ (ନି.ପ୍ର): ସନ୍ଧ୍ୟା ୬ ଘଟିକା ସମୟରେ, ବାଲେଶ୍ୱର ଜିଲ୍ଲାବାରିକ ସମିତିର ଜରୁରୀ ବୈଠକ, ନୂଆବଜାର Evokas ModernSalon ପ୍ରାଙ୍ଗଣରେ,ସ୍ଥାୟୀ ଉପସଭାପତି ଶ୍ରୀଯୁକ୍ତ ପରମାନନ୍ଦ ବାରିକଙ୍କ ସଭାପତିତ୍ୱରେ ଶତାଧିକ ଜାତିଭାଇ(ସେଲୁନ୍) ମାନଙ୍କୁ ନେଇ ଅନୁଷ୍ଠିତ ହୋଇ ଯାଇଛି । ସମ୍ପାଦକ ଶ୍ରୀଯୁକ୍ତ ଶୁଭ୍ରଲୋଚନ ବାରିକ, ଆଗାମି ଦିନରେ କିପରି ବାର୍ଷିକ ଅଧିବେଶନ ଶୃଙ୍ଖଳା ର ସହିତ ହୋଇପାରିବ ତାହା ଉପରେ ଆଲୋକପାତ କରା ଯାଇଥିଲା । ଶତାଧିକ ସେଲୁନ ଭାଇମାନେ ସହଯୋଗ କରିଥିଲେ । ରାଜେନ୍ଦ୍ର ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ ।

## କାଇପଦର ଡ଼ାକ୍ତରଖାନା ପାଇଁ ସ୍ୱୀକୃତି ପାଇଁ ଦାବି

ଖୋର୍ଦ୍ଧା, ୨୬/୦୮ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା, ଖୋର୍ଦ୍ଧା ବ୍ଲକ, କାଇପଦର ପଞ୍ଚାୟତ ବାସୀ ଏକ ସଭା ଡକା ଯାଇଥିଲା ଓ ଆଲୋଚନା କରାଯାଇ ଥିଲା । ପଞ୍ଚାୟତ ବାସୀ ଓ କାଇପଦର ଗ୍ରାମ ବାସୀ ତରଫରୁ ଗଢ଼ି ଉଠିଥିବା କାଇପଦର ଡାକ୍ତରଖାନା ଆଜକୁ ୧୫ ବର୍ଷ ହେଲା ଗ୍ରାମବାସୀ ମିଳିତ ଉଦ୍ୟମରେ ଏହି ପ୍ରସ୍ତାବିତ ଏଲୋପାଥିକ ଡାକ୍ତର ଖାନା ପ୍ରାୟ ଦେଢ଼ ଏକର ଜାଗାରେ ପକାଘର ୪ ବଖରା କରାଯାଇ ସରକାରୀ ନିଏମ ଅନୁଯାୟୀ ସବୁ କାଗଜ ପତ୍ର (ଫିଜିବିଲିଟି ରିପୋର୍ଟ) ଠିକ୍ କରି ଖୋର୍ଦ୍ଧା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା, ଶ୍ୟାମ ସୁନ୍ଦର କର ସମୟରେ ଦିଆ ଯାଇ ଥିଲା । ତାଙ୍କ ଅମଳରେ ଏକ ମେଘା ସ୍ୱାସ୍ଥ୍ୟ ମେଳା ୩ ଦିନ କରାଯାଇ ଥିଲା । ଉକ୍ତ ସ୍ୱାସ୍ଥ୍ୟ ମେଳା ଖୋର୍ଦ୍ଧା ଜିଲ୍ଲାର ସବୁଠାରୁ ବଡ଼ ଧରଣର ହୋଇଥିଲା ପ୍ରାୟ ସବୁଦିନ ୧୦,୦୦୦ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା ମାଗଣା ପରୀକ୍ଷା କରା ଯାଇଥିଲ । ସବୁ ବିଭାଗର ଡାକ୍ତର ଓ ପାରାମେଡିକାଲ କର୍ମଚାରି ଆମ୍ ସେତେବେଳର ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଆଦେଶ ମତେ ବିଭିନ୍ନ ବିଭାଗ ସୁନାମ ଧନ୍ୟ ଅଭିଜ୍ଞ ସ୍ପେଶାଲିଷ୍ଟ ଆସିଥିଲେ । ସମାସ୍ତଙ୍କ ସାହାଯ୍ୟରେ ଡାକ୍ତରଖାନା ୪ ବଖରା କୋଠା କରାଯାଇ, ଜଣେ ଅବସର ପ୍ରାପ୍ତ ଡାକ୍ତର, ଫାର୍ମାସିଷ୍ଟ ଓ ଜଣେ ପିଅନ କାମ କରୁଥିଲେ । ଆୟୁଷ ଡ଼ାକ୍ତର ଡ଼ା, ଧିରେନେ ଦାସ ହୋ ମି ଓ ଚିକିତ୍ସା ଭଲ ଯୋଗୁ ଦିନକୁ ୧୫୦ ରୋଗୀ ହେଇଛନ୍ତି । ପୁଣୀ ଏହି ଆୟୁଷ ଡ଼ାକ୍ତର ଆଲୋପାଥିକ ତାଲିମ ପାଇଥିବାରୁ ସରକାର୍ ହୋମିଓ ଓ ଅଲୋପାଥିକ ଔଷଧ ଯୋଗାଉଛନ୍ତି । ଗତ କୋରାନା ରୋଗ ବେଳେ ଟିକା କେନ୍ଦ୍ର ମୂଖ୍ୟ ଚିକିତ୍ସ ଅଧିକାରୀ ଖୋର୍ଦ୍ଧା କରିଥିଲେ ଓ ଚାଲିଛି । ଗ୍ରାମ ବାସୀ ତାଙ୍କ ସୀମିତ ଫଣ୍ଡରୁ ଜଣେ ଫାର୍ମାସିଷ୍ଟ, ତାଲିମ ପ୍ରାପ୍ତ, ଜଣେ ପିଅନ ଦେଇଛନ୍ତି ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ଅର୍ଥ ମଂଜୁର ନେଇ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡିଲା ଭାଜପା

ଜଳେଶ୍ୱର, ୨୬/୮(ନିପ୍ର) : ଜଳେଶ୍ୱର ଭାଜପା ନଗର କମିଟି ପକ୍ଷରୁ ପୌରାଧ୍ୟକ୍ଷ ପ୍ରଦୀପ କୁମାର ପ୍ରଧାନ ଓ ପୌର କାର୍ଯ୍ୟ ଅଧିକାରୀ ଅଜୟ କୁମାର ମହାପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଆବାସ ଯୋଜନାରେ ୪ଟି ପର୍ଯ୍ୟାୟରେ ୨ଲକ୍ଷ ଟଙ୍କା ଓ ପରେ ନିୟମ ଅନୁଯାୟୀ କାର୍ଯ୍ୟ ଶେଷ ହୋଇଥିଲେ ଅଧିକ ୨୦ହଜାର ଟଙ୍କା ପ୍ରଦାନ କରାଯାଉଛି । କିନ୍ତୁ ଗତ ମେ ମାସଠାରୁ ଜଳେଶ୍ୱର ପୌରାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କୁ ଅର୍ଥ ମିଳିପାରୁନଥିବାରୁ ବିଜେପି ପକ୍ଷରୁ ଆଜି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଅର୍ଥ ମଂଜୁର ନ ହେଲେ ଆଗାମୀ ଦିନରେ ଭାଜପା ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି । ଏଥିରେ ଅରୁଣ କୁମାର ବେଜ, ବରିଷ୍ଠ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା, ଫାଲଗୁନୀ ପାଣିଗ୍ରାହୀ, କାଉନ୍‌ସିଲର ଶିବନାରାୟଣ ମହାପାତ୍ର, ଚନ୍ଦନ ଦାସ, ଅନନ୍ତ ଦାସ, ଜଗନ୍ନାଥ ଗୋଛାୟତ, ରବିନ୍ଦ୍ର ପାତ୍ର, ସୁମତି ରଣା, ଦେବଯାନୀ ଅଣ୍ଡିଆ, ରଂଜନ ପାତ୍ର ଓ ସତ୍ୟବ୍ରତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ରୋଟାରୀକ୍ଲବ ସୁବର୍ଣ୍ଣରେଖା ରାଇବଣିଆର ୪ର୍ଥ ପ୍ରତିଷ୍ଠା ଦିବସ ପାଳିତ



ଜଳେଶ୍ୱର, ୨୬/୮(ନିପ୍ର) : ଜଳେଶ୍ୱରସ୍ଥିତ ରୋଟାରୀ କ୍ଲବ ଅଫ ସୁବର୍ଣ୍ଣରେଖା, ରାଇବଣିଆର ଇନରହୁଇଲ ଓ ରୋଟାରୀ କ୍ଲବର ମିଳିତ ପ୍ରତିଷ୍ଠା ଦିବସରେ ଡିଜିଏନ୍ ଯାଜ୍ଞାଶିଷ ମହାପାତ୍ର ଯୋଗ ଦେଇ ସାମଗ୍ରୀକ ସହଯୋଗରେ ସାମାଜିକ ସେବା ସମସ୍ତଙ୍କର ଧୈୟ ହେବା ଉଚିତ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ଜଳେଶ୍ୱର ବିଡିଓ ପୁନମ୍ ରାଉତ ଯୋଗ ଦେଇ ରୋଟାରୀ କ୍ଲବ ସେବା କ୍ଷେତ୍ରରେ ବିଶ୍ୱରେ ଅନନ୍ୟ ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ସୁରେଶ ଚନ୍ଦ୍ର ସାହୁ ଯୋଗ ଦେଇଥିବା ବେଳେ ପ୍ରଥମ ଅଧିବେଶନରେ ଇନ୍‌ରହୁଇଲ କ୍ଲବର ସଭାପତି ଆରତୀ ଦାସ ଓ ସଂପାଦିକା ମଧୁଛନ୍ଦା ମହାନ୍ତିଙ୍କ ଠାରୁ ଚଳିତବର୍ଷଲାଗି ସଭାପତିଭାବେ ସୁଷମାରାଣୀ ଭୂୟାଁ ଓ ସଂପାଦିକାଭାବେ ଅଂଜନା କର ଦାୟିତ୍ୱ ଗ୍ରହଣ କରିଥିଲେ । ସେହିପରି ରୋଟାରୀ କ୍ଲବର ବିଗତ ସଭାପତି ନୀଳକଣ୍ଠ ଖଣ୍ଡା ଓ ସଂପାଦକ ଶଶିକାନ୍ତ ପ୍ରଧାନଙ୍କ ଠାରୁ ଶ୍ୟାମାଚରଣ ଦାସ ଓ ସୁଧିର କୁମାର କର ଦାୟିତ୍ୱ ଗ୍ରହଣ କରିଥିଲେ । ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ‘ସୁବର୍ଣ୍ଣ ରାଇବଣିଆ’ ଉନ୍ମୋଚିତ ହୋଇଥିଲା । ଜଳେଶ୍ୱରଠାରେ ଆଖି, ଦାନ୍ତ ଚିକିତ୍ସାକେନ୍ଦ୍ର ଖୋଲାଯିବା ସଂପର୍କରେ ଆଲୋଚନା ହୋଇଥିଲା । ଏଥିରେ ୨୩ଟି ହାଇସ୍କୁଲର ପ୍ରଧାନ ଶିକ୍ଷକ ମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଥମେ ଚନ୍ଦ୍ର ମୋହନ ରାଉଳ ଗ୍ରୁପ ସ୍ୱାଗତ ସଂଗୀତ ଗାନ କରିଥିବା ବେଳେ ସରୋଜ ପାଣିଗ୍ରାହି ବେଦପାଠ କରିଥିଲେ ।

## ସରକାରୀକୃତ ବନ୍ୟା ଯୋଗୁଁ ରାଜ୍ୟର ୧୦ ଲକ୍ଷ ଲୋକ ଦୁର୍ଦ୍ଦଶାରେ : ଶରତ ପଟ୍ଟନାୟକ

ଭୁବନେଶ୍ୱର,୨୬/୦୮ (ନି.ପ୍ର): ରାଜ୍ୟରେ ଦେଖା ଦେଇଥିବା ଭୟଙ୍କର ବନ୍ୟାରେ ୧୫ ଟି ଜିଲ୍ଲା ପ୍ରଭାବିତ ହୋଇଥିଲାବେଳେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ପାଣି ଘେରରେ ରହିଛନ୍ତି । ହଜାର ହଜାର ଏକର ଫସଲ ଜଳମଗ୍ନ ହୋଇ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିବାବେଳେ ଗୃହପାଳିତ ପଶୁ ନାହିଁ ନଥିବା ଯାତନା ଭୋଗୁଛନ୍ତି । ଲୋକଙ୍କ ପାଖରେ ରିଲିଫ୍ ପହଂଚିପାରିଲା ନାହିଁ କି ସରକାରୀ କଳ ଲୋକଙ୍କ ଦୁର୍ଦ୍ଦଶା ଆକଳନ କରିବା ପାଇଁ ଗ୍ରାଉଣ୍ଡ ଜିରୋରେ ପହଂଚିଲେ ନାହିଁ । ସରକାରଙ୍କର ଅଦୂରଦର୍ଶିତା ଓ ଅପରିଣାମଦର୍ଶିତା ପାଇଁ ରାଜ୍ୟବାସୀ ବନ୍ୟାରେ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି ବୋଲି ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶରତ ପଟ୍ଟନାୟକ ଅଭିଯୋଗ କରିଛନ୍ତି । ଯଦି ରାଜ୍ୟ ସରକାରଙ୍କର ସତ୍‌ସାହସ ଅଛି ଓ ବନ୍ୟାର ନିୟନ୍ତ୍ରଣ ପାଇଁ ସାମାନ୍ୟତମ ଆନ୍ତରିକତା ଅଛି ତେବେ ସର୍ବଦଳୀୟ ଓ ବିଶେଷଜ୍ଞମାନଙ୍କ ବୈଠକ ଡାକନ୍ତୁ ବୋଲି ଶ୍ରୀ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ ଆହ୍ୱାନ ଜଣାଇଛନ୍ତି । ଶୁକ୍ରବାର କଂଗ୍ରେସ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, କଂଗ୍ରେସ ଦଳ ପକ୍ଷରୁ ଏକ ବନ୍ୟା ଅନୁଧ୍ୟାନକାରୀ କମିଟି ରାଜ୍ୟର ପ୍ରଭାବିତ ୧୫ ଜିଲ୍ଲା ଗ୍ରସ୍ତ କରି ପରିସ୍ଥିତି ପରିଖିଥିଲେ ଓ ପ୍ରଭାବିତ ଲୋକମାନଙ୍କ ସହ ଆଲୋଚନା କରିଥିଲେ । ସେଥିରୁ ସରକାର କେବଳ ମିଛ ପ୍ରଚାରରେ ବ୍ୟସ୍ତ ବୋଲି ଜଣାପଡ଼ିଲା । ବନ୍ୟାର ବେଶ୍ ପୂର୍ବରୁ ଘାଇ ବନ୍ଧ ମରାମତି ପାଇଁ କୋଟି କୋଟି ଟଙ୍କା ବ୍ୟୟ ହୋଇଥିଲେ ମଧ ଏତେ ଘାଇ ସାରା ୧୫ ଟି ଜିଲ୍ଲାରେ କିଭଳି ହେଲା ଏହା ଏଥିପାଇଁ ସରକାର କାହାକୁ ଦାୟୀ କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି । କେତେ ବନ୍ୟା ଜଳ ଆସିବ ଓ କେତେ ଅଂଚଳ ପ୍ରଭାବିତ ହେବ ତା’ର ସମସ୍ତ ତଥ୍ୟ ଥାଇ ମଧ ସରକାର ଏବଂ ସରକାରଙ୍କ ପଦସ୍ତ ବାବୁମାନେ ସଠିକ୍ ଆକଳନ କରିବା ପରିବର୍ତେ ଗଣମାଧ୍ୟମରେ ବିଭ୍ରାନ୍ତିକର ସୂଚନା ଦେଇ ଲୋକଙ୍କୁ ଚରମ ଦୁର୍ଦ୍ଦଶା ଓ ଦୁର୍ଦ୍ଦିନ ଭିତରକୁ ଠେଲିଦେଲେ । ଅନେକ ସ୍ଥାନରେ ଘାଇ ହୋଇ ଲୋକ ଭାସିଗଲେ ହେଲେ ସରକାର ଜିରୋ କାଜୁଆଲଟିର ମିଛ ଗପ ଗପୁଛନ୍ତି । ବନ୍ୟା ଅନୁଧ୍ୟାନ କମିଟିର ଅଧ୍ୟକ୍ଷ ପଂଚାନନ କାନୁନ୍‌ଗୋ କହିଛନ୍ତି ଯେ, ଏହି ବନ୍ୟାରେ ୧୭ ଜଣଙ୍କ ଜୀବନ ଯାଇଛି । କିନ୍ତୁ ବନ୍ୟା ଛାଡ଼ିଯିବା ପରେ ଜଳବାହିତ ରୋଗ ଅତି ଗୁରୁତ୍ୱର ଆକରରେ ଧାରଣ କରିବାକୁ ଯାଉଛି । ସରକାର ସେଥିପ୍ରତି ଧ୍ୟନ ଦିଅନ୍ତୁ ଓ ବନ୍ୟାକ୍ଲିଷ୍ଟ ଲୋକଙ୍କୁ ହାଲୋଜିନ୍ ଟାବେଲ୍‌ଟ ଦିଆଯାଉ । ୧୫ ଦିନ ପାଇଁ ପ୍ରତି ଗାଇଗୋରୁ ଙ୍କ ପାଇଁ ୩ କେ.ଜି ଲେଖାଏଁ ଗୋଖାଦ୍ୟ ଦିଆଯାଉ । ବନ୍ୟାଂଚଳର ସମସ୍ତଙ୍କୁ ୩୦ ଫୁଟ ଲମ୍ବ ଓ ୬ ଫୁଟ ଚଉଡ଼ାର ପାଲ ଯୋଗାଇ ଦିଆଯାଉ । ସହଳ କିଷମର ବିହନ କୃଷକମାନଙ୍କୁ ତୁରନ୍ତ ଯୋଗାଇ ଦିଆଯାଉ । ମାଛ ଚାଷୀମାନଙ୍କୁ ଏକର ପିଛା ୧ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ । ୩୫ ହଜାର ହେକ୍ଟର ଧାନ ଫସଲରୁ ୧୫ ହଜାର ହେକ୍ଟର ସଂପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଛି । ତେଣୁ ହେକ୍ଟର ପିଛା ୩୦ ହଜାର ଟଙ୍କା କ୍ଷତିପୂରଣ ଦିଆଯାଉ । ସେହିଭଳି ପନିପରିବା ଚାଷ, ଚାଷୀ ଭାଇମାନଙ୍କୁ ଏକର ପିଛା ଅନ୍ୟୁନ ଏକ ଲକ୍ଷ ଟଙ୍କାର ଆର୍ଥିକ ସହାୟତା କରନ୍ତୁ । ପଶ୍ଚିମ ଓଡ଼ିଶାରେ ମରୁଡ଼ି ଓ ଏପଟେ ବନ୍ୟା ପରିସ୍ଥିତିର ମୁକାବିଲା କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାରେ ବିଫଳ ରାଜ୍ୟ ସରକାର ତୁରନ୍ତ ବିଶେଷଜ୍ଞ କମିଟି ଓ ସର୍ବଦଳୀୟ ବୈଠକ ଡାକନ୍ତୁ । ସାମ୍ବାଦିକ ସମ୍ମିଳନୀରେ ବିଧାୟକ ସୁରେଶ କୁମାର ରାଉତରାୟ , ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର ଓ ପି.ସି.ସି କୃଷକ ସେଲ୍‌ର ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ ଉପସ୍ଥିତ ଥିଲେ ।

## କୃଷକଙ୍କୁ ନେଇ ରାଜନୀତି କରୁଛନ୍ତି ମୁଖ୍ୟମନ୍ତ୍ରୀ: ଭଗୱନ୍ତ ଖୁବା

ଭୁବନେଶ୍ୱର,୨୬/୦୮ (ନି.ପ୍ର): ରାଜ୍ୟ ସରକାର ଯେତେ ପରିମାଣରେ କେନ୍ଦ୍ର ସରକାରଙ୍କୁ ସାର ମାଗିଛନ୍ତି ସେହି ପରିମାଣର ସାର କେନ୍ଦ୍ର ସରକାର ଯୋଗାଇ ଦେଇଛନ୍ତି । ଚଳିତ ଅଗଷ୍ଟ ୨୫, ୨୦୨୨ମସିହା ସୁଦ୍ଧା ରାଜ୍ୟ ସରକାର ୟୁରିଆ ସାର ୦.୦୮ଏଲଏମଟି ମାଗିଥିଲେ ଓ କେନ୍ଦ୍ର ସରକାର ୨.୦୪ଏଲଏମଟି ସାର ଯୋଗାଇ ଦେଇଛନ୍ତି । ସେହିପରି ଡିଏପିରେ ୦.୩୦ଏଲଏମଟି ମାଗିଥିଲେ ୦.୫୨ଏଲଇଟି, ଏମୋପି ୦.୨୫ଏଲଏମଟି ମାଗିଥିଲେ ୦.୪୫ଏଲଏମ୍‌ଟି, ଏନପିକେଏସ ୦.୪୦ମାଗିଥିଲେ କିନ୍ତୁ ୧.୩୭କୁ କେନ୍ଦ୍ର ସରକାର ଯୋଗାଇ ଦେଇଛନ୍ତି ବୋଲି ସାର ଓ ରସାୟନ ରାଷ୍ଟ୍ରମନ୍ତ୍ରୀ ଭଗୱନ୍ତ ଖୁବା କହିଛନ୍ତି । କୃଷକଙ୍କୁ ନେଇ ରାଜନୀତି କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଓଡ଼ିଶାର କୃଷକମାନଙ୍କୁ ଯେତିକି ସାର ଆବଶ୍ୟକ ତାହା କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଛି । ମୁଖ୍ୟମନ୍ତ୍ରୀ ମିଛ କୁହନ୍ତୁ ନାହିଁ କି ତାଙ୍କ ଅଫିସରମାନଙ୍କୁ ମଧ ମିଛ କହିବା ପାଇଁ ବାରଣ କରନ୍ତୁ । କେନ୍ଦ୍ର ସରକାର ସାର ଓ ରସାୟନ ବିଭାଗର ୱେବସାଇଟରେ ରାଜ୍ୟମାନଙ୍କୁ ଦିଆଯାଉଥିବା ସାରର ସବୁ ଡାଟା ପ୍ରତ୍ୟେକ ଦିନ ଅପଡେଟ ହୋଇଥାଏ । କେନ୍ଦ୍ର ରାଷ୍ଟ୍ର ସାର ଓ ରସାୟନ ବିଭାଗ ମନ୍ତ୍ରୀ ଭଗବତ ଖୁବା ରାଜ୍ୟର କୃଷକମାନଙ୍କୁ ଅପିଲ କରିଛନ୍ତି ଯେ, ସାର ଅଭାବୀ ଖବରକୁ ବିଶ୍ୱାସ ନକରନ୍ତୁ । ନିର୍ଦ୍ଧାରିତ ଦରଠାରୁ ଅଧିକ ଦାମ ଦିଅନ୍ତୁ ନାହିଁ ।

# ପୃଥକ୍ ପୃଥକ୍ ଘଟଣାରେ ପୋଖରୀରେ ବୁଡି ଦୁଇ ମୃତ

ଗଞ୍ଜାମ, ୨୬/୦୮ (ନି.ପ୍ର): ଗଞ୍ଜାମ ଜିଲ୍ଲା କୋଦଳା ଓ ବୁଗୁଡ଼ା ବ୍ଲକ ଅଂଚଳରେ ପୃଥକ୍ ପୃଥକ୍ ଘଟଣାରେ ପୋଖରୀରେ ବୁଡି ଦୁଇ ଜଣଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ଜଣେ ଯୁବକ ଓ ଅନ୍ୟ ଜଣେ ମହିଳା ରହିଛନ୍ତି । ଗଞ୍ଜାମ ଜିଲ୍ଲା କୋଦଳା ଥାନା ଅନ୍ତର୍ଗତ ଗୁଡିଆଳି ଗ୍ରାମ ସାନସାହିର ଜଣେ ଯୁବକ ବାବୁଲା ନାୟକ ଆଜି ସକାଳେ ପୋଖରୀରେ ଗାଧୋଉଥିବା ବେଳେ ଅସାବଧାନତାବଶତଃ ପାହାଚରୁ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ । ବାବୁଲା ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଚାରିଆଡେ ଖୋଜାଖୋଜି କରିଥିଲେ ଏବଂ ପରେ ପୋଖରୀରୁ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲେ । ବାବୁଲାଙ୍କୁ ଚିକିତ୍ସା ନିମନ୍ତେ କୋଦଳା ଡାକ୍ତରଖାନାରେ ଭର୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । କୋଦଳା ଥାନା ପୋଲିସ ମେଡିକାଲରେ ପହଂଚି ମୃତକଙ୍କ ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛି । ଏ ସଂକ୍ରାନ୍ତରେ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ ହୋଇଛି । ସେହିପରି ବୁଗୁଡ଼ା ବ୍ଲକ କଳମ୍ବ ପଂଚାୟତ ଅନ୍ତର୍ଗତ ଘୋଡ଼ାପଲ୍ଲୀ ଗ୍ରାମର ଜଣେ ମହିଳା ଆଜି ସକାଳେ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଅସାବଧାନତାବଶତଃ ପାହାଚରୁ ଗୋଡ ଖସିଯିବାରୁ ଗଭୀର ଜଳରାଶି ମଧ୍ୟକୁ ଚାଲିଯାଇଥିଲେ । ପରିବାର ଲୋକ ଓ ଗ୍ରାମବାସୀଙ୍କ ସହାୟତାରେ ପୋଖରୀରୁ ତାଙ୍କୁ ଅଚେତ୍ ଅବସ୍ଥାରେ ଉଦ୍ଧାର କରାଯାଇ ବୁଗୁଡ଼ା ମେଡିକାଲରେ ଭର୍ତି କରାଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ମହିଳାଙ୍କ ନାମ କନକ ସ୍ୱାଇଁ । ଖବର ପାଇ ବୁଗୁଡ଼ା ଥାନା ପୋଲିସ ଡାକ୍ତରଖାନାରେ ପହଂଚି ମୃତ ମହିଳାଙ୍କ ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ଭଞ୍ଜନଗର ଡାକ୍ତରଖାନାକୁ ପଠାଇଛି । ଥାନା ପକ୍ଷରୁ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ ହୋଇଛି ।

# ରେମୁଣା ପତୁକାଶାସନରେ ବୁଢ଼ାବଳଙ୍ଗ ନଦୀବନ୍ଧର ପଥର ପ୍ୟାକିଂ ଦାବି



ବାଲେଶ୍ୱର,୨୬/୦୮ (ନି.ପ୍ର): ବିଜେଡି ଏସି ସେଲର ଜିଲା ସଭାପତି ପ୍ରଫେସର ଶତ୍ରୁଘ୍ନ ମଲିକ ରେମୁଣା ବ୍ଲକର ଗଣ୍ଡର୍ଦ୍ଧା ପଞ୍ଚାୟତକୁ ଯାଇ ବୁଢ଼ାବଳଙ୍ଗ ନଦୀର ଦୁର୍ବଳବନ୍ଧ ଅଞ୍ଚଳ ପରିଦର୍ଶନ କରିଛନ୍ତି। ବିଶେଷ କରି ଏହି ପଞ୍ଚାୟତର ପତୁକାଶାସନ ଦେଇ ଯାଇଥିବା ବୁଢ଼ାବଳଙ୍ଗ ନଦୀର ଦୁର୍ବଳ ବନ୍ଧର ବିପଦପୂର୍ଣ୍ଣ ସ୍ଥାନକୁ ଯାଇ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଅବଗତ ହେବା ସହ ଏହାର ସ୍ଥାୟୀ ପ୍ରତିକାର ବାବଦରେ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିଛନ୍ତି। ୨୦୦୮ ମସିହାରୁ ନଦୀବନ୍ଧ ଦୁର୍ବଳ ହେବା ସହ ବନ୍ୟା ସମୟରେ ଅତଡ଼ା ଖସି ଚାଲିଥିବା ଗ୍ରାମବାସୀମାନେ ସୂଚନା ଦେଇଛନ୍ତି। ତେବେ ୨୦୧୩ ମସିହାର ଫାଇଲିନ ପ୍ରଭାବ ଜନିତ ବନ୍ୟାରେ ହୋଇଥିବା ଅଧିକ କ୍ଷତି ତଥା ଗ୍ରାମବାସୀଙ୍କ ବାରମ୍ବାର ଦାବି ଫଳରେ ନଦୀବନ୍ଧର କିଛିଅଂଶରେ ପଥର ପ୍ୟାକିଂ ଓ ବାକି ସ୍ଥାନରେ ବାଲିବସ୍ତା ଦିଆଯାଇଥିଲା। ଗତ ବନ୍ୟାରେ ମଧ୍ୟ ବନ୍ଧର ବିଭିନ୍ନ ସ୍ଥାନ ଧୋଇ ଯାଇଥିବା ଗ୍ରାମବାସୀମାନେ କହିଛନ୍ତି। ପ୍ରଫେସର ମଲିକ ବୁଢ଼ାବଳଙ୍ଗ ନଦୀବନ୍ଧ ବୁଲି ଦେଖିବା ପହ ପଥର ପ୍ୟାକିଂର ଆବଶ୍ୟକତା ଅନୁଭବ କରିଛନ୍ତି। ଗଣ୍ଡର୍ଦ୍ଧା ପଞ୍ଚାୟତର ବୁଢ଼ାବଳଙ୍ଗ ନଦୀବନ୍ଧ ସୁରକ୍ଷା ଓ ପଥର ପ୍ୟାକିଂ ନେଇ ସେ ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି। ନଦୀବନ୍ଧ ପରିଦର୍ଶନ ବେଳେ ପ୍ରଫେସର ମଲିକଙ୍କ ସହ ଜୟକୃଷ୍ଣ ବେହେରା, ରାମଚନ୍ଦ୍ର ଓଝା, ମହେନ୍ଦ୍ର ମହାନ୍ତି, ମାଧବ ଚନ୍ଦ୍ର ସାହୁ, ପୁରଷ୍ତମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଚାଷ କାମ କରିବାକୁ ଆସିଥିବା ଶ୍ରମିକର ପୁଅ ମୃତ

ଜଳେଶ୍ୱର, ୨୬/୮(ନିପ୍ର) : ଜଳେଶ୍ୱର ଥାନା ଅନ୍ତର୍ଗତ ବର୍ତ୍ତନା ପଂଚାୟତର ଖରିଦା ଗାଁର ପୁର୍ଣ୍ଣ ଚନ୍ଦ୍ର ହୁଇଙ୍କ ଘରକୁ ଚାଷ କାମ କରିବା ଲାଗି ବାରିପଦା ଶଂଖାଭାଂଗା ଅଂଚଳରୁ କେତେକ ଶ୍ରମିକ ଆସିଥିଲେ । ସୂର୍ଯ୍ୟ ଦେହୁରୀର ପୁଅ ଚନ୍ଦ ଦେହୁରୀର ୩ବର୍ଷର ଶିଶୁ ପୁତ୍ରକୁ ଗତ ୪ ଦିନ ଧରି ଜ୍ୱର ଲାଗି ରହିଥିବାରୁ ସେ ସ୍ଥାନୀୟ ଔଷଧ ଦୋକାନରୁ କିଛି ଔଷଧ ଆଣି ଖାଇବାକୁ ଦେଇଥିଲା । ଆଜି ତାର ଅବସ୍ଥା ଗୁରୁତର ହେବାରୁ ଜିକେଭଙ୍ଗର ହସ୍ପିଟାଲକୁ ଅଣାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ହେଲେ ତାର ବାପା ଶବ ବ୍ୟବଚ୍ଛେଦ ନ କରି ନିଜ ଗାଁକୁ ଫେରାଇ ନେଇଯାଇଥିବାକୁ ନେଇ ବହୁକଥା ଶୁଣିବାକୁ ମିଳୁଛି ।

## ମାଙ୍କଡ ଆକ୍ରମଣରେ ୨ ଗୁରୁତର

ବାଲିଆପାଳ, ୨୬/୦୮ (ନି.ପ୍ର): ଆଜି ବାଲିଆପାଳ କର୍ମଦା ରାସ୍ତାର ସନ୍ତୋଷୀମା ମନ୍ଦିର ନିକଟରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ମଟର ସାଇକେଲରେ ଆସୁଥିବା ଦୁଇ ଆରୋହୀଙ୍କ ଉପରକୁ ଅଚାନକ ଭାବରେ ମାଙ୍କଡ ଆକ୍ରମଣ କରିବା ଯୋଗୁଁ ଦୁଇ ଜଣ ଗୁରୁତର ହୋଇଛନ୍ତି । ଘଟଣାସ୍ଥଳରେ ଉପସ୍ଥିତ ଥିବା ସ୍ଥାନୀୟ ଲୋକମାନେ ଦୁଇ ଗୁରୁତରଙ୍କୁ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ଦୁଇ ଗୁରୁତରଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି । ତେବେ ମିଳିଥିବା ସୂଚନାରୁ ପ୍ରକାଶ ବାଲିଆପାଳ କର୍ମଦା ରାସ୍ତାର ବାଲିଆପାଳ ଅଭିମୁଖେ ଆସୁଥିବା ବଡତାଳପଦା ଗ୍ରାମର ପୂର୍ଣ୍ଣଚନ୍ଦ୍ର ସାହୁ(୬୦)ଙ୍କୁ ପାରୁଳିଆ ଗ୍ରାମର ପୁଷ୍ପଲତା ପ୍ରଧାନ(୪୫)ଲିଫ୍ଟ ମାଗି ଆସୁଥିଲେ । ସନ୍ତୋଷୀ ମା ମନ୍ଦିର ନିକଟରେ ଅଚାନକମାଙ୍କଡ ଆକ୍ରମଣ କରିବା ଫଳରେ ଦୁଇ ଜଣ ଗୁରୁତର ହୋଇଥିଲେ । ଖବର ଲେଖା ହେବା ପର୍ଯ୍ୟନ୍ତ ଦୁଇ ଗୁରୁତରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ତାଙ୍କ ପରିବାର ସୂତ୍ରରୁ ଜଣାପଡିଛି ।

# ଘରଡିହ ପଟ୍ଟା ପାଇଁ ତହସିଲଦାରଙ୍କୁ ଘେରିଲେ ଭୂମିହୀନ ପରିବାର



ବାଲେଶ୍ୱର,୨୬/୦୮ (ନି.ପ୍ର): ବାଲେଶ୍ୱର ସହର ତଳି ତଥା ରେମୁଣା ଅଞ୍ଚଳରେ ରେଳ ଧାରଣା ପାର୍ଶ୍ୱରେ ଦୀର୍ଘଦିନ ଧରି ବସବାସ କରୁଥିବା ଭୂମିହୀନ ପରିବାର ଘରଡିହ ପଟ୍ଟା ପାଇଁ ଶୁକ୍ରବାର ରେମୁଣା ତହସିଲଦାରଙ୍କ କାର୍ଯ୍ୟାଳୟ ଘେରାଓ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା ଯୋଗଦେଇ ଭୂମିହୀନ ପରିବାରଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି ସରକାରୀ ନିୟମ ଅନୁସାରେ ପ୍ରତ୍ୟେକ ଭୂମିହୀନ ପରିବାରଙ୍କୁ ଘରଡିହ ପାଇଁ ୪ ଡିସିମିଲ ଲେଖାଏଁ ଜମି ପ୍ରଦାନ ପାଇଁ ସେ ଦାବି କରିଛନ୍ତି। ଏ ବାବଦରେ ରେମୁଣା ତହସିଲଦାର ଉଚିତ ପଦକ୍ଷେପ ନେବା ସହ ଆବେଦନକାରୀ ପରିବାରଙ୍କୁ ତୁରନ୍ତ ଜମିପଟ୍ଟା ଯୋଗାଇ ଦେବାକୁ ଶ୍ରୀ ଜେନା କହିଛନ୍ତି। ନତୁବା ଆଗାମୀ ଦିନରେ ଭୂମିହୀନ ପରିବାର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ଅବସରରେ ଶ୍ରୀ ଜେନାଙ୍କ ନେତୃତ୍ୱରେ ଭୂମିହୀନ ପରିବାରଙ୍କ ପକ୍ଷରୁ ରେମୁଣା ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

## ଈଶ୍ୱର ଚନ୍ଦ୍ର ନାୟକ ପାଇବେ ଜାତୀୟ ଶିକ୍ଷକ ପୁରସ୍କାର

ଭୁବନେଶ୍ୱର,୨୬/୦୮ (ନି.ପ୍ର): ଚଳିତ ଗୁରୁଦିବସ ଅବସରରେ ରାଷ୍ଟ୍ରପତିଙ୍କଠାରୁ ଓଡ଼ିଶାର ଈଶ୍ୱର ଚନ୍ଦ୍ର ନାୟକ ଜାତୀୟ ଶିକ୍ଷକ ପୁରସ୍କାର ପାଇବେ। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଶ୍ରୀ ନାୟକଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ମନ୍ତ୍ରୀ ଶ୍ରୀ ଦାଶ ଶିକ୍ଷକତା ବୃତି ପ୍ରତି ଶ୍ରୀ ନାୟକଙ୍କର ନିଷ୍ଠା ଓ ସାମାଜିକ କର୍ତବ୍ୟବୋଧର ଉଚ୍ଚପ୍ରଶଂସା କରିଛନ୍ତି । ମନ୍ତ୍ରୀ ଶ୍ରୀ ଦାଶ ତାଙ୍କର ଉତୋରତର ଉନ୍ନତି କାମନା କରିବା ସହ ନିମାପଡ଼ା ତଥା ସମଗ୍ର ରାଜ୍ୟ ତାଙ୍କ ପାଇଁ ଗୌରବାନ୍ୱିତ ବୋଲି ଉଲ୍ଲେଖ କରିଛନ୍ତି। ଜାତୀୟ ଶିକ୍ଷକ ପୁରସ୍କାର ତାଲିକାରେ ଓଡ଼ିଶାର ଏକମାତ୍ର ଶିକ୍ଷକ ଭାବେ ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଶଗଡ଼ା ପଞ୍ଚାୟତ କନପୁର ପ୍ରାଥମିକ ବିଦ୍ୟାଳୟର ଈଶ୍ୱର ଚନ୍ଦ୍ର ନାୟକଙ୍କ ନାମ ପ୍ରକାଶିତ ହୋଇଥିବା ଜଣାପଡ଼ିବା ପରେ ସାରା ରାଜ୍ୟରେ ଆନ୍ଦର ଲହରୀ ଖେଳି ଯାଇଛି । ଅଧୁନା ଶ୍ରୀ ନାୟକ ନିମାପଡ଼ା ବ୍ଲକ ବାଙ୍ଗରୁଷପାଟଣା ଗ୍ରାମର ଈଶ୍ୱର ଚନ୍ଦ୍ର ସଗଡ଼ା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି। ଶ୍ରୀ ନାୟକ ପୂର୍ବରୁ ଅନେକ ଜାତୀୟ ଓ ରାଜ୍ୟସ୍ତରୀୟ ପୁରସ୍କାର ପାଇଛନ୍ତି । ନିକଟରେ ତାଙ୍କର ଲିଖିତ ପୁସ୍ତକକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବହୁ ପ୍ରଶଂସା ମିଳିଛି ।

## ବନ୍ୟାରେ ଉତ୍କଳ ବିପନ୍ନ ସହାୟତା ସମିତିର ସେବା କାର୍ଯ୍ୟ

ଭୁବନେଶ୍ୱର,୨୬/୦୮ (ନି.ପ୍ର): ଚଳିତ ବର୍ଷ ବନ୍ୟାରେ ୧୬ଟି ଜିଲ୍ଲା ପ୍ରଭାବିତ ହୋଇଛି ବୋଲି ସରକାରୀ ଭାବରେ ଘୋଷଣା କରାଯାଇଛି। ଏସ୍.ଆର.ସି.ଙ୍କ ଦ୍ୱାରା ବନ୍ୟା ଆଶଙ୍କା ଥିବାରୁ ବନ୍ୟା ଅଂଚଳମାନଙ୍କରେ ନିୟମିତ ବିବରଣୀ ପ୍ରକାଶ କରାଯାଇଥିବାରୁ ଧନ ଜୀବନ ହାନି ନ ହୋଇଥିଲେ ମଧ୍ୟ ଉକ୍ତ ଅଂଚଳରେ ଲୋକମାନଙ୍କର ଗୋଟିଏ ବର୍ଷର ଖାଦ୍ୟ ଯଥା-ଧାନ ଓ ପରିବାପତ୍ର ପଚିସଢି ନଷ୍ଟ ହୋଇଛି। ସମିତି ତରଫରୁ ବନ୍ୟା ପ୍ରପିଡୀତ ଅଂଚଳ ଯଥା-ଡେଲାଙ୍ଗ, ପିପିଲି, ଗୋପ, କଣାସ ଆଦି ସ୍ଥାନରେ ଶୁଖିଲା ଖାଦ୍ୟ, ଚୁଡା, ଗୁଡ, ବିସ୍କୁଟ ଆଦି ବଂଟନ କରାଯାଇ ଅଛି ବୋଲି ସମିତିର ସମ୍ପାଦକ ଅଚ୍ୟୁତାନନ୍ଦ ପାଣିଗ୍ରାହୀ ଜଣାଇ ଅଛନ୍ତି।

# ମାଧ୍ୟମିକ ଶିକ୍ଷକ ସଂଘ ତରଫରୁ ବନ୍ୟା ପୀଡିତଙ୍କୁ ରିଲିଫ ବଂଟନ



ବାଲିଆପାଳ, ୨୬/୦୮ (ନି.ପ୍ର): ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସି ୨୦ଟି ପଂଚାୟତର ୧୩୦ଟି ଗ୍ରାମ ପ୍ରଭାବିତ ହୋଇଥିବା ବେଳେ ଅସ୍ତି ପଂଚାୟତର ୧୦ରୁ ଉର୍ଦ୍ଧ୍ୱ ଗ୍ରାମର ଲୋକମାନେ ଜଳବନ୍ଦୀ ହୋଇରହିଥିଲେ । ଏହି ପ୍ରାକୃତିକ ବିର୍ପଜୟ ସମୟରେ ବନ୍ୟା ପୀଡିତଙ୍କୁ ସାହାଯ୍ୟ କରିବା ପାଇଁ ବାଲିଆପାଳ ବ୍ଲକ ମାଧମିକ ଶିକ୍ଷକ ସଂଘ ଆଗକୁ ଆସି ସାହାଯ୍ୟର ହାତ ବଢାଇଛି । ସଂଘ ତରଫରୁ ଅସ୍ତି ପଂଚାୟତର ଜଳବନ୍ଦୀ ଥିବା ବିଭିନ୍ନ ଗ୍ରାମରେ ଶୁଖିଲା ଖାଦ୍ୟ ବଂଟନ କରାଯାଇଛି। ଏହି ରିଲିଫ ବଂଟନ କାର୍ଯ୍ୟକ୍ରମରେ ମାଧମିକ ଶିକ୍ଷକ ସଂଘର ସଂପାଦକ ବିଜୟ କୁମାର ପାତ୍ର ନେତୃତ୍ୱନେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଜିଲା ଓଷ୍ଟା ସଂଘର ସଂପାଦକ ମନୋରଞ୍ଜନ ଦାସ, ଜଳେଶ୍ୱର ବ୍ଲକ ସଂପାଦକ ଅଜିତ କୁମାର ମହାନ୍ତି, ରାଇବଣିଆ ଜୋନ ସଂପାଦକ ବଂଶୀଧର ବାରିକ, ବାଲିଆପଳ ଓଷ୍ଟା ସଂଘର ଉପସଭାପତି ବିନୋଦ କୁମାର ଜେନା, ଶିକ୍ଷକ ସନ୍ୟାସୀ ପ୍ରଧାନ ପ୍ରମୁଖ ବନ୍ୟା ଅଂଚଳ ଗସ୍ତ କରି ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ବୁଝିବା ସହିତ ପ୍ରତ୍ୟେକ ପରିବାରକୁ ୨ ଦିନର ଶୁଖିଲା ଖାଦ୍ୟ ବଂଟନ କରିଥିଲେ । ଏହି ରିଲିଫ ବଂଟନ କାର୍ଯ୍ୟକ୍ରମରେ ଖାଳପାଖ ଗ୍ରାମର ଗ୍ରାମବାସୀମାନେ ଏହି ଶିକ୍ଷକମାନଙ୍କୁ ସହ ଯୋଗ କରିଥିଲେ।

# ଗାଁ ଗାଁରେ 'ପ୍ରଧାନମନ୍ତ୍ରୀ ମନ୍ କି ବାତ୍' ଶୁଣିବାକୁ ଆହ୍ୱାନ ଦେଲା ବିଜେପି

ଭୁବନେଶ୍ୱର,୨୬/୦୮ (ନି.ପ୍ର): ଦେଶର ପ୍ରଧାନମନ୍ତ୍ରୀ ଯଶସ୍ୱୀ ଶ୍ରୀ ନରେନ୍ଦ୍ର ମୋଦି ପ୍ରତ୍ୟେକ ମାସର ଶେଷ ରବିବାର ଦିନ ୧୧ଟା ବେଳେ 'ମନ୍ କି ବାତ୍' କାର୍ଯ୍ୟକ୍ରମ ମାଧ୍ୟମରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇଥାନ୍ତି। ୨୦୧୪ମସିହାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଶପଥ ନେବା ପରେ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଅଗଷ୍ଟ ୨୮ତାରିଖ ଦିନ ୯୨ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏବଂ ଏହାକୁ ଭାରତୀୟ ଜନତା ପାର୍ଟିର ସମସ୍ତ କାର୍ଯ୍ୟକର୍ତା, ଜନପ୍ରତିନିଧି ଓ ସାଧାରଣ ଜନତା ଶୁଣିବାକୁ ରାଜ୍ୟ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଅନୁରୋଧ କରିଛନ୍ତି। 'ମନ୍ କି ବାତ୍' ମାଧ୍ୟମରେ ପ୍ରଧାନମନ୍ତ୍ରୀ ରାଜନୈତିକ, ସାମାଜିକ ଏବଂ ଦେଶ ନିର୍ମାଣର କଥା କହିଥାନ୍ତି। ସ୍ୱଚ୍ଛତା, ବର୍ଯ୍ୟାବରଣ ସୁରକ୍ଷା, ବର୍ଜ୍ୟବସ୍ତୁ ପରିଚାଳନା, ମହିଳାଙ୍କ ସମ୍ମାନ, ସୁରକ୍ଷା ଓ ସ୍ୱାବଲମ୍ବି, ଯୁବକଙ୍କ ରୋଜଗାର, କୃଷକମାନେ ଆୟକୁ ଦୁଇଗଣା କରିବେ ସେ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକଙ୍କ ପାଖରେ ସିଧାସଳଖ 'ମନ କି ବାତ୍' କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ପାଖରେ ପଂହଚାଇଥାନ୍ତି । ଶ୍ରୀ ମୋଦି ବିଶ୍ୱର ଏକମାତ୍ର ଜନନେତା ଯିଏ କି ବିଭିନ୍ନ ବିଷୟକୁ ଯାହାକି ସମସ୍ତଙ୍କ ମଙ୍ଗଳ ନିମନ୍ତେ ଉର୍ଦ୍ଦିଷ୍ଟ ତାହା କରୁଛନ୍ତି। 'ମନ୍ କି ବାତ୍' ଭାରତ ବର୍ଷରେ ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି। 'ମନ କି ବାତ୍' କାର୍ଯ୍ୟକ୍ରମ ମାଧ୍ୟମରେ ଦେଶର ବହୁ ମାତ୍ରରେ ଉନ୍ନତି ଘଟିଛି ବୋଲି ଡ. ଲେଖାଶ୍ରୀ କହିଛନ୍ତି। ଓଡିଶାରେ ବିଭିନ୍ନ ଆଳ ଦେଖାଇ ରବିବାର ବିଦ୍ୟୁତ ବିଭାଗ ଅଧିକାରୀମାନେ ପାୱାର କଟ୍ କରୁଛନ୍ତି। ଅଗଷ୍ଟ ୨୮ତାରିଖ ଦିନ ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ' କାର୍ଯ୍ୟକ୍ରମ ରହିଛି ସେ ନେଇ ପାୱାର କଟ୍ ନକରିବାକୁ ଟାଟା ପାୱାର କର୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି। ଏ ସଂପର୍କରେ ଶକ୍ତି ବିଭାଗ ଓ ଟାଟା ଅଧିକାରୀଙ୍କୁ ପତ୍ର ଦିଆଯାଇଛି ବୋଲି ଡ. ଲେଖାଶ୍ରୀ କହିଛନ୍ତି। ଏହି ଅବସରରେ ରାଜ୍ୟ ମୁଖପାତ୍ର ଠାକୁର ରଞ୍ଜିତ ଦାସ ଓ ରମାରଞ୍ଜନ ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟରେ ନୂଆ ୨୬୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୬/୦୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୬୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୨୬୩୮୩ କୁ ବୃଦ୍ଧି ପାଇଛି । ନୂଆ ଚିହ୍ନଟ ୨୬୨ ଆକ୍ରାନ୍ତଙ୍କ ମଧ୍ୟରୁ ୧୫୩ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୧୦୯ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି । ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୪୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୪୨୧ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୧୫୧୭୩ ରେ ପହଂଚିଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୯୮୭ ରହିଛି । ରାଜ୍ୟରେ ଆଜି ଚିହ୍ନଟ ହୋଇଥିବା ୨୬୨ ସଂକ୍ରମିତଙ୍କ ମଧ୍ୟରୁ ଅନୁଗୁଳ ଜିଲ୍ଲାରେ ୧, ବାଲେଶ୍ୱର ଜିଲ୍ଲାରେ ୨, ବରଗଡ ଜିଲ୍ଲାରେ ୫, ଭଦ୍ରକ ଜିଲ୍ଲାରେ ୩, ବଲାଙ୍ଗିର ଜିଲ୍ଲାରେ ୧୭, ବୌଦ୍ଧ ଜିଲ୍ଲାରେ ୭, କଟକ ଜିଲ୍ଲାରେ ୧୫, ଦେବଗଡ ଜିଲ୍ଲାରେ ୪, ଗଜପତି ଜିଲ୍ଲାରେ ୧୧, ଗଞ୍ଜାମ ଜିଲ୍ଲାରେ ୧, ଯାଜପୁର ଜିଲ୍ଲାରେ ୫, ଝାରସୁଗୁଡ଼ା ଜିଲ୍ଲାରେ ୫, କଳାହାଣ୍ଡି ଜିଲ୍ଲାରେ ୧, କନ୍ଧମାଳ ଜିଲ୍ଲାରେ ୯ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରେ ୨ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୫୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୨, ମୟୁରଭଞ୍ଜ ଜିଲ୍ଲାରେ ୯, ନବରଙ୍ଗପୁର ଜିଲ୍ଲାରେ ୯, ନୟାଗଡ ଜିଲ୍ଲାରେ ୬, ନୂଆପଡ଼ା ଜିଲ୍ଲାରେ ୬, ପୁରୀ ଜିଲ୍ଲାରେ ୭, ରାୟଗଡ଼ା ଜିଲ୍ଲାରେ ୨, ସମ୍ବଲପୁର ଜିଲ୍ଲାରେ ୧୬, ସୋନପୁର ଜିଲ୍ଲାରେ ୧, ସୁନ୍ଦରଗଡ ଜିଲ୍ଲାରେ ୫୩ ଓ ଷ୍ଟେଟ ପୁଲରେ ୧୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ଚଳିତ ବର୍ଷ ବନ୍ୟାର ପ୍ରଥମ ଘାଇକୁ ପରିଦର୍ଶନରେ ବିଜୟ ମହାପାତ୍ର



ପୁରୀ, ୨୬/୦୮ (ନି.ପ୍ର): ରାଜ୍ୟରେ ଚଳିତ ବର୍ଷ ବନ୍ୟାରେ କୁଶଭଦ୍ରା ନଦିରେ ପ୍ରଥମ ଘାଇ ପୁରୀ ଜିଲ୍ଲାର ଗୋପ ବ୍ଲକ ଅଧିନସ୍ଥ ବେଦପୁର ପଞ୍ଚାୟତର ଖଡ଼ିଆକୁଦ ଠାରେ ହୋଇଥିବା ଘାଇକୁ ୧୦ ଦିନ ପରେ ବିଜୟ ମହାପାତ୍ର ପରିଦର୍ଶନ କଲେ । ତାଙ୍କ ସହିତ ନିମାପଡା ନିର୍ବାଚିତ ମଣ୍ଡଳୀ ପୂର୍ବତନ ବିଧାୟକ ବେଣୁଧର ସେଠି ମଧ୍ୟ ସାଙ୍ଗରେ ଥିଲେ । ଶ୍ରୀ ମହାପାତ୍ର କହିଥିଲେ ମୁ ବିଜୁ ବାବୁଙ୍କ ଅମଳରେ ଜଳ ସମ୍ପଦ ମନ୍ତ୍ରୀ ଥିଲାବେଳେ ମହାନଦୀର ବନ୍ଧ ଗୁଡିକ ଯେଉଁ ଭଳି ସୁଦୃଢ ଭାବେ କାର୍ଯ୍ୟ ହେଉଥିଲା ତାହା ଏବେ ଆଉ ପରିଲକ୍ଷିତ ହେଉନାହିଁ । ମହାନଦୀର ବନ୍ଧ ଗୁଡିକର ସୁରକ୍ଷା ପାଇଁ ମହାନଦୀର ବନ୍ଧର ସ୍ୱତନ୍ତ୍ର ନିୟମ ରହିଛି ଯାହା ଏବେ କାର୍ଯ୍ୟାକାରି ହେଉନାହିଁ। ଚଳିତ ବର୍ଷ ବନ୍ୟା ପାଇଁ ରାଜ୍ୟ ସରକାରଙ୍କୁ ପ୍ରତେକ୍ଷ ଭାବେ ଦାୟୀ । ଏଠି ଠିକାଦାର ମାନେ ଯେଉଁ କାର୍ଯ୍ୟ କରୁଛନ୍ତି ତାର ଶତକଡା ଷାଠିଏ ଭାଗ ପିସି ଦେଉଛନ୍ତି ଆଉ ନଦୀ ବନ୍ଧର ସୁରକ୍ଷା ହୋଇପାରିବ କିପରି ? ବନ୍ୟା ପିଡିତଙ୍କୁ ଭେଟି ତାଙ୍କ ସହ ବିଭିନ୍ନ ଆଲୋଚନା କରିଥିଲେ। ଯଦିଓ ଏହା ତାଙ୍କର କୌଣସି ଦଳୀୟ କାର୍ଯ୍ୟକ୍ରମ ନଥିଲା କିନ୍ତୁ ବିଜେପି ଦଳର ବରିଷ୍ଠ ନେତା ହୋଇଥିଲେ ମଧ୍ୟ ସ୍ଥାନୀୟ ଦଳୀୟ କର୍ମୀ ସହ ନେତାଙ୍କ ଅନୁପସ୍ଥିତ ଦ୍ୱାରା କଥା ଟି ଭିନ୍ନ ମୋଡ଼ ନେଉଥିବାର ଅନୁମାନ କରାଯାଏ ବୋଲି ସାଧାରଣ ରେ ଚର୍ଚ୍ଚା ହେଉଛି।

# ହାତୀ ଆକ୍ରମଣରେ ମୃତ୍ୟୁ ଘଟଣା : ବିଧାୟକ ଓ ବିଜେଡି ଜିଲ୍ଲା ସଭାପତିଙ୍କ ଆର୍ଥିକ ସହାୟତା



ବାରିପଦା, ୨୬/୦୮ (ନି.ପ୍ର): ମୟୂରଭଂଜ ଜିଲ୍ଲା ମୋରଡା ବ୍ଲକ ଅଂଚଳରେ ହାତୀ ଆକ୍ରମଣରେ ମୃତ୍ୟୁ ବରଣ କରିଥିବା ପରିବାର ବର୍ଗଙ୍କୁ ସ୍ଥାନୀୟ ମରୋଡା ବିଧାୟକ ରାଜକିଶୋର ଦାସ ଏବଂ ବିଜେଡି ଜିଲ୍ଲା ସଭାପତି ସୁଦାମ ମାରାଣ୍ଡି ଆଜି ସାକ୍ଷାତ କରି ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହିତ ର୍ଥିକ ସହାୟତା ପ୍ରଦାନ କରିଥିବାର ଜଣାଯାଇଛି । ଗତ ୨୩ ତାରିଖ ମଙ୍ଗଳବାର ରାସଗୋବିନ୍ଦପୁର ରେଂଜ ଓ ବେତନଟି ରେଂଜରେ ହାତୀ ଆକ୍ରମଣରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିଲା । ମୃତକ ଦୁଇ ଜଣ ହେଲେ ମୋରଡା ବ୍ଲକ ଅନ୍ତର୍ଗତ ସଙ୍ଗାଡିହି ଗ୍ରାମର ଧନଂଜୟ ହାଁସଦା ଓ ଡାଙ୍ଗରବିଲା ଗ୍ରାମର ଶ୍ରୀମନ୍ତ ହାଁସଦା । ଝାଡଖଣ୍ଡି ହାତୀପଲ ଡାଙ୍ଗରବିଲା ଗ୍ରାମରେ ପଶି ଧାନ ଚାଉଳ ଖାଇବା ସହିତ ଯୁବକ ଶ୍ରୀମନ୍ତ ହାଁସଦାଙ୍କୁ ରାତିରେ ଘରେ ଶୋଇ ଥିବା ବେଳେ ହାତୀ ଦଳି ଦେଇଥିଲା । ସେହିପରି ସଙ୍ଗାଡିହି ଗ୍ରାମରେ ଗାଈ ଚରାଉ ଥିବା ଧନଂଜୟ ନାମକ ଯୁବକକୁ ହାତୀ ଦଳି ଚକଟି ମରିଦେଇଥିଲା । ତେବେ ଆଜି ମୃତକଙ୍କ ପରିବାର ବର୍ଗ କୁଭେଟି ବିଧାୟକ ଏବଂ ବିଜେଡି ଜିଲ୍ଲା ସଭାପତି ଦୁଇ ପରିବାର କୁ ୨୦ ହଜାର ଲେଖାଏଁ ଅର୍ଥ ରାଶି ପ୍ରଦାନ କରିଥିବା ବେଳେ ଜିଲ୍ଲା ରେଡକ୍ରସ ପକ୍ଷରୁ ୧୦ ହଜାର ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି । ଅପରପଟେ ବନବିଭଗ ପକ୍ଷରୁ ମୃତକଙ୍କ ପରିବାରକୁ ୪ ଲକ୍ଷ ଲେଖାଏଁ ସରକାରୀ ସହାୟତା ରାଶି ତୁରନ୍ତ ପ୍ରଦାନ କରିବାକୁ ବନବିଭାଗ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିବାର ଜଣାଯାଇଛି । ମୃତକଙ୍କ ପରିବାରକୁ ଭେଟିବା ସମୟରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଭାଦବ ହାଁସଦା, ମୋରଡା ବ୍ଲକ ଚେୟାରମ୍ୟାନ ପିଥନାଥ ସୋରେନ, ଜିଲ୍ଲାପରିଷଦ ସଭ୍ୟା ମିନାକ୍ଷୀ ସୋରେନ, ମୋରଡା ତହସିଲଦାର ଅନନ୍ତ ହାସଦାଃ ପ୍ରମୁଖ ଉପସ୍ଥିତ ଥିଲେ ।

# ବୀମା କମ୍ପାନୀମାନଙ୍କଠାରୁ ନିର୍ବାଚନ ବେଳେ ବିଜେଡି ଶହେ କୋଟି ଟଙ୍କା ଚାନ୍ଦା ନେଇଛି : ବିଜେପି

ଭୁବନେଶ୍ୱର,୨୬/୦୮ (ନି.ପ୍ର): ଚାଷୀର ବଳ କହୁଥିବା ବିଜୁ ଜନତା ଦଳ ଏବେ ଚାଷୀଙ୍କ ସମସ୍ୟା ଓ ସଂକଟ ବେଳେ ହାତବାନ୍ଧି ବସି ରହିବା ଦୁର୍ଭାଗ୍ୟଜନକ ବୋଲି ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ୨୦୨୦-୨୧ ଖରିଫ ଋତୁରେ ଓଡିଶାର ଚାଷୀଙ୍କ ପ୍ରଧାନମନ୍ତ୍ରୀ ଫସଲବୀମା କରିବା ପାଇଁ ଚୁକ୍ତିପତ୍ର ସ୍ୱାକ୍ଷର କରିଥିଲେ ରାଜ୍ୟ ସରକାର। କିନ୍ତୁ ଅନାବୃଷ୍ଟି କାରଣରୁ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଭୟଙ୍କର ମରୁଡି ସ୍ଥିତି ଉପୂନ୍ନ ହୋଇଥିଲା। ବୀମା କମ୍ପାନୀମାନେ ଓଡ଼ିଶାର ଚାଷୀମାନଙ୍କୁ ବୀମା କ୍ଷତିପୂରଣ ଦେଉନାହାନ୍ତି। ସେପଟେ ବିଜୁ ଜନତା ଦଳ ଗତ ପଂଚାୟତ ଓ ପୌର ନିର୍ବାଚନ ସମୟରେ ଏହି ବୀମା କମ୍ପାନୀମାନଙ୍କଠାରୁ ୧୦୦କୋଟି ଟଙ୍କା ନିର୍ବାଚନୀ ପାଣ୍ଠି ସଂଗ୍ରହ କରି କମ୍ପାନୀମାନଙ୍କୁ ସୁରକ୍ଷା ଦେବାର କାମ କରୁଛି ବୋଲି ଶ୍ରୀ ପୁରୋହିତ ଅଭିଯୋଗ କରିଛନ୍ତି। ତୁରନ୍ତ ଚାଷୀଙ୍କୁ ଉକ୍ତ ପ୍ରାକୃତିକ ଦୁର୍ବିପାକ ପାଣ୍ଠିରୁ ସହାୟତା ପ୍ରଦାନ କରନ୍ତୁ ଏବଂ ଚାଷୀର ଖରିଫ ଫସଲ ବନ୍ୟାରେ ଉଜୁଡି ଯାଇଥିବାରୁ ତା'ପାଖରେ ରବି ଫସଲ ହିଁ ଏକମାତ୍ର ବିକଳ୍ପ। ତେଣୁ ତୁରନ୍ତ ଚାଷୀଙ୍କୁ ରବି ଫସଲ ପାଇଁ ବିହନ, ସାର ଓ କୀଟ ନାଶକ ମାଗଣାରେ ଯୋଗାଇ ଦେବା ପାଇଁ ଶ୍ରୀ ପୁରୋହିତ ଦାବି କରିଛନ୍ତି। ବିଜେପି କୃଷକ ମୋର୍ଚ୍ଚାର ଏକ ପ୍ରତିନିଧି ମଣ୍ଡଳୀ ଆଜି ରାଜ୍ୟ କୃଷି ବିଭାଗ ସଚିବ ଅରବିନ୍ଦ ପାଢ଼ୀଙ୍କୁ ଭେଟି ଆଲୋଚନା କରିବା ପରେ ଏଥିପ୍ରତି ଯତ୍ନବାନ ହେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କୃଷକ ମୋର୍ଚ୍ଚାର ରାଜ୍ୟ ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ ଉପସ୍ଥିତ ଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo